ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୭/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, April 17/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 142 | ମୂଲ୍ୟ ₹୭/-

ଭେଙ୍କଟେଶ ଆୟାରଙ୍କ ଶତକ

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ଶତକ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସର ଭେଙ୍କଟେଶ ଆୟାର।

୧୨ ୧୦

ବୟଫ୍ରେଣ୍ଡ ସହ ଗ୍ରୀଷ୍ମଛୁଟିରେ ଜାହ୍ନବୀ

ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ବୟଫ୍ରେଣ୍ଡ ଶେଖର ପାହାଡ଼ିଆଙ୍କ ସହ ରବିବାର ସକାଳୁ ଗ୍ରୀଷ୍ମଛୁଟି କଟାଇବାକୁ ବାହାରିଛନ୍ତି।

ଓଡ଼ିଶା ଫ୍ୟାଶନ ଭିଲା ପକ୍ଷରୁ ରବିବାର ଭୁବନେଶ୍ୱର ନିକୋପାର୍କ ନିକଟ ୯ ଷ୍ଟ୍ରିଟ୍ କନ୍‌ଭେନ୍‌ଶନ ହଲ୍‌ଠାରେ ଆୟୋଜିତ 'କଳିଙ୍ଗ ରାଜକୁମାରୀ'ରେ 'ଦି ମିସ୍ ଓଡ଼ିଶା' ମୁକୁଟ ପିନ୍ଧିଥିବା ଆଦ୍ୟାଶା ପ୍ରିୟଦର୍ଶିନୀ ।

ଡିଜିପି କହୁଛନ୍ତି ଶାନ୍ତି, ଚାଲିଛି ଜଳାପୋଡ଼ା

ସାମ୍ପ୍ରଦାୟିକ ଦଙ୍ଗା ଯୋଗୁ ସମ୍ବଲପୁର ସହର ବୁଧବାରଠାରୁ ଅଶାନ୍ତ ହୋଇପଡ଼ିଥିବାବେଳେ ଶାନ୍ତି ଫେରୁଥିବା ଡିଜିପି ସୁନୀଲ ବଂଶଲ କହିଛନ୍ତି। କିନ୍ତୁ ରବିବାର ଭୋରରେ ପୁଣି ଏକ ଘରେ ନିଆଁ ଲଗାଇ ଦିଆଯାଇଛି। ତାହାପୁଣି କର୍ଫ୍ୟୁ ବଳବତ୍ତର ଥିବା ସମୟରେ। ଏଥିରୁ ସ୍ପଷ୍ଟ ଯେ ପୋଲିସ ଛାଉଣୀ ମଧ୍ୟରେ ଥିବା ସହରରେ ଉତ୍ତେଜନା ଥମିନାହିଁ।

ସମ୍ବଲପୁର ସାମ୍ପ୍ରଦାୟିକ ଦଙ୍ଗା ଘଟଣା

- **୭୯ ଜଣ ଗିରଫ ହେଲେଣି**
- **ଆଜିଠୁ କର୍ଫ୍ୟୁ କୋହଳ ସମୟ ବୃଦ୍ଧିଃ ଜିଲା ପ୍ରଶାସନ**

ସମ୍ବଲପୁର,୧୬।୪(ବ୍ୟୁରୋ)

ହନୁମାନ ଜୟନ୍ତୀ ଉପଲକ୍ଷେ ଗତ ବୁଧବାର ସମ୍ବଲପୁର ସହରରେ ବାଇକ୍ ଶୋଭାଯାତ୍ରାବେଳେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଶୁକ୍ରବାର ହନୁମାନ ଜୟନ୍ତୀରେ ଶୋଭାଯାତ୍ରା ଚାଲିଥିବାବେଳେ ପୁଣି ପଥରମାଡ଼, ପୋଡ଼ାଜଳା, ଭଙ୍ଗାରୁଜା ସମେତ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଫଳରେ ସେହିଦିନ ମଧ୍ୟରାତ୍ରିରୁ ସହରରେ କର୍ଫ୍ୟୁ ଜାରି ରହିଛି। ମୁସଲିମ୍ ସାହିବସ୍ତି ଅଞ୍ଚଳ, ସମ୍ବେଦନଶୀଳ ସ୍ଥାନ ଏବଂ ପ୍ରମୁଖ ଛକ ଓ ରାସ୍ତା ପୋଲିସ ଛାଉଣୀ ପାଲଟିଛି। ପୋଲିସ ଡିଜି ସୁନୀଲ ବଂଶଲ ଶନିବାରଠାରୁ ସମ୍ବଲପୁରରେ ରହି ସ୍ଥିତି ଅନୁଧ୍ୟାନ କରିବା ସହ ଶାନ୍ତି ଫେରୁଥିବା କହିଛନ୍ତି। କିନ୍ତୁ ରବିବାର ଭୋର୍ ସମୟରେ ଟାଉନଥାନା ଅନ୍ତର୍ଗତ ତଅଁଲାପଡ଼ାରେ ରହୁଥିବା ମୁସଲମାନ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲଗାଇ ଦିଆଯାଇଛି। ଏଥିରେ ଘରର କେତେକ ଆସବାବପତ୍ର ପୋଡ଼ିଯାଇଛି। ଏଥିରୁ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇ ନ ଥିବା ସ୍ପଷ୍ଟ ହେଉଛି। ବୁଧବାର ଘଟଣା ପରେ ଶୁକ୍ରବାର ପୁଣି ବଡ଼ଧରଣର ସାମ୍ପ୍ରଦାୟିକ ହିଂସା ଘଟିବା ପୋଲିସ ଓ ପ୍ରଶାସନର ବିଫଳତାକୁ ପଦାରେ ପକାଇଥିଲା। ତଥାପି ପୋଲିସ ଓ ପ୍ରଶାସନ ତ୍ରୁଟି ସୁଧାରି ପାରି ନ ଥିବାରୁ ରବିବାର ମଧ୍ୟ ପୋଡ଼ାଜଳା ହୋଇଛି। ଶାନ୍ତି ପ୍ରତିଷ୍ଠା ପାଇଁ ଉପଯୁକ୍ତ ପଦକ୍ଷେପ ନିଆ ନ ଯାଇ ଯଦି ସୁରକ୍ଷା ବ୍ୟବସ୍ଥା ହଟାଯାଏ, ତା'ହେଲେ ପୁଣିଥରେ ପୋଡ଼ାଜଳା, ହତ୍ୟାକାଣ୍ଡ ଭଳି ଘଟଣା ଘଟିବା ଆଶଙ୍କା ଥିବା ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ରବିବାର ଘରେ ନିଆଁ ଲଗାଇ ଦିଆଯିବା ଘଟଣାରେ ପୋଲିସ ୨ ମହିଳାଙ୍କ ସମେତ ତଅଁଲାପଡ଼ାର ୭ରୁ ୮ ଜଣ ଯୁବକଙ୍କୁ ଉଠାଇ ନେଇଛି। ତେବେ ଦୋଷୀମାନଙ୍କ ବଦଳରେ ନିରୀହମାନଙ୍କୁ ପୋଲିସ ଗିରଫ କରୁଥିବା ଅଭିଯୋଗରେ ତଅଁଲାପଡ଼ା,ବାଲିବନ୍ଦା ଓ ଚିତ୍ରଗୁପ୍ତ ମନ୍ଦିର ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଏସ୍‌ପି ଅଫିସରେ ଡିଜିପି ବଂଶଲ ସମୀକ୍ଷା ବୈଠକ କରି କହିଛନ୍ତି, ସ୍ଥିତି ନିୟନ୍ତ୍ରଣକୁ ଆସୁଛି। ୨ ଦିନ ଭିତରେ ସ୍ୱାଭାବିକ ହୋଇଯିବ। ଜନସାଧାରଣ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

କର୍ଫ୍ୟୁ ବଳବତ୍ତର ଥିବାରୁ ଦୋକାନ ବଜାର ବନ୍ଦ ରହିଛି। ଏଥିଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଧାରିତ କର୍ଫ୍ୟୁ କୋହଳ ସମୟରେ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ କରିବାକୁ ଯାହା ସୁଯୋଗ ମିଳୁଛି। ଏଭଳିସ୍ଥଳେ ସୋମବାରଠାରୁ କର୍ଫ୍ୟୁ କୋହଳ ସମୟ ବୃଦ୍ଧି ଘଟିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏନେଇ ସମ୍ବଲପୁର ଉପଜିଲାପାଳ ରବିବାର ସନ୍ଧ୍ୟାରେ ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ସୋମବାରଠାରୁ ସକାଳ ସାଢ଼େ ୭ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ଏବଂ ଅପରାହ୍ନ ସାଢ଼େ ୩ଟାରୁ ସନ୍ଧ୍ୟା ୬ ଯାଏ କର୍ଫ୍ୟୁ କୋହଳ ହେବ। ତେବେ କର୍ଫ୍ୟୁବେଳେ ଲାଗୁଥିବା ଅନ୍ୟ କଟକଣା ଜାରି ରହିବ ବୋଲି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି।

ସହରରେ ଚାପା ଉତ୍ତେଜନା ଥିବାବେଳେ ଲୋକେମାନେ ସମ୍ଭାବ୍ୟ ହିଂସା ଭୟରେ ସେଭଳି ଜରୁରୀ ଆବଶ୍ୟକତା ନ ହେଲେ ଘରୁ ବାହାରୁନାହାନ୍ତି। ଗତ ବୁଧବାର ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ୨୬ ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ହିଂସା ଘଟଣାରେ ୫୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଭିଡିଓ ଏବଂ ସିସିଟିଭି ଫୁଟେଜ୍ ମାଧ୍ୟମରେ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସମ୍ବଲପୁର ଏସ୍‌ପି ବାଡୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ସେହିପରି ଶୋଭାଯାତ୍ରାରେ ସାମିଲ ହୋଇ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରୁଥିବା ଯୁବକ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କୁ ହତ୍ୟା ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୁନାପାଲି ଅଞ୍ଚଳରୁ କେତେଜଣଙ୍କ ଘରେ ପୋଲିସ ଚଢାଉ କରି ୧୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ଟି ପ୍ଲାଷ୍ଟିକ ଟ୍ରେରେ ଧାରୁଆ ପଥର ଜବତ କରିଥିଲା। ଏଥିରୁ ଦଙ୍ଗା ଘଟାଇବା ପାଇଁ ପୂର୍ବରୁ ଯୋଜନା ହୋଇଥିବା ଜଣାପଡୁଛି ବୋଲି ଏସ୍‌ପି ଗଙ୍ଗାଧର କହିଛନ୍ତି। ଅନ୍ୟପକ୍ଷରେ ସହରରେ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ପୁଲୱାମା ମାରିଲା ଅତିକ୍‌ଙ୍କୁ

'ସତ୍ୟପାଲଙ୍କ ମନ୍ତବ୍ୟରୁ ଧ୍ୟାନ ହଟାଇବା ପାଇଁ ହତ୍ୟା'

ଅଶ୍ରଫ୍ ଅହମ୍ମଦ | ଅତିକ୍ ଅହମ୍ମଦ

ଅତିକ୍, ଅଶ୍ରଫ୍ ହତ୍ୟାକାଣ୍ଡ

- **ୟୁପିରେ ଅରାଜକତା, ଜଙ୍ଗଲରାଜ: କଂଗ୍ରେସ**
- **ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ଦାବି କଲେ ଓୱାଇସି**

ନୂଆଦିଲ୍ଲୀ/ ଲକ୍ଷ୍ନୌ/ ପ୍ରୟାଗରାଜ,୧୬।୪

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦ ଓ ଭାଇ ଅଶ୍ରଫ୍ ଅହମ୍ମଦଙ୍କୁ ଶନିବାର ରାତିରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯିବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡ ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନ ବ୍ୟବସ୍ଥାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଜମ୍ମୁ–କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ପୁଲୱାମା ଆକ୍ରମଣ ପ୍ରସଙ୍ଗରେ କରିଥିବା ଚାଞ୍ଚଲ୍ୟକର ପ୍ରଘଟରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚାଯାଇଥିବା ବିରୋଧୀ ନେତାମାନେ ସମାଲୋଚନା କରିଛନ୍ତି।

୨୦୧୯ ଫେବୃୟାରୀ ୧୪ରେ ପୁଲୱାମାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଗାଡ଼ିକୁ ଆତଙ୍କବାଦୀମାନେ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇଦେବାରୁ ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। 'ଦି ୱେର୍ ନ୍ୟୁଜ୍ ପୋର୍ଟାଲ ପାଇଁ ବରିଷ୍ଠ ଖବରଦାତା କରନ ଥାପରଙ୍କୁ ଶୁକ୍ରବାର ସାକ୍ଷାତ୍‌କାର ଦେଇ ସତ୍ୟପାଲ କହିଥିଲେ, ଭାଜପା ଏହି ଆକ୍ରମଣକୁ ନିର୍ବାଚନୀ ପ୍ରସଙ୍ଗରେ ପରିଣତ କରିଥିଲା। ସତ୍ୟପାଲ ରାଜ୍ୟପାଳ ଭାବେ ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ଦାୟୀ କରି ରିପୋର୍ଟ ଦେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଚୁପ୍ ରହିବା ପାଇଁ କହିଥିଲେ। ତାଙ୍କ ସାକ୍ଷାତ୍‌କାର ଶନିବାର ଅନେକ ଗଣମାଧ୍ୟମରେ ଛାଇଯାଇଥିବାବେଳେ ଅତିକ୍ ଓ ଅଶ୍ରଫ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ☞ପୃଷ୍ଠା–୪

୪୩ ଡିଗ୍ରୀ ଛୁଇଁଲା ଝାରସୁଗୁଡ଼ା

ସାରା ରାଜ୍ୟରେ ଗୁଳୁଗୁଳି

- **୪୧ ଡିଗ୍ରୀ ଉପରେ ୯ ସହର**
- **କମିବ ଖରାତାତି, ବର୍ଷା ଆଣିବ ଆଶ୍ୱସ୍ତି**

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଗତ କିଛିଦିନ ଧରି ରାଜ୍ୟରେ ପାରଦ ଉପରମୁହାଁ ରହିଛି। ପ୍ରବଳ ଗରମରେ ଆଉଟୁପାଉଟୁ ହେଉଛି ସାରା ଓଡ଼ିଶା। ରବିବାର ୯ ସହରର ତାପମାତ୍ରା ୪୧ ଡିଗ୍ରୀ ଉପରେ ରହିଥିବାବେଳେ ୪୩ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏଥିସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଘର ଭିତରେ ରହିଲେ ବି ଦେହରୁ ଝାଳ ବୋହୁଥିଲା। ତେବେ ସୋମବାରଠାରୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହି ତାପମାତ୍ରାରେ ସାମାନ୍ୟ ହ୍ରାସ ପାଇପାରେ। ଏହାପରେ ବର୍ଷା ଆଶ୍ୱସ୍ତି ଆଣିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ବୌଦ୍ଧର ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ଛୁଇଁଥିବାବେଳେ ସମ୍ବଲପୁର ୪୨.୪ ଡ଼ିଗ୍ରୀ, ତାଳଚେର ୪୨.୨, ସୁନ୍ଦରଗଡ଼ ଓ ଟିଟିଲାଗଡ଼ ୪୧.୫, ବଲାଙ୍ଗୀର ୪୧.୨, ଅନୁଗୋଳ ୪୧.୨ ଓ ରାଉରକେଲାରେ ପାରଦ ୪୧ ଡିଗ୍ରୀରେ ପହଞ୍ଚିଥିଲା। ସେହିଭଳି ଅନ୍ୟ ୧୨ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ୫ଜିଲାରେ ତାପମାତ୍ରା ୩୯ ଡିଗ୍ରୀ ବା ତାହାଠାରୁ ଅଧିକ ରହିଥିଲା। ତେବେ ଭୁବନେଶ୍ୱରରେ ତାପମାତ୍ରା ୪୦ ଡିଗ୍ରୀ ଓ ପୁରୀରେ ତାପମାତ୍ରା ☞ପୃଷ୍ଠା–୪

କାବୁ ହେଲା ଅସୁସ୍ଥ କଲରାପତରିଆ

ଗତ କିଛିଦିନ ଧରି ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଏଥିରୁ ଜୀବଜନ୍ତୁ ମଧ୍ୟ ବାଦ୍ ପଡ଼ି ନାହାନ୍ତି। ଜଙ୍ଗଲରେ ଆବଶ୍ୟକ ପରିମାଣର ପାଣି ମିଳୁ ନ ଥିବା କାରଣରୁ ଜୀବଜନ୍ତୁ ଅସୁସ୍ଥ ମଧ୍ୟ ହେଉଛନ୍ତି। ନୂଆପଡ଼ା ଜଙ୍ଗଲରେ ଏକ କଲରାପତରିଆ ବାଘକୁ ରବିବାର ବନ ବିଭାଗ ପକ୍ଷରୁ କାବୁ କରାଯାଇଛି। ବାଘଟି ଅସୁସ୍ଥ ଥିବାରୁ ଠିକ୍ ଭାବେ ଚାଲିପାରୁ ନାହିଁ। ତେଣୁ ତା'ର ଚିକିତ୍ସା ଆରମ୍ଭ କରାଯାଇଛି।

ନୂଆପଡ଼ା,୧୬।୪(ଡି.ଏନ୍.ଏ.)

ନୂଆପଡ଼ା ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଧରମବନ୍ଧା ସେକ୍ସନରେ ଏକ କଲରାପତରିଆ ବାଘକୁ ଉଦ୍ଧାର କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବାଘଟି ଅସୁସ୍ଥ ରହିଛି ଏବଂ ଠିକ୍‌ଭାବେ ଚାଲିପାରୁ ନ ଥିବା ବନ ବିଭାଗ ପକ୍ଷରୁ କୁହାଯାଉଛି। ସିଳିଆରିବାହାରା ଗ୍ରାମ ନିକଟରେ ବାଘଟିକୁ ଲୋକମାନେ ଦେଖି ଭୟଭୀତ ହେବା ସହ ବନ ବିଭାଗକୁ ଖବର ଦେଇଥିଲେ। ଅତିରିକ୍ତ ବନ ସଂରକ୍ଷକ (ଏସିଏଫ୍) ମହମ୍ମଦ ସଲିହା, ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁଶୀଲ କୁମାର ତ୍ରିପାଠୀ ଓ ଅନ୍ୟ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡା ସଦଳବଳ ପହଞ୍ଚି ବାଘର ପ୍ରାଥମିକ ଚିକିତ୍ସା କରିଥିଲେ। ବାଘକୁ ଅଂଶୁଘାତ ହୋଇଥିବା ସନ୍ଦେହକରି ପାଣି ଫୋପାଡ଼ି ଥିଲେ। ବାଘ ସାମାନ୍ୟ ସୁସ୍ଥ ହେବା ପରେ ଜାଲ ବିଛାଇ ଧରାଯାଇ ନୂଆପଡ଼ା ରେଞ୍ଜ ଅଫିସକୁ ଅଣାଯାଇଥିଲା। ବର୍ତ୍ତମାନ ବାଘର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଡିଏଫ୍‌ଓ ତ୍ରିପାଠୀ କହିଛନ୍ତି। ବାଘର ବୟସ ୮ ମାସରୁ ୧ ବର୍ଷ ମଧ୍ୟରେ ହେବ। ବାଘକୁ ୨ ରୁ ୩ ଦିନ ବନବିଭାଗର ତତ୍ତ୍ୱାବଧାନରେ ରଖାଯାଇ ଚିକିତ୍ସା କରାଯିବ। ସୁସ୍ଥ ହେବା ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ତାକୁ ଛଡ଼ାଯିବ । ବାଘ କୌଣସି ବିଷାକ୍ତ ଖାଦ୍ୟ ଖାଇଥାଇପାରେ କିମ୍ବା ଅତ୍ୟଧିକ ଗରମରେ ଅଂଶୁଘାତ ଯୋଗୁ ବାଘ ଅସୁସ୍ଥ ହୋଇଥିବା ଡିଏଫ୍‌ଓ କହିଛନ୍ତି।

ସୂଚନାନୁସାରେ ଗତ କିଛି ଦିନ ହେବ ଜଙ୍ଗଲ ସୀମାନ୍ତ ଗ୍ରାମଗୁଡ଼ିକରେ କଲରାପତରିଆ ବାଘର ଆତଙ୍କରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। ଗୃହପାଳିତ ପ୍ରାଣୀକୁ ବାଘ ଖାଇବାର ଅଭିଯୋଗ ହୋଇଆସୁଥିଲା।

କରୋନା ନେଲା ଆଉ ଏକ ଜୀବନ

ଭୁବନେଶ୍ୱର, ୧୬।୪ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହେଉଛି। କ୍ରମାଗତ ଭାବେ କିଛିଦିନ ହେବ ଦୈନିକ ସଂକ୍ରମଣ ୨ଶହ ଉପରେ ରହୁଥିବାବେଳେ ଶେଷ ୨୪ ଘଣ୍ଟାରେ ଏହା ୩ଶହ ପାର୍ କରିଛି। ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟରୁ ଆଉ ୩୦୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦୫କୁ ବୃଦ୍ଧି ପାଇଛି। ଅପରପେକ୍ଷ କରୋନାରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଫଳରେ ଚଳିତବର୍ଷ କୋଭିଡ୍ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ମୃତକ ଜଣକ ୭୦ ବର୍ଷୀୟ ହୋଇଥିବାବେଳେ ତାଙ୍କ ଘର ସୋନପୁର ଜିଲାରେ। ସେ ପୂର୍ବରୁ ଡାଇବେଟିସ୍, ☞ପୃଷ୍ଠା–୪

ଆଜିଠୁ ଖୋଲିବ ଅଙ୍ଗନୱାଡ଼ି କେନ୍ଦ୍ର

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସୋମବାରଠାରୁ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠପଢ଼ା ଆରମ୍ଭ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ଚାଲିବ। ସ୍ଥିତିକୁ ଦେଖି ଆବଶ୍ୟକସ୍ଥଳେ ଜିଲାପାଳମାନେ ସେମାନଙ୍କ ଜିଲାର ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ସମୟ ନିର୍ଘଣ୍ଟକୁ ପରିବର୍ତ୍ତନ କରିପାରିବେ। ଜରୁରିକାଳୀନ ପରିସ୍ଥିତିରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଛୁଟି ମଧ୍ୟ ଘୋଷଣା କରିପାରିବେ। ସେହିପରି ରୌଦ୍ର ତାପ ଯୋଗୁ ୧୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଥିବା ସ୍କୁଲଗୁଡ଼ିକ ସୋମବାରଠାରୁ ଖୋଲିବ। ସକାଳ ୬ଟା ୩୦ରୁ ୧୧ଟା ପର୍ଯ୍ୟନ୍ତ ପାଠପଢ଼ା ଚାଲିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କୋଭିଡ୍ ମୃତ୍ୟୁର ୨ ବର୍ଷ ପରେ ଘରକୁ ଫେରିଲେ

ଗୁଜରାଟ ହସ୍ପିଟାଲରେ ମୃତ୍ୟୁ ପରେ ହୋଇଥିଲା ଶେଷକୃତ୍ୟ

ଧର୍(ମଧ୍ୟପ୍ରଦେଶ), ୧୬।୪

ମଧ୍ୟପ୍ରଦେଶ ଧର୍ ଜିଲାର କମଲେଶ ପଟିଦାର(୩୫) ୨ ବର୍ଷ ପୂର୍ବେ କୋଭିଡ୍–୧୯ରେ ସଂକ୍ରମିତ ହୋଇ ଗୁଜରାଟର ବଡୋଦରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଶନିବାର ସକାଳ ୬ଟାରେ ସେ କରୋଡକାଲା ଗ୍ରାମରେ ଥିବା ତାଙ୍କ ମାଇଁ ଘରେ ପହଞ୍ଚି କବାଟ ବାଡ଼େଇବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶେଷକୃତ୍ୟ ସମ୍ପନ୍ନର ଦୁଇବର୍ଷ ପରେ କମଲେଶ ଘରକୁ ଫେରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। କୋଭିଡ୍ ଦ୍ୱିତୀୟ ଲହର ବେଳେ ସେ ଆକ୍ରାନ୍ତ ହୋଇଥିଲେ। ହସ୍ପିଟାଲ ମୃତ ଘୋଷଣା କରିବା ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଥିଲା ଓ ପରିବାର ଲୋକେ ଅନ୍ତିମ ସଂସ୍କାର କରିଥିଲେ ବୋଲି କମଲେଶଙ୍କ ସମ୍ପର୍କୀୟ ଭାଇ ମୁକେଶ ପଟିଦାର ଗଣମାଧ୍ୟମକୁ କହିଛନ୍ତି। ତେବେ କମଲେଶ ଦୁଇବର୍ଷ ହେଲା କେଉଁଠି ଥିଲେ, ତାହା କହିପାରି ନାହାନ୍ତି। କୋଭିଡ୍‌ରେ ପ୍ରାଣ ହରାଉଥିବା ରୋଗୀଙ୍କ ମୃତଦେହକୁ ଜରିରେ ଗୁଡ଼ାଇ ହସ୍ତାନ୍ତର କରାଯାଉଥିବାରୁ କୌଣସି ଭୁଲ୍ ରୋଗୀଙ୍କ ମୃତଦେହକୁ କମଲେଶଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ସନ୍ଦେହ କରାଯା

ପାକିସ୍ତାନ ଧର୍ମୀୟ ବ୍ୟାପାର ମନ୍ତ୍ରୀ ମୁଫ୍‌ତି ଅବଦୁଲ୍ ଶାକୁରଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶନିବାର ମନ୍ତ୍ରୀ ନିଜେ କାର୍ ଚଳାଇ ଯାଉଥିବାବେଳେ ଏକ ପିକ୍-ଅପ୍ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲେ ହେଁ ଅତ୍ୟଧିକ ଆଭ୍ୟନ୍ତରୀଣ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ଧକ୍କା ଦେଇଥିବା ଟ୍ରକ୍‌ର ଡ୍ରାଇଭରଙ୍କ ସମେତ ତାଙ୍କ ସହ ଥିବା ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଦୁର୍ଘଟଣାରେ ମନ୍ତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବୋଲି ଇସ୍‌ଲାମାବାଦ ପୋଲିସ ଆଇଜି ଆକବର ନାସିଲ ଖାନ୍ କହିଛନ୍ତି।

ସଂକ୍ଷେପରେ

ସକ୍ରିୟ ମାମଲା ୫୭, ୫୪୨

ଦିନକରେ ୧୦,୦୯୩ ସଂକ୍ରମିତ, ୨୩ ମୃତ

ନୂଆଦିଲ୍ଲୀ, ୧୬।୪: ଭାରତରେ ୨୪ ଘଣ୍ଟା ମଧ୍ୟରେ ୧୦,୦୯୩ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ସହ ସକ୍ରିୟ ମାମଲା ସଂଖ୍ୟା ୫୭,୫୪୨କୁ ବୃଦ୍ଧି ପାଇଛି। ଦିନକରେ ଆଉ ୨୩ ଜଣଙ୍କ ଜୀବନ ଯାଇଛି। ଫଳରେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୧,୧୧୪ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ସର୍ବାଧିକ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଛତିଶଗଡ଼ ଓ ରାଜସ୍ଥାନରେ ୩ ଜଣ ଲେଖାଏ, କର୍ନାଟକ, ମହାରାଷ୍ଟ୍ରରେ ୨ ଜଣ ଲେଖାଏ ଏବଂ ହରିୟାଣା, ଓଡ଼ିଶା, ତାମିଲନାଡୁ ଓ ଉତ୍ତରାଖଣ୍ଡରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଦୈନିକ ସଂକ୍ରମଣ ହାର ୫.୬୧ ପ୍ରତିଶତ ଏବଂ ସାପ୍ତାହିକ ପଜିଟିଭିଟି ରେଟ୍ ୪.୭୮ ପ୍ରତିଶତରେ ପହଞ୍ଚିଛି।

ଇଣ୍ଡୋନେସିଆ ସୈନ୍ୟଙ୍କ ଉପରେ ଆକ୍ରମଣ: ୬ ମୃତ

ଜୟପୁରା, ୧୬।୪: ଇଣ୍ଡୋନେସିଆର ପପୁଆ ପ୍ରଦେଶରେ ବିଦ୍ରୋହୀଙ୍କ ଦ୍ୱାରା ପଣବନ୍ଦୀ ଥିବା ନ୍ୟୁଜିଲାଣ୍ଡର ଜଣେ ପାଇଲଟଙ୍କୁ ଉଦ୍ଧାର କରିବା ଲାଗି ନିୟୋଜିତ ସୈନ୍ୟଙ୍କ ଉପରେ ବିଚ୍ଛିନ୍ନତାବାଦୀ ବନ୍ଧୁକଧାରୀ ଆକ୍ରମଣ କରିଛନ୍ତି। ଏଥିରେ ଇଣ୍ଡୋନେସିଆର ୬ ସୈନ୍ୟ ନିହତ ହେବା ସହ ୩୦ ଜଣ ନିଖୋଜ ହୋଇଯାଇଛନ୍ତି। ପାର୍ବତ୍ୟାଞ୍ଚଳ ଜିଲା ଏନ୍‌ଡୁଗାର ଏକ ପୋଷ୍ଟରେ ଶନିବାର ୩୬ ସୈନ୍ୟ ନିୟୋଜିତ ଥିଲାବେଳେ ଓ୍ୱେଷ୍ଟ ପପୁଆ ଲିବରେଶନ ଆର୍ମିର ବନ୍ଧୁକଧାରୀମାନେ ଆଖିବୁଜା ଗୁଳିମାଡ଼ କରିଥିଲେ। ଆକ୍ରମଣ ବେଳେ ୬ ସୈନ୍ୟ ନିହତ ହୋଇଥିବାବେଳେ ଅନ୍ୟ ୨୧ ଜଣ ଜଙ୍ଗଲ ମଧ୍ୟକୁ ପଳାଇଥିଲେ। ୯ ଜଣଙ୍କୁ ବିଦ୍ରୋହୀମାନେ ବନ୍ଦୀ କରି ରଖିଥିବା ଜଣେ ସେନା ମୁଖପାତ୍ର କହିଛନ୍ତି।

ୟୁପିରେ ୧୪୪

ପ୍ରୟାଗରାଜରେ ହାଇଆଲର୍ଟ

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅମଳରେ ଏନ୍‌କାଉଣ୍ଟରରେ ୧୮୩ ଜଣଙ୍କୁ ହତ୍ୟା କରାଗଲାଣି। ମୃତକଙ୍କ ମଧ୍ୟରେ ଉମେଶ ପାଲ୍‌ଙ୍କ ହତ୍ୟା ଅଭିଯୁକ୍ତ ଅସଦ୍ ଅହମ୍ମଦ ଓ ଶୁଟର ଗୁଲାମ ମହମ୍ମଦ ଅନ୍ତର୍ଭୁକ୍ତ। ଅସଦ୍‌ଙ୍କୁ ପ୍ରୟାଗରାଜରେ ସମାଧି ଦିଆଯିବାର କିଛି ଘଣ୍ଟା ପରେ ତାଙ୍କ ବାପା ତଥା ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦ ଓ ଦାଦା ଅଶ୍ରଫ୍ ଅହମ୍ମଦଙ୍କୁ ପୋଲିସ ଘେରରେ ତଥା କ୍ୟାମେରା ସାମ୍ନାରେ ହତ୍ୟା କରାଯାଇଛି। ୟୁପିରେ ଜଙ୍ଗଲରାଜ, ମାଫିଆରାଜ ଓ ଅରାଜକତା ଚାଲିଥିବା ସମାଲୋଚନା କରି ଯୋଗୀ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି ବିରୋଧୀ।

ପ୍ରୟାଗରାଜ/ଲକ୍ଷ୍ନୌ, ୧୬।୪

ପ୍ରୟାଗରାଜ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

ଗଣମାଧ୍ୟମ ପ୍ରତିନିଧି ପରିଚୟ ଦେଇ ଅତିକ୍, ଅଶ୍ରଫ୍‌ଙ୍କ ନିକଟତର ହୋଇଥିଲେ ୩ ଅଭିଯୁକ୍ତ



ଦୁଇ ଭାଇଙ୍କୁ ଗୁଳିମାଡ଼ ବେଳର ଦୃଶ୍ୟ।

ଗ୍ୟାଙ୍ଗଷ୍ଟରରୁ ରାଜନେତା ସାଜିଥିବା ଅତିକ୍ ଅହମ୍ମଦ ଓ ତାଙ୍କ ଭାଇ ଅଶ୍ରଫ୍ ଅହମ୍ମଦଙ୍କ ସୁରକ୍ଷାକୁ ହୁଗୁଳା କରାଇ ରାଜ୍ୟ ସରକାର ଦୁହିଁଙ୍କୁ ହତ୍ୟା କରାଇଥିବା ଅଭିଯୋଗ ହେଲାଣି। ଅନ୍ୟପକ୍ଷେ ଉଚ୍ଚସ୍ତରୀୟ ବୈଠକ ପରେ ଯୋଗୀ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରୟାଗରାଜକୁ ପଠାଇଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ରାଜ୍ୟର ସମସ୍ତ ଜିଲାରେ ସିଆର୍‌ପିସି ୧୪୪ ଧାରା ଜାରି କରାଯାଇଛି। ପ୍ରୟାଗରାଜ ଜିଲାରେ ଗୁଜବ ସୃଷ୍ଟି ହେବାକୁ ନ ଦେବା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ଉମେଶ ପାଲ୍ ହତ୍ୟା ଅଭିଯୁକ୍ତ ଅସଦ୍ ଅହମ୍ମଦ ଓ ଗୁଲାମ ମହମ୍ମଦଙ୍କୁ ୟୁପି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗୁରୁବାର ଝାନ୍ସୀର ବବିନା ଜଙ୍ଗଲରେ ଏନ୍‌କାଉଣ୍ଟର କରି ହତ୍ୟା କରିଥିଲା। ଅସଦ୍‌ଙ୍କୁ ଶନିବାର ପ୍ରୟାଗରାଜର କସାରି ମାସାରିରେ ସମାଧି ଦିଆଯାଇଥିବାବେଳେ ତାଙ୍କ ବାପା ଅତିକ୍ ଓ ଦାଦା ଅଶ୍ରଫ୍‌ଙ୍କୁ ସେଠାରୁ ୩ କି.ମି. ଦୂରରେ ଥିବା ଧୂମାଗଞ୍ଜ ଥାନାରେ ପଚରାଉଚରା କରାଯାଉଥିଲା। ସେଠାରୁ ଉଭୟଙ୍କୁ ହ୍ୟାଣ୍ଡକପ୍ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏକ ମେଡିକାଲ କଲେଜକୁ ନିଆଯାଇଥିଲା। ଦୁଇଭାଇଙ୍କୁ ପୋଲିସ ସୁରକ୍ଷା ଦେଇ ସେଠାକୁ ନେଇଥିବାବେଳେ ରାତି ୧୦ଟା ୩୫ରେ ଉଭୟେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ପରିଚୟ ଦେଇ ମିଡିଆ କର୍ମୀଙ୍କ ସହ ସାମିଲ ଥିବା ୩ ଜଣ ଯୁବକ ହଠାତ୍ ଅତିକ୍‌ଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରିଥିଲେ। ଅଶ୍ରଫ୍ କିଛି ବୁଝିପାରିବା ପୂର୍ବରୁ ତାଙ୍କ ମୁଣ୍ଡକୁ ମଧ୍ୟ ସେମାନେ ଗୁଳି କରିଥିଲେ ବୋଲି ପ୍ରୟାଗରାଜ ପୋଲିସ କମିଶନର ରାମିତ୍ ଶର୍ମା ସୂଚନା ଦେଇଛନ୍ତି। ରାମିତ୍ କହିଛନ୍ତି, ୩ ଆକ୍ରମଣକାରୀ ଦୁଇଭାଇଙ୍କୁ ହତ୍ୟା କରିବା ପରେ ସଙ୍ଗେ ସଙ୍ଗେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କୁ ଗିରଫ କରି ଜେରା କରାଯାଉଛି। ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ଦୃଶ୍ୟ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ କ୍ୟାମେରାରେ କଏଦ୍ ହୋଇଥିଲା, ଯାହାକି ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି।

ଇତିମଧ୍ୟରେ ୩ ହତ୍ୟା ଅଭିଯୁକ୍ତ ଲଭଲେଶ ତିୱାରୀ(ବନ୍ଦା ବାସିନ୍ଦା), ମୋହିତ୍ ଓରଫ୍ ସନ୍ନି (ହମିରପୁର) ଓ ଅରୁଣ ମୌର୍ଯ୍ୟ (କାସଗଞ୍ଜ)ଙ୍କ ବିରୋଧରେ ଧୂମାଗଞ୍ଜ ଥାନାରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୦୨ (ହତ୍ୟା), ୩୦୭ (ହତ୍ୟା ଉଦ୍ୟମ), ଆର୍ମ୍ସ ଆକ୍ଟ ଏବଂ କ୍ରିମିନାଲ ଲ' ଆମେଣ୍ଡମେଣ୍ଟ ଆକ୍ଟ ବଳରେ ମାମଲା ରୁଜୁ କରାଯାଇଥିବା ଧୂମାଗଞ୍ଜ ଏସ୍‌ଏଚ୍‌ଓ ରାଜେଶ କୁମାର ମୌର୍ଯ୍ୟ ସୂଚନା ଦେଇଛନ୍ତି। ଅପରାଧସ୍ଥଳରୁ ପୋଲିସ ଅଭିଯୁକ୍ତମାନେ ବ୍ୟବହାର କରିଥିବା ବନ୍ଧୁକକୁ ଜବତ କରିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ହତ୍ୟାର ତଦନ୍ତ ପାଇଁ ୩ ସଦସ୍ୟ ବିଶିଷ୍ଟ ବିଚାରବିଭାଗୀୟ କମିଶନ ଗଠନ କରିଛନ୍ତି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର ତ୍ରିପାଠୀ ଏହାର ନେତୃତ୍ୱ ନେବେ। କମିଶନ ଅଫ୍ ଇନ୍‌କ୍ୱାରି ଆକ୍ଟ, ୧୯୫୨ ଅଧୀନରେ ଗୃହ ବିଭାଗ ପକ୍ଷରୁ ଗଠିତ ଉକ୍ତ ତଦନ୍ତ ଆୟୋଗର ଅନ୍ୟ ଦୁଇ ସଦସ୍ୟ ହେଲେ ଅବସରପ୍ରାପ୍ତ ବିଚାରପତି ବ୍ରଜେଶ କୁମାର ସୋନି ଓ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସୁବେଶ କୁମାର ସିଂ। କମିଶନ ୨ ମାସ ମଧ୍ୟରେ ତଦନ୍ତ କରି ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ। ଏଠାରେ ପ୍ରଶ୍ନ ଉଠୁଛି ପୋଲିସର ସୁରକ୍ଷା ବଳୟ ଭିତରେ ଥିବା ଦୁଇଜଣ ହାଇପ୍ରୋଫାଇଲ୍ ଅଭିଯୁକ୍ତଙ୍କୁ ୩ ଜଣ ଯୁବକ କିପରି ହତ୍ୟା କଲେ। ଅତିକ୍ ଓ ଅଶ୍ରଫ୍ କୌଣସି ମାମୁଲି ଅପରାଧୀ ନ ଥିଲେ। ଅତିକ୍‌ଙ୍କ ବିରୋଧରେ ଶତାଧିକ ଓ ଅଶ୍ରଫ୍‌ଙ୍କ ବିରୋଧରେ ଅର୍ଦ୍ଧଶତାଧିକ ମାମଲା ରହିଥିଲା। ଉଭୟଙ୍କର କେବଳ ଆପରାଧିକ ପୃଷ୍ଠଭୂମି ନ ଥିଲା, ବରଂ ଦୁଇଭାଇ ରାଜନୀତିରେ ମଧ୍ୟ ସକ୍ରିୟ ଥିଲେ। ତେଣୁ ଦୁହିଁଙ୍କୁ ଜେଲରୁ ନେଇ କୋର୍ଟରେ ହାଜର କରାଇବାବେଳେ ହେଉ କି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିକାଲକୁ ନେବା ସମୟରେ ହେଉ ଯେପରି ସୁରକ୍ଷା ଦିଆଯିବା କଥା ସେପରି ବ୍ୟବସ୍ଥା କରାଯାଇ ନ ଥିଲା। ହତ୍ୟାକାଣ୍ଡ ପରେ ଆକ୍ରମଣକାରୀମାନଙ୍କୁ କେତେଜଣ ନିରସ୍ତ୍ର କନ୍‌ଷ୍ଟେବଲ ଧରିବାକୁ ଉଦ୍ୟମ କରୁଥିବା ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। କାବୁ କରିବାବେଳେ କନ୍‌ଷ୍ଟେବଲ ମାନ୍ ସିଂଙ୍କ ହାତରେ ଗୁଳି ବାଜିବାରୁ ସେ ଆହତ ହୋଇଥିବା ପୋଲିସ କହିଛି। ଏଥିରୁ ବୁଝାପଡୁଛି ଯେ, ସମାଜବାଦୀ ପାର୍ଟି (ଏସ୍‌ପି)ର ପୂର୍ବତନ ଏମ୍‌ପି ଅତିକ୍ ଓ ପୂର୍ବତନ ବିଧାୟକ ଅଶ୍ରଫ୍‌ଙ୍କ ସୁରକ୍ଷାରେ କୌଣସି ବରିଷ୍ଠ ଅଧିକାରୀ ନିୟୋଜିତ ନ ଥିଲେ।

ଖବରଦାତାଙ୍କ ପାଇଁ ଏସ୍‌ଓପି ପ୍ରସ୍ତୁତ କରିବ କେନ୍ଦ୍ର

ନୂଆଦିଲ୍ଲୀ, ୧୬।୪

ଶନିବାର ରାତିରେ ହତ୍ୟାକାରୀମାନେ ଖବରଦାତା ପରିଚୟ ଦେଇ ସୁରକ୍ଷା ବଳୟକୁ ଭେଦ କରିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ଅତିକ୍ ଓ ଅଶ୍ରଫ୍‌ଙ୍କ ଅତି ନିକଟତର ହୋଇଥିଲେ। ସେମାନେ ଅତିକ୍‌ଙ୍କ ପରେ ଅଶ୍ରଫ୍‌ଙ୍କ ମୁଣ୍ଡରେ ଗୁଳି କରିବାରେ ସକ୍ଷମ ହୋଇଥିଲେ। ଏହି ହତ୍ୟାକାଣ୍ଡ ପରେ ଖବରଦାତାମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଖବରଦାତାମାନଙ୍କ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି ଏସ୍‌ଓପି ପ୍ରସ୍ତୁତ କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି।

ଉପା ଅମଳରେ ଆଣବିକ ଚୁକ୍ତିକୁ ରକ୍ଷା କରିଥିଲା ଅତିକ୍‌ଙ୍କ ଭୋଟ

୨୦୦୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ବିରୋଧରେ ଆମେରିକା-ଭାରତ ଆଣବିକ ଚୁକ୍ତିକୁ ନେଇ ବିରୋଧୀ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ବାମପନ୍ଥୀମାନେ ୨୦୦୮ ମଧ୍ୟଭାଗରେ ସମର୍ଥନ ପ୍ରତ୍ୟାହାର କରିନେଇଥିବାବେଳେ ଲୋକ ସଭାରେ ଉପାର ୨୨୮ ସଦସ୍ୟ ଥିଲେ। ତେବେ ସଂଖ୍ୟାଗରିଷ୍ଠତାଠାରୁ ୪୪ ଏମ୍‌ପିଙ୍କ ସମର୍ଥନ ନିଅଣ୍ଟ ହୋଇଥିଲା। ଅତିକ୍ ଅହମ୍ମଦଙ୍କ ସମେତ ୬ ଦାଗିନେତାଙ୍କୁ ୪୮ ଘଣ୍ଟା ମଧ୍ୟରେ ଜେଲରୁ ମୁକ୍ତ କରାଯାଇଥିଲା। ସେହି ସମୟରେ ଏହି ବାହୁବଳୀ ଏମ୍‌ପିମାନେ ଉପା ସରକାର ସପକ୍ଷରେ ଭୋଟ ଦେଇ ଆମେରିକା ସହ ହୋଇଥିବା ଭାରତର ସିଭିଲ ନ୍ୟୁକ୍ଲିୟର ଡିଲ୍‌କୁ ରକ୍ଷା କରିଥିଲେ।

ଜାତୀୟ ଅନୁସୂଚିତ ଜାତି କମିଶନରେ ଥିବା ଖାଲି ସ୍ଥାନ ତୁରନ୍ତ ପୂରଣ କର

କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୬।୪(ପି.ଟି.): ଜାତୀୟ ଅନୁସୂଚିତ ଜାତି କମିଶନରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଯଥାଶୀଘ୍ର ପଦବୀ ପୂରଣ ଦିଗରେ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଜାତୀୟ ଅନୁସୂଚିତ ଜାତି କମିଶନରେ ଖାଲିପଡ଼ିଥିବା ଉପାଧ୍ୟକ୍ଷ ଏବଂ ସଦସ୍ୟ ପଦବୀ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଆମ୍ବେଡ୍‌କର ଆସୋସିଏଶନ ଫର୍ ଡେଭେଲପମେଣ୍ଟ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଥିଲା।

ହତ୍ୟା ମାମଲାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଦାଦା ଗିରଫ

ବିଜୟୱାଡ଼ା, ୧୬।୪: ପୂର୍ବତନ ଏମ୍‌ପି ବିବେକାନନ୍ଦ ରେଡ୍ଡୀ ହତ୍ୟା ମାମଲାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଦାଦା ୱାଇ.ଏସ୍. ଭାସ୍କର ରେଡ୍ଡୀଙ୍କୁ ସିବିଆଇ ରବିବାର ଗିରଫ କରିଛି। ଭାସ୍କର ହେଉଛନ୍ତି କଡପାର ୱାଇଏସ୍‌ଆର୍‌ସି ଏମ୍‌ପି ୱାଇ.ଏସ୍. ଅବିନାଶ ରେଡ୍ଡୀଙ୍କ ବାପା। ତାଙ୍କୁ ପୁଲିଭେନ୍ଦୁଲାସ୍ଥିତ ବାସଭବନରୁ ଗିରଫ କରାଯିବା ପରେ ହାଇଦ୍ରାବାଦ ନିଆଯାଇଛି। ପ୍ରମାଣ ନଷ୍ଟ କରିବାରେ ସହାୟତା କରିବା ଅଭିଯୋଗରେ ଅନ୍ୟତମ ଅଭିଯୁକ୍ତ ଜି. ଉଦୟ୍ କୁମାର ରେଡ୍ଡୀଙ୍କୁ ଦୁଇଦିନ ପୂର୍ବରୁ ଗିରଫ କରାଯାଇଥିଲା। ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ନେବା ପରେ ସିବିଆଇ ଅଧିକାରୀମାନେ କଡ଼ପାରେ ରହିଛନ୍ତି। ରବିବାର ସକାଳେ ସେମାନେ ଭାସ୍କରଙ୍କ ଘରେ ପହଞ୍ଚି ତଲାସି ନେଇଥିଲେ। ଭାସ୍କରଙ୍କୁ ଗିରଫ କରାଗଲା ବୋଲି ତାଙ୍କ ସ୍ତ୍ରୀଙ୍କୁ ଏଏସ୍‌ପି ମୁକେଶ ଶର୍ମା ଏକ ମେମୋ ଦେଇଥିଲେ।

ୱାଇ.ଏସ୍. ଭାସ୍କର ରେଡ୍ଡୀ

ଆଦାନୀ ଦୁର୍ନୀତିର ପ୍ରତୀକ: ରାହୁଲ

ଓବିସିଙ୍କୁ ଅପମାନିତ କରିଛି ଭାଜପା

କୋଲାର, ୧୬।୪

କର୍ନାଟକର କୋଲାରରେ ରବିବାର ଅନୁଷ୍ଠିତ କଂଗ୍ରେସ ନିର୍ବାଚନୀ ସଭାରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ସିଦ୍ଦରମୈୟା, ଡି.କେ. ଶିବକୁମାର, କେ.ଏଚ୍. ମୁନିୟାପ୍ପା ଓ ଅନ୍ୟମାନେ ଏକାଠି ହୋଇଛନ୍ତି।

କର୍ନାଟକର କୋଲାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ଅବସରରେ ଆଦାନୀ 'ଦୁର୍ନୀତି' ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜୋର୍‌ଦାର ସମାଲୋଚନା କରିଛନ୍ତି। ସେ କେନ୍ଦ୍ରର ଭାଜପା ସରକାରଙ୍କୁ ଭୟ କରନ୍ତି ନାହିଁ ବୋଲି ଦୋହରାଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ କୋଲାରରେ ମୋଦି ସାଙ୍ଗିଆ ମନ୍ତବ୍ୟ ଦେଇ ରାହୁଲ ଦୋଷୀସାବ୍ୟସ୍ତ ହେବା ପରେ ଗତ ମାସରେ ତାଙ୍କର ସଦସ୍ୟତା ରଦ୍ଦ ହୋଇଥିଲା। ମାର୍ଚ୍ଚ ୨୯ରେ କର୍ନାଟକ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ରବିବାର ରାହୁଲ ପ୍ରଥମ ଥର ପାଇଁ ଉକ୍ତ ରାଜ୍ୟକୁ ପ୍ରଚାରରେ ଆସିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀଙ୍କର ବ୍ୟବସାୟୀ ଗୌତମ ଆଦାନୀଙ୍କ ସହ ସମ୍ପର୍କ ପ୍ରସଙ୍ଗ ଉଠାଇ ତାଙ୍କୁ ଟାର୍ଗେଟ କରିଥିଲେ। ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରି କେନ୍ଦ୍ର ସରକାର ତାଙ୍କୁ ଭୟଭୀତ କରିଥିବା ଭାବୁଛନ୍ତି। ସେ ଭୟଭୀତ ହେବା ବ୍ୟକ୍ତି ନୁହନ୍ତି ବୋଲି ଜନସାଧାରଣଙ୍କୁ ରାହୁଲ କହିଥିଲେ। ପ୍ରତିରକ୍ଷା ଭିତ୍ତିଭୂମି ଚଳାଉଥିବା ଆଦାନୀ ଗ୍ରୁପ୍ ବିରୋଧରେ ତଦନ୍ତ କରାଯାଉ ନାହିଁ। ଆଦାନୀ ତାଙ୍କ ସେଲ୍ କମ୍ପାନୀରେ ଜଣେ ଚାଇନା ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥିବା ରାହୁଲ ଅଭିଯୋଗ କରିଛନ୍ତି। ଦୁର୍ନୀତିର ପ୍ରତୀକ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କର କ'ଣ ସମ୍ପର୍କ ସେ ଜାଣିବାକୁ ଚାହାନ୍ତି ବୋଲି ରାହୁଲ କହିଥିଲେ। ଆଦାନୀଙ୍କୁ ବିମାନବନ୍ଦର ଦେବା ଲାଗି ସରକାର ନିୟମ ବଦଳାଇ ଦେଉଥିବା ସେ ଅଭିଯୋଗ କରିଛନ୍ତି।

ଭାଜପା ସରକାର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ଅପମାନିତ କରିଥିବା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଉପା ସରକାର ସମୟରେ ଜାତି ଜନଗଣନା ହୋଇଥିଲା। ଭାଜପା କ୍ଷମତାକୁ ଆସିବା ପରେ ଉକ୍ତ ତଥ୍ୟକୁ ଲୁଚାଇଦେଇଛି। କେନ୍ଦ୍ରର ଭାଜପା ସରକାରରେ ଏସ୍‌ସି, ଏସ୍‌ଟି ଏବଂ ଓବିସିକୁ ମାତ୍ର ୭ ପ୍ରତିଶତ ପ୍ରତିନିଧିତ୍ୱ ମିଳିଛି। ଜାତି ଜନଗଣନା ତଥ୍ୟ ପ୍ରଘଟ ହେଲେ କିଏ ଓବିସିଙ୍କୁ ଅପମାନିତ କରୁଛି, ସ୍ପଷ୍ଟ ହୋଇ

ମେଡିକାଲ, ଇଞ୍ଜିନିୟରିଂରେ ନାମ ଲେଖାଇବା ନାଁରେ ୩ କୋଟିରୁ ଊର୍ଦ୍ଧ୍ୱ ଠକେଇ

ବାଲେଶ୍ୱର ଅଫିସ,୧୭।୪

୨ ଆନ୍ତଃ ରାଜ୍ୟ ଦଲାଲ ଗିରଫ

ଗିରଫ ୨ ଅଭିଯୁକ୍ତ।

ମେଡିକାଲ, ଇଞ୍ଜିନିୟରିଂ ସିଟ୍‌ରେ ସହଜରେ ନାମ ଲେଖାଇଦେବାର ସ୍ୱପ୍ନ ଦେଖାଇ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଧରାପଡିଛନ୍ତି ୨ଜଣ ଆନ୍ତଃ ରାଜ୍ୟ ଦଲାଲ। ଏମାନେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନାମ ଲେଖାଇଦେବାର ପ୍ରତିଶ୍ରୁତି ଦେଇ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କଠାରୁ ଲୁଟିଛନ୍ତି କୋଟି କୋଟି ଟଙ୍କା। ଏ ସମ୍ପର୍କରେ ଠକେଇର ଶିକାର ହୋଇଥିବା ଜଣେ ଛାତ୍ରୀଙ୍କ ଅଭିଭାବକ ବାଲେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସ୍‌ପି ସାଗରିକା ନାଥ ଏହାର ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ୭ରୁ ୮ବର୍ଷ ଧରି ଏହି ରାକେଟ ଚଳାଇଥିବା ଯାଜପୁର ଅଞ୍ଚଳର ସୁନୀଲ କୁମାର ସାମନ୍ତରାୟ ଓ ସୁମିତ କୁମାର ବିଶ୍ୱାଳଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଛନ୍ତି।

ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳର ଶିକ୍ଷକ ଗୋକୁଳଚନ୍ଦ୍ର ନାୟକଙ୍କ ଝିଅ ଯୁକ୍ତ ୨ ଶିକ୍ଷା ପରେ ଏମ୍‌ବିବିଏସ୍ ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ଭୁବନେଶ୍ୱର ଜୟଦେବବିହାରସ୍ଥିତ 'ସାଇ ଏକାଡେମୀ'ରେ କୋଚିଂ ନେଉଥିଲେ। ମାତ୍ର ନିଟ୍ ପରୀକ୍ଷାରେ ୭୦୦ରୁ ୧୩୭ ମାର୍କ ରଖିଥିଲେ, ଯାହା ଏମ୍‌ବିବିଏସ୍‌ରେ ଆଡମିଶନ୍ ପାଇଁ ସମ୍ଭବପୁର ନୁହେଁ। ମାତ୍ର ତାଙ୍କୁ ଗଞ୍ଜାମ ଏମ୍‌କେସିଜି ମେଡିକାଲ କଲେଜରେ ଏମ୍‌ବିବିଏସ୍‌ରେ ସିଟ୍ କରାଇଦେବାକୁ କହି ଉକ୍ତ ଏକାଡେମୀର ମାଲିକ କହି ୫୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ପରେ ଉଭୟପକ୍ଷଙ୍କ ବୁଝାମଣାରେ ୨୮ଲକ୍ଷ ଟଙ୍କାରେ ରାଜି ହୋଇ ଅନଲାଇନ୍ ଓ ନଗଦ ଭାବେ ଅଭିଭାବକ ପର୍ଯ୍ୟାୟକ୍ରମେ ୨୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଭିଯୁକ୍ତମାନେ ମେଡିକାଲ କଲେଜର ଡାକ୍ତରୀ ଆପ୍ରୋନ ଓ ଷ୍ଟେଥୋ ଯୋଗାଇ ଦେଇଥିଲେ। ଏହି ଡ୍ରେସ୍ କୋଡ୍ ସହିତ ଛାତ୍ରୀ ଜଣକ ୨ଦିନ କଲେଜ ଯିବା ପରେ ତାହା ମିଥ୍ୟା ବୋଲି ଜାଣିପାରିଥିଲେ। ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ରୀଙ୍କ ବାପା ଗୋକୁଳଚନ୍ଦ୍ର ବାଲେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଇବର ଥାନାରେ ଏନେଇ ମାମଲା (ନଂ.୧୨/୨୩) ରୁଜୁ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇ ଉକ୍ତ ୨ଜଣଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଥିଲା। ଯେଉଁମାନେ କି ବେସରକାରୀ ଇଞ୍ଜିନିୟରିଂ, ମେଡିକାଲ, କୃଷି ଓ ବୈଷୟିକ ମହାବିଦ୍ୟାଳୟରେ ଆଡମିଶନ କରାଇ ଦେବାକୁ କହି ବହୁ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କଠାରୁ ଟଙ୍କା ଲୁଟିଥିଲେ। ସେମାନେ ୨୦୧୫ ମସିହାରୁ ଏହି ରାକେଟ୍‌ରେ ଜଡ଼ିତ ରହି ଆଡମିଶନ ନାମରେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଲୋକଙ୍କୁ ଠକିବା ସହ ପ୍ରାୟ ୩କୋଟିରୁ ଅଧିକ ଟଙ୍କା ଠକିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ୧୨ଜଣ ଅଭିଭାବକଙ୍କଠାରୁ ଠକେଇ କରିଥିବା ପ୍ରମାଣ ମିଳିଥିବା ବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଛି। ସେହିପରି ସେମାନଙ୍କ ନାମରେ ପୂର୍ବରୁ ଇନ୍‌ଫୋସିଟି ଥାନାରେ ମାମଲା (ନଂ. ୯୪/୨୦୧୮), ମଞ୍ଚେଶ୍ୱର ଥାନାରେ ମାମଲା (ନଂ. ୧୮/୨୦୧୮), ଭଦ୍ରକ ଟାଉନ୍ ଥାନା ମାମଲା (ନଂ. ୩୧୦/୨୦୨୧), ଲିଙ୍ଗରାଜ ଥାନାରେ ମାମଲା (ନଂ. ୧୨୬/୨୦୧୯, ୨୦୬/୨୦୨୦, ୨୦୭/୨୦୨୦, ୨୦୮/୨୦୨୦, ୨୧୯/୨୦୨୧, ୨୬୭/୨୦୨୧), ଲକ୍ଷ୍ମୀସାଗର ଥାନାରେ ମାମଲା (ନଂ. ୬୮/୨୦୨୦), ଯାଜପୁର ଟାଉନ୍ ଥାନାରେ ମାମଲା (ନଂ. ୧୭୫/୨୦୨୧), ଗୁମୁଳା, ଝାଡ଼ଖଣ୍ଡ ଭର୍ଣ୍ଣୋ ଥାନାରେ ମାମଲା (ନଂ. ୬୧/୨୦୧୮) ରହିଛି। ସେମାନଙ୍କ ନିକଟରୁ ଗୋଟିଏ କାର୍, ୩ଟି ନାମୀଦାମୀ ମୋବାଇଲ୍ ଓ ବିଭିନ୍ନ ବ୍ୟାଙ୍କର ୫ଟି ଏଟିଏମ୍ କାର୍ଡ ଜବତ କରାଯାଇଛି। ଏଥିସହ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସାଇବର ଥାନା ଅଧିକାରିଣୀ ମୀନା ବିଦ୍ୟାଣୀ ଓ ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ଦେହୁରା ଉପସ୍ଥିତ ଥିଲେ।

ଆଜି ସନ୍ଧ୍ୟା ୬ରୁ ୪ଘଣ୍ଟା ଦର୍ଶନ ବନ୍ଦ

ପୁରୀ ଅଫିସ, ୧୭।୪

ମହାପ୍ରଭୁଙ୍କ ପଇତାଲାଗି ନୀତି ହେବ

ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଏହି ନୀତି ସମ୍ପାଦନ କରାଯାଏ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଏ। ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପଇତାଲାଗି ନୀତି ସମ୍ପାଦନ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ଓ ମଇଲମ ପରେ ଲକ୍ଷ୍ମୀ ଏବଂ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିବେ। ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରହିବ। ପଇତାଲାଗି ନୀତି ନିମନ୍ତେ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବେ। ପାଟଡୋରିରେ ନିର୍ମିତ ଜାଲିଯୁକ୍ତ ବସ୍ତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଯିବ, ଯାହାକୁ ପଇତାଲାଗି ବୋଲି କୁହାଯାଏ। ପରମ୍ପରା ଅନୁଯାୟୀ, ପାଟରା ସେବାୟତମାନେ ପ୍ରସ୍ତୁତ କରିଥିବା ପଇତାକୁ ରବିବାର ଦେଉଳକରଣଙ୍କୁ ହସ୍ତାନ୍ତର କରିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ବର୍ଷକରେ ଦୁଇଥର ଅର୍ଥାତ୍ ଚନ୍ଦନଯାତ୍ରା ଓ ଘୋଡ଼ଲାଗି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦଇତାପତି ସେବାୟତମାନେ ଏହି ନୀତି ସମ୍ପାଦନ କରିଥାନ୍ତି। ସେହିପରି ପଇତା ବସ୍ତ୍ରକୁ ପାଟରା ସେବାୟତମାନେ ପ୍ରସ୍ତୁତ କରିବା ପରେ ଦେଉଳକରଣଙ୍କୁ ହସ୍ତାନ୍ତର କରିଥାନ୍ତି।

ପୁଅବୋହୂଙ୍କ ଆକ୍ରମଣରେ ମା'ଙ୍କ ଜୀବନଗଲା

ଦାରିଙ୍ଗବାଡ଼ି,୧୭।୪(ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳ ପାଙ୍ଗଲି ଗ୍ରାମରେ ପାରିବାରିକ ଗଣ୍ଡଗୋଳକୁ କେନ୍ଦ୍ରକରି ପୁଅବୋହୂଙ୍କ ଆକ୍ରମଣରେ ଜଣେ ବୃଦ୍ଧା ମା'ଙ୍କ ମୃତ୍ୟୁ ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ମୃତ ବୃଦ୍ଧା ହେଲେ ପାଡ଼ନକେତା ଗ୍ରାମର ପୁଷ୍ପାଞ୍ଜଳି ପରିଛା। ଏନେଇ ମୃତ ବୃଦ୍ଧାଙ୍କ ସ୍ୱାମୀ ଲକପତି ପରିଛା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଲକପତିଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଶାଶୁଙ୍କ ଶୁଦ୍ଧିକ୍ରିୟା ପାଇଁ ପୁଅ, ବୋହୂ ଓ ସ୍ତ୍ରୀ ପୁଷ୍ପାଞ୍ଜଳି ପାଙ୍ଗାଲି ଗ୍ରାମକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ପୁଷ୍ପାଞ୍ଜଳିଙ୍କ ସହିତ ପୁଅ ବୋହୂଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ବୋହୂ ଓ ତାଙ୍କର ଜଣେ ସହଯୋଗୀ ମିଶି ମା' ପୁଷ୍ପାଞ୍ଜଳିଙ୍କ ଚୁଟି ଧରି ଘୋଷାଡ଼ିବା ସହ ପେଟକୁ ଗୋଇଠା ମାରିଥିଲେ। ପୁଷ୍ପାଞ୍ଜଳି ଯନ୍ତ୍ରଣାରେ ଛଟପଟ ହେଉଥିଲା ବେଳେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସାଇଣ୍ଟିଫିକ ଟିମ ଆସି ଘଟଣା ସ୍ଥଳରୁ ନମୁନା ସଂଗ୍ରହ କରିଛି। ବୃଦ୍ଧାଙ୍କ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା ନଂ. ୬୬/୨୩ ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି। ପୋଲିସ ପୁଅଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ବୋହୂଙ୍କୁ ସୋମବାର ଥାନାରେ ହାଜର ହେବାକୁ କହିଛି।

ଚାକିରି ସର୍ତ୍ତାବଳୀ ନେଇ ବିଭିନ୍ନ କର୍ମଚାରୀ ସଙ୍ଗଠନଠାରୁ ସ୍ମାରକପତ୍ର ଆହ୍ୱାନ

ଭୁବନେଶ୍ୱର, ୧୭।୪ (ବ୍ୟୁରୋ): ରାଜ୍ୟ ସରକାରଙ୍କ କର୍ମଚାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ସଂସ୍ଥାଗୁଡିକରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ବାବଦରେ ବିଭିନ୍ନ କର୍ମଚାରୀ ସଙ୍ଗଠନ ପକ୍ଷରୁ ଦାବି ଓ ସ୍ମାରକପତ୍ର ଆହ୍ୱାନ କରାଯାଇଛି। ଏଥିସହ ଏହାର ଅନୁଧ୍ୟାନ ନିମନ୍ତେ ୧୯ ଫେବୃୟାରୀ ୨୦୨୩ରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶନାମା ନଂ. ୪୪୭୯ ଅନୁଯାୟୀ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠିତ ହୋଇଛି। କମିଟି ସଦସ୍ୟ-ଆବାହକ ତଥା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ନିକଟରେ ବିଭିନ୍ନ ସଙ୍ଗଠନର ପ୍ରତିନିଧିବୃନ୍ଦ ଦାବିପତ୍ର ପ୍ରଦାନ କରି ପାରିବେ। ତେବେ ଏହି ଦାବିପତ୍ର ସିଧାସଳଖ ସାକ୍ଷାତକ୍ରମେ କିମ୍ବା ଡାକ ଯୋଗେ ପ୍ରଦାନ କରି ପାରିବେ। କୌଣସି ସରକାରୀ କର୍ମଚାରୀ ବ୍ୟକ୍ତିଗତ ଭାବେ ଦାବି ପ୍ରଦାନ କରିପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

କେନ୍ଦ୍ର ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଶ ବିଭାଗୀୟ ଅଧିକାରୀମାନଙ୍କ ସହ ରବିବାର ପୁରୀ ରେଳଷ୍ଟେଶନ ପୁନର୍ବିକାଶ କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି।

'ଏଜୁକେଶନ ୱାର୍ଲ୍ଡ' ଜାତୀୟ ପତ୍ରିକାରେ ଓଡ଼ିଶାର ୧୦ ମହାବିଦ୍ୟାଳୟ

ବାଲେଶ୍ୱର ଅଫିସ,୧୭।୪

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

ଏଜୁକେଶନ ୱାର୍ଲ୍ଡ ଜାତୀୟ ପତ୍ରିକାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ରାଜ୍ୟର ୧୦ ମହାବିଦ୍ୟାଳୟ ସ୍ଥାନ ପାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନ ସମ୍ପର୍କରେ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ, ଶିକ୍ଷା ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, ଗବେଷଣାତ୍ମକ ଭିତ୍ତିଭୂମି, ଛାତ୍ରୀଛାତ୍ରମାନଙ୍କ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ବିବିଧ କୃତିତ୍ୱ, ବୃତ୍ତିଭିତ୍ତିକ ଓ ନୈତିକ ଶିକ୍ଷାର ପ୍ରସାର, ସମାଜସେବା ଓ ନିଯୁକ୍ତି କ୍ଷେତ୍ରରେ ଯୋଗଦାନ ଆଦି ବିଷୟକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଓଡ଼ିଶାର ୩୦ଟି ଜିଲାର ବିଭିନ୍ନ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୧୦ଟି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ତାଲିକା ପ୍ରକାଶିତ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଚତୁର୍ଥ ସ୍ଥାନ ହାସଲ କରିଛି। କଟକ ଜିଲାର ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଥମ, ପୁରୀ ଜିଲାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱିତୀୟ, ଢେଙ୍କାନାଳ ଜିଲାର ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ତୃତୀୟ, ପୁରୀ ଜିଲାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଞ୍ଚମ, ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବ୍ରହ୍ମପୁରର ଏସବିଆରଜି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଷଷ୍ଠ, କଳାହାଣ୍ଡି ଜିଲାର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣା ସପ୍ତମ, ମୟୂରଭଞ୍ଜ ଜିଲାର ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବାରିପଦା ଅଷ୍ଟମ, କେନ୍ଦୁଝର ଜିଲାର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ନବମ ଓ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ଦଶମ ସ୍ଥାନରେ ରହିଛନ୍ତି।

୬୧ ହଜାର ମାମଲା, ୪୯ ହଜାରରୁ ଊର୍ଦ୍ଧ୍ୱ ଗିରଫ

ଭୁବନେଶ୍ୱର,୧୭।୪ (ବ୍ୟୁରୋ)

ଅବକାରୀ ବିଭାଗର ବାର୍ଷିକ ସମୀକ୍ଷା

୨୦୨୨-୨୩ ଆର୍ଥିକ ବର୍ଷରେ ଅବକାରୀ ବିଭାଗ ପକ୍ଷରୁ ୬୧ ହଜାରରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରାଯାଇ ୪୯ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମାମଲା ଓ ଗିରଫଦାରୀ ସଂଖ୍ୟା ପୂର୍ବବର୍ଷ ତୁଳନାରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ହୋଇଛି। ଭୁବନେଶ୍ୱର କ୍ୟାମ୍ପ ଅଫିସରେ ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଶନିବାର ଆୟୋଜିତ ବାର୍ଷିକ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି। ଏହି ବର୍ଷରେ ଅବକାରୀ ଚଢ଼ାଉ ଦ୍ୱାରା ୬୧ ହଜାର ୩୭୭ ରୁଜୁ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୫୧ ପ୍ରତିଶତ ଅଧିକ। ସେହିଭଳି ବେଆଇନ ନିଶା କାରବାର ଅଭିଯୋଗରେ ୪୯ ହଜାର ୨୧୧ଜଣ ଗିରଫ ହୋଇଛନ୍ତି, ଯାହା ପୂର୍ବବର୍ଷ ତୁଳନାରେ ୪୭ ପ୍ରତିଶତ ଅଧିକ। ପୂର୍ବ ବର୍ଷରେ ୪୦ ହଜାର ୫୯୮ ମାମଲା ରୁଜୁ ହୋଇଥିବାବେଳେ ୩୩ ହଜାର ୫୫୧ଜଣ ଗିରଫ ହୋଇଥିଲେ। ଅନ୍ୟପକ୍ଷରେ ୨୦୨୨-୨୩ ବର୍ଷରେ ୧୯୪୯ ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଛି। ଏହା ପୂର୍ବବର୍ଷ ତୁଳନାରେ ୧୬୧ ପ୍ରତିଶତ ଅଧିକ ଅର୍ଥାତ୍ ୨୦୨୧-୨୨ରେ ଏନ୍‌ଡିପିଏସ୍ ମାମଲା ସଂଖ୍ୟା ଥିଲା ୭୮୯। ସେହିଭଳି ଏହି ବର୍ଷରେ ଏନ୍‌ଡିପିଏସ୍ ମାମଲାରେ ୨୨୩୨ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୧ ହଜାର ୩୩୦ କେଜିଗଞ୍ଜେଇ ଓ ୩୨ କେଜି ୫୧୨ ଗ୍ରାମ ବ୍ରାଉନସୁଗର ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାର ପରିମାଣ ପୂର୍ବବର୍ଷ ତୁଳନାରେ ୧୫୯ ପ୍ରତିଶତ ଅଧିକ ରହିଛି।

'ମୃତକଙ୍କ ପରିବାରକୁ ୫ଲକ୍ଷ, ଗୁରୁତରଙ୍କୁ ଲକ୍ଷେ ଦିଅ'

ଭୁବନେଶ୍ୱର,୧୭।୪ (ବ୍ୟୁରୋ)

ବିଜୁ ସେତୁ ଭୁଶୁଡ଼ିବା ଘଟଣା

- ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି
- ୨୦୨୧ ଜାନୁୟାରୀ ୧୦ରେ ଭୁଶୁଡ଼ିଥିଲା ସେତୁ

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼କୁମାର ପଞ୍ଚାୟତ ଅଧୀନ ତାଲାପଦର ନାଗାନଦୀ ଉପରେ ନିର୍ମାଣଧିନ ବିଜୁ ସେତୁ ଭୁଶୁଡ଼ିବା ଘଟଣାରେ ମୃତକଙ୍କୁ ୫ ଲକ୍ଷ ଓ ଗୁରୁତରଙ୍କୁ ୧ ଲକ୍ଷ ଲେଖାଏ ଦେବାକୁ ଜାତୀୟ ମାନବାଧିକାରୀ କମିଶନ(ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଥିଲେ। ଆସନ୍ତା ଜୁନ୍ ୨ ସୁଦ୍ଧା ଏହି କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ତାହାର ପ୍ରମାଣ କମିଶନରଙ୍କ ନିକଟରେ ରଖିବାକୁ ନିର୍ଦ୍ଦେଶରେ କୁହାଯାଇଛି।

ସୂଚନା ଅନୁଯାୟୀ, ତାଲାପଦଠାରୁ ଜାନିଗୁଡ଼ାକୁ ସଂଯୋଗ ପାଇଁ ୨ କୋଟି ୪୧ ଲକ୍ଷ ୫ଶହ ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ସେତୁ ନିର୍ମାଣ ଚାଲିଥିଲା। ୨୦୨୧ ଜାନୁୟାରୀ ୧୦ ଅପରାହ୍ନ ୫ଟାରେ ବ୍ରିଜର ୪ର୍ଥ ସ୍ଲାବ ଖସି ପଡ଼ିବାରୁ ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ମହେନ୍ଦ୍ର ମାଳୀଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ୩ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ, ଆହତଙ୍କୁ କ୍ଷତିପୂରଣ ଦେବା ସହ ଦୋଷୀ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମାନବାଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିସନ୍ ଦାୟର କରିଥିଲେ। ଏହି ଘଟଣାରେ ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୩ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ଜିଲାପାଳ ରିପୋର୍ଟରେ ଦର୍ଶାଇଥିଲେ। ଘଟଣାରେ ସରକାର ଦାୟୀ ହୋଇଥିବାରୁ ମୃତକଙ୍କ ପରିବାରକୁ ୫ଲକ୍ଷ ଓ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ କାହିଁକି ଦିଆ ନ ଯିବ ବୋଲି କମିଶନ ପ୍ରଶ୍ନ କରି ଜବାବ ଦେବାକୁ ୨୦୨୨ ଜୁନ ୨୮ରେ ନୋଟିସ୍ କରିଥିଲେ। ହେଲେ ମୁଖ୍ୟ ଶାସନ ସଚିବଙ୍କଠାରୁ କୌଣସି ଉତ୍ତର ନ ମିଳିବାରୁ କମିଶନ କ୍ଷୋଭ ପ୍ରକାଶ କରିବା ସହ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚଲିଙ୍ଗେଶ୍ୱର ସଂରକ୍ଷିତ ଜଙ୍ଗଲରେ ବିଦେଶୀ ପକ୍ଷୀ ପାଏଡ଼ ଥ୍ରଶ

**ନୀଳଗିରି, ୧୭।୪(ସ୍ୱ.ପ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗାଆଁ ମୁଣ୍ଡ ଘର ଚୋରକୁ
ଅଦିନ ଚାଷ କରକୁ
ରାତି ଦହି ଖିଆ ଜରକୁ
ବୁଢା କାଳେ ବିଭା ପରକୁ।

ଗାଁ ମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସର୍ବଦା ଆଖେଇଥାଏ। ଅଦିନରେ କରାଯାଇଥିବା ଚାଷ ପାଇଁ ରାଜା ଘର କିମ୍ବା ସରକାର କର ନେବା ଲାଗି ମନ ବଳେଇଥାନ୍ତି। ରାତିରେ ଦହି ଖାଇଲେ ଜ୍ୱର ହୋଇଥାଏ। ସେହିପରି ବୃଦ୍ଧକାଳେ ତରୁଣୀଟିଏକୁ ବାହାହେଲେ ସେ ସ୍ତ୍ରୀ ଭବିଷ୍ୟତରେ ପରପୁରୁଷର ପ୍ରୀତିରେ ଯେ ମଜ୍ଜି ନ ରହିବ ଏ ପ୍ରକାରର ଆଶଙ୍କା ସର୍ବଦା ମନକୁ ଆନ୍ଦୋଳିତ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଗଙ୍ଗାଜଳ
ତା'ଠାରୁ ନାହିଁ ନିରିମଳ।

ଗଙ୍ଗା ଜଳ ଅତ୍ୟନ୍ତ ପବିତ୍ର ହୋଇଥାଏ। ଏଥିରେ ମଇଳା ପରିଦୃଷ୍ଟ୍ୟ ହେଲେ ମଧ୍ୟ ତା'ର ପବିତ୍ରତା ଯୋଗୁ ସେ ସ୍ୱତଃ ନିର୍ମଳ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

ନନ୍ଦିନୀଙ୍କୁ ଫେମିନା ମିସ୍ ଇଣ୍ଡିଆ ମୁକୁଟ

ନୂଆଦିଲ୍ଲୀ,୧୬।୪

ରାଜସ୍ଥାନର ୧୯ ବର୍ଷୀୟା ନନ୍ଦିନୀ ଗୁପ୍ତା ୨୦୨୩ ବର୍ଷ ପାଇଁ ଫେମିନା ମିସ୍ ଇଣ୍ଡିଆ ମୁକୁଟ ଜିତିଛନ୍ତି। ଦିଲ୍ଲୀର ଶେୟା ପୁଞ୍ଜା ପ୍ରଥମ ରନର୍ସ ଅପ୍ ହୋଇଥିବାବେଳେ ମଣିପୁରର ଥୋଉନାଓଜାମ୍ ଷ୍ଟ୍ରେଲା ଲୁୱାଙ୍ଗ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ମଣିପୁର ଇମ୍ଫାଲର ଇନ୍‌ଡୋର ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଶନିବାର ରାତିରେ ବିଜେତାମାନଙ୍କ ନାମ ଘୋଷଣା କରାଯାଇଛି। ବିଜ୍‌ନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଥିବା ନନ୍ଦିନୀଙ୍କର ବିଭିନ୍ନ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାରେ ଉତ୍ସର୍ଗୀକୃତ ଉଦ୍ୟମ ପାଇଁ ସେ ମିସ୍ ଇଣ୍ଡିଆ ମୁକୁଟ ଜିତିବାରେ ସଫଳ ହୋଇଛନ୍ତି। ଗତବର୍ଷର ମିସ୍ ଇଣ୍ଡିଆ ସିନି ସେଟ୍ଟୀ ନନ୍ଦିନୀଙ୍କୁ ମିସ୍ ଇଣ୍ଡିଆ ମୁକୁଟ ପିନ୍ଧାଇଥିଲେ। ଏବେ ନନ୍ଦିନୀ ୭୧ତମ ମିସ୍ ୱାର୍ଲ୍ଡ ପାଜେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିବେ। ତାଙ୍କୁ ୧୦ ବର୍ଷ ହୋଇଥିବାବେଳେ ସେ ମିସ୍ ଇଣ୍ଡିଆ ପାଇଁ ସ୍ୱପ୍ନ ଦେଖିଥିଲେ। ସେ ସେଣ୍ଟ ପଉଲ୍ସ ସିନିୟର ସେକେଣ୍ଡାରୀ ସ୍କୁଲରୁ ପାଠପଢ଼ା ସାରି ଲାଲା ଲଜପତ୍ ରାୟ କଲେଜ୍‌ରେ ବିଜିନେସ୍ ମ୍ୟାନେଜ୍‌ମେଣ୍ଟ କରିଛନ୍ତି। ରତନ ଟାଟା ତାଙ୍କ ଜୀବନର ବଡ଼ ଇନ୍‌ଫ୍ଲୁଏନ୍ସର ବୋଲି ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ତାଙ୍କର ଫେମିନା ମିସ୍ ଇଣ୍ଡିଆ ପାଜେଣ୍ଟ ଯାତ୍ରାରେ ୨୦୦୦ର ମିସ୍ ୱାର୍ଲ୍ଡ ପ୍ରିୟଙ୍କା ଚୋପ୍ରା ବଡ଼ ପ୍ରେରଣା ବୋଲି ସେ କହିଛନ୍ତି।

ନନ୍ଦିନୀ ଗୁପ୍ତା

ହାତୀମୃତ୍ୟୁ ଘଟଣା: ଗ୍ରୀଷ୍ମ ତାପ, ପାଣି ଅଭାବ ଦାୟୀ

ନରସିଂହପୁର,୧୬।୪(ସ୍ୱ.ପ୍ର.): କଟକ ଜିଲା ନରସିଂହପୁର ପୂର୍ବ ସର୍କଲ ବନ ବିଭାଗ ଅନ୍ତର୍ଗତ ନୂଆଗଡ଼ ରିଜର୍ଭ ଜଙ୍ଗଲ ଅଧୀନ ବ୍ରାହ୍ମଣୀ ବିଟ କମ୍ପାର୍ଟମେଣ୍ଟ-୩ ଜଙ୍ଗଲରୁ ଏକ ୨ରୁ ୩ ବର୍ଷର ଛୁଆ ମାଈହାତୀର ମୃତଦେହ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମ ତାପ ଓ ପାଣି ଅଭାବରୁ ତା'ର ମୃତ୍ୟୁ ଘଟିଥିବା ନେଇ ପୂର୍ବ ସର୍କଲ ରେଞ୍ଜର ସୁବାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ୧୦ରୁ ୧୫ ଦିନ ତଳେ ଏହି ହାତୀର ମୃତ୍ୟୁ ଘଟିଥିବାନେଇ ବିଶେଷ ସୂତ୍ରରୁ ଜଣାପଡ଼ିଥିଲେ ମଧ୍ୟ ବନ ବିଭାଗ ତରଫରୁ ୩ ରୁ ୪ ଦିନ ପୂର୍ବେ ମୃତ୍ୟୁ ଘଟିଥିବା କୁହାଯାଉଛି। ଗତ ଶୁକ୍ରବାର ଏହି ହାତୀର ଗଳିତ ମୃତଦେହ ଠାବ ହେବା ପରେ ବିଭାଗ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେଠାରେ ତରବରିଆ ଭାବେ ପୋତି ଦିଆଯାଇଛି। ଏନେଇ ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ଅଧିକାରୀ ରାଉତଙ୍କ ସୂଚନା ଅନୁଯାୟୀ, ବ୍ରାହ୍ମଣୀ ବିଟ ଜଙ୍ଗଲ ମଧ୍ୟରେ ୩ଟି ଜଳାଶୟ ରହିଛି। ସେଠାରେ ବନ୍ୟଜନ୍ତୁଙ୍କ ପାଇଁ ଆବଶ୍ୟକ ପାଣି ରହିଛି। ଜଙ୍ଗଲ ମଧ୍ୟରେ ହାତୀପଲ ସହ ଏହି ଛୁଆ ମାଈହାତୀ ବୁଲୁଥିବାବେଳେ କୌଣସି କାରଣରୁ ପାଣି ନିକଟକୁ ଆସି ପାରିନାହିଁ। ଫଳରେ ହାତୀପଲ ତାକୁ ଛାଡ଼ି ପଳାଇ ଯାଇଛନ୍ତି। ପରେ ପିଇବା ପାଣି ନ ପାଇ ଗ୍ରୀଷ୍ମତାପ କଷ୍ଟରେ ହାତୀଟି ମରିଯାଇଛି। ମାତ୍ର ଘଞ୍ଚ ଜଙ୍ଗଲ ଭିତରେ ଏହି ଘଟଣା ଘଟିଥିବାରୁ ତାକୁ ସଙ୍ଗେ ସଙ୍ଗେ ଠାବ କରିବା ସମ୍ଭବ ହୋଇ ନ ଥିଲା ବୋଲି ରାଉତ ସୂଚନା ଦେଇଛନ୍ତି। ଅପରପକ୍ଷେ ଏକ ଜଳାଶୟଠାରୁ ମାତ୍ର ୧୫୦ ମିଟର ଦୂରରେ ଛୁଆ ହାତୀର ମୃତ୍ୟୁ ଘଟିଥିବାରୁ ରାଉତଙ୍କ ପ୍ରତିକ୍ରିୟାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପାଣି ଅଭାବରୁ ନା ଅନ୍ୟ କୌଣସି କାରଣରୁ ଏହି ହାତୀର ମୃତ୍ୟୁ ଘଟିଛି ତାର ତଦନ୍ତ କଲେ ପ୍ରକୃତ ଘଟଣା ଜଣାପଡ଼ିବ। କାରଣ ନରସିଂହପୁର ଅଞ୍ଚଳରେ କେତେବେଳେ ଶିକାରୀ ଗୁଳିରେ, ଆଉ କେତେବେଳେ ରୋଗରେ ପଡ଼ି ହାତୀ ମୃତ୍ୟୁ ଘଟୁଥିବା ବେଳେ ଏବେ ପାଣି ଅଭାବରୁ ଏହି ଘଟଣାର ପୁନରାବୃତ୍ତି ହୋଇଛି ବୋଲି ପରିବେଶବିତ୍ ଦେବରାଜ ସ୍ୱାଇଁ କହିଛନ୍ତି।

ସୀମା ବିବାଦରୁ ୧୪୪ ଜାରି

- **ଛକର ନାମକରଣ ନେଇ ୨ ଗାଁ ମଧ୍ୟରେ ସଂଘର୍ଷ**
- **ଆକ୍ରମଣରେ ୨୦ରୁ ଅଧିକ ଆହତ**
- **ଜାଳିଦେଲେ କାର୍, ବାଇକ୍ ଓ ଦୋକାନ: ୪ ଗିରଫ**

ବନ୍ତ/ଭଦ୍ରକ ଅଫିସ/ହାଟଡିହୀ, ୧୬।୪(ଡି.ଏନ୍.ଏ.)

ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ଓରାଳି ଛକଠାରେ ସୀମା ବିବାଦ ଓ ଛକର ନାମକରଣକୁ ନେଇ ଶନିବାର ରାତିରେ ଦୁଇ ଗାଁ ମଧ୍ୟରେ ସଂଘର୍ଷ ଘଟିଛି। ସଂଘବଦ୍ଧ ଆକ୍ରମଣରେ ଉଭୟ ପକ୍ଷର ୨୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଦୋକାନ, କାର୍ ଓ ବାଇକ୍ ଜାଳି ଦିଆଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ ରଖି ଭଦ୍ରକ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋଜ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ରବିବାର ପୂର୍ବାହ୍ନ ୧୧ଟାରୁ ଆସନ୍ତା ୧୮ ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଉକ୍ତ ଛକର ୨ଶହ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଛି। ଶନିବାର ରାତିରେ ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ମନୋଜ ପାତ୍ର ଓ ବନ୍ତ ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ଘଟଣାସ୍ଥଳରେ ପହଞ୍ଚି ବନ୍ତ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଥିଲେ। ରବିବାର ସକାଳଠାରୁ ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ବନ୍ତ ତହସିଲଦାର ଅଙ୍କିତା ବାରିକ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରମଣ ନେଇ ବନ୍ତ ବ୍ଲକ ଆପଣ୍ଡା ଗ୍ରାମର କାଶୀନାଥ ନାୟକଙ୍କ ଅଭିଯୋଗ କ୍ରମେ ବନ୍ତ ଥାନାରେ ଏକ ମାମଲା (ନଂ.୫୪/୨୩) ରୁଜୁ ହୋଇଛି। ଏହି ଘଟଣାରେ ବନ୍ତ ପୋଲିସ ରାତିରେ ୬ ଜଣଙ୍କୁ ଉଠାଇ ନେଇଥିବା ବେଳେ ରବିବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଓରାଳି ଗ୍ରାମର ଗୌରହରି ରାଉତ, ଶିବ ପ୍ରସାଦ ରାଉତ, ଶୁଭମ ରାଉତ ଓ ତୋଫାନ ଭୋଇ।

ପ୍ରକାଶ ଯେ, ବନ୍ତ ଓ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସୀମାନ୍ତବର୍ତ୍ତୀ ଉକ୍ତ ସ୍ଥାନ ଓରାଳି ଛକ ଭାବେ ଦୀର୍ଘଦିନ ଧରି ନାମିତ ରହିଛି। କିଛିଦିନ ପୂର୍ବରୁ ଆପଣ୍ଡା ଆର୍‌ଆଇଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ ପରେ ଉକ୍ତ ଛକ ବନ୍ତ ତହସିଲ ଅଧୀନ ଆପଣ୍ଡା ଗ୍ରାମର ବୋଲି ଜଣାପଡ଼ିଥିଲା। ଏହାପରେ ଆପଣ୍ଡା ଛକ ଭାବେ ନାମକରଣ ପାଇଁ ଜିଦ୍ କରିବା ପରେ ବିବାଦ ଆରମ୍ଭ ହୋଇଥିଲା। ଶନିବାର ରାତିରେ ଆପଣ୍ଡା ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଛକରେ ଆପଣ୍ଡା ଛକ ନାମଫଳକ ଲଗାଉଥିବା ବେଳେ ଓରାଳିର କେତେଜଣ ଲୋକ ବିରୋଧ କରିବାରୁ ମାରପିଟ ହୋଇଥିଲା। ଓରାଳି ଗ୍ରାମର ଶତାଧିକ ବ୍ୟକ୍ତି ସଂଘବଦ୍ଧ ଭାବେ ଆପଣ୍ଡା ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଆହତମାନଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରତି ଆକ୍ରମଣରେ ଓରାଳି ଗ୍ରାମର ଆହତମାନଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା। ଦୀର୍ଘସମୟ ଧରି ଗଣ୍ଡଗୋଳ ଲାଗିରହିଥିଲା। ଛକରେ ଥିବା ୧୦ ଦୋକାନ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ଦୋକାନ ବାହାରେ ରଖାଯାଇଥିବା କାର୍ ଓ ବାଇକ୍‌କୁ ମଧ୍ୟ ଗଣ୍ଡଗୋଳକାରୀମାନେ ଜାଳି ଦେଇଥିଲେ। ସେଥିମଧ୍ୟରେ ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନାଙ୍କ କାର୍ ଥିଲା। ଆଗରପଡ଼ା ଓ ନନ୍ଦିପଦା ଦମକଳ ବାହିନୀ ଆସିଥିବା ବେଳେ ଉଭୟକ୍ତ ଲୋକେ ନିଆଁ ଲିଭାଇବାକୁ ଛାଡ଼ି ନ ଥିଲେ। ଏପରିକି ଘଟଣାସ୍ଥଳକୁ ଯାଉଥିବା ବନ୍ତ ପୋଲିସକୁ ମଧ୍ୟ ଛାଡ଼ି ନ ଥିଲେ। ପରେ ନନ୍ଦିପଦା, ଆଗରପଡ଼ା ଓ ବନ୍ତ ପୋଲିସ ସମେତ ଏକ ପ୍ଲାଟୁନ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀ କହିଛନ୍ତି, ସୀମା ବିବାଦକୁ ନେଇ ସଂଘର୍ଷ ହୋଇଛି। ଏନେଇ ନନ୍ଦିପଦା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଯେହେତୁ ଦୁଇ ଜିଲାର ସୀମାକୁ ନେଇ ବିବାଦ ଉପୁଜିଛି। ଉଭୟ ଜିଲା ଅଧିକାରୀ ସ୍ତରରେ ଆଲୋଚନା କରାଯାଇ ସମାଧାନ ବାଟ କଢ଼ାଯିବ।

ପ୍ରଥମ ପୃଷ୍ଠାରୁ...

ତଅଁଳପଡ଼ାରେ ରବିବାର ସକାଳେ ଏକ ଘରେ ନିଆଁ ଲଗାଇ ଦିଆଯାଇଥିବାବେଳେ ସେଠାରୁ ଉଦ୍ଧାର କରାଯାଇଥିବା ଆସବାବପତ୍ର ବାହାରେ ପଡ଼ି ରହିଛି।

ସମ୍ବଲପୁର ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନିକ ଅଧିକାରୀଙ୍କ ଉଚ୍ଚସ୍ତରୀୟ ବୈଠକ।

ଡିଜିପି କହୁଛନ୍ତି ଶାନ୍ତି, ...

ଇଣ୍ଟରନେଟ୍ ସେବା ବନ୍ଦ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଅନେକ ସରକାରୀ, ବେସରକାରୀ ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇଛି।

ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ଏସ୍‌ଆର୍‌ସିଙ୍କ ନିବେଦନ

ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରବିବାର ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ସହରର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। ଏହାପରେ ସେ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ସମ୍ବଲପୁର ଭାଇଚାରାର ସହର। ଘଟଣା ଘଟିଯାଇଛି। ଏବେ ପୂର୍ବ ସ୍ଥିତି ଫେରାଇ ଆଣି ପୁଣି ଶାନ୍ତଭାବେ ଜୀବନଯାପନ କରନ୍ତୁ। ଏ ଦିଗରେ ସମସ୍ତେ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ବୈଠକରେ ଆର୍‌ଡିସି ଡ. ସୁରେଶଚନ୍ଦ୍ର ଦଲେଇ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) କମିଶନର ପ୍ରଦୀପ କୁମାର ସାହୁ, ସମ୍ବଲପୁର ଏସ୍‌ପି ବାଟୁଲା ଗଙ୍ଗାଧରଙ୍କ ସମେତ ଏସ୍‌ଏମ୍‌ସି ଅଧୀନରେ ଆସୁଥିବା ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ।

ତାତି ପାଇଁ ସମ୍ବଲପୁରରେ ଆଉ ୨ ଦିନ ସ୍କୁଲ ଛୁଟି

ପ୍ରବଳ ତାତି ପାଇଁ ରାଜ୍ୟ ସରକାର ପୂର୍ବରୁ ରବିବାର ଯାଏ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରିଥିଲେ। ତେବେ ସମ୍ବଲପୁର ଜିଲାରେ ଭୀଷଣ ରୌଦ୍ରତାପକୁ ଦୃଷ୍ଟିରେ ରଖି ଜିଲାପାଳ ଅନନ୍ୟା ଦାସ ସମସ୍ତ ସ୍କୁଲ ଓ କଲେଜର ଛୁଟିକୁ ଆଉ ଦୁଇଦିନ ପାଇଁ ବୃଦ୍ଧି କରିଛନ୍ତି।

'ସତ୍ୟପାଲଙ୍କ ମନ୍ତବ୍ୟରୁ.....

ଏମ୍‌ପି ମହୁଆ ମୋଇତ୍ର ଏକାଧିକ ଟୁଇଟ୍ କରି କହିଛନ୍ତି, ଭାଜପା ଭାରତକୁ ମାଫିଆ ସାଧାରଣତନ୍ତ୍ରରେ ପରିଣତ କରିଦେଇଛି। ମୁଁ ଏହା ଏଇଠି, ବିଦେଶରେ ଓ ସବୁଠି କହିବି। କାରଣ ଏହା ହିଁ ସତ୍ୟ। ପୋଲିସ ହେପାଜତରେ ଥିବା ଦୁଇଜଣ ବ୍ୟକ୍ତିଙ୍କୁ ବହୁ ସଂଖ୍ୟକ ପୋଲିସ କର୍ମଚାରୀ ଓ କ୍ୟାମେରା ସାମ୍ନାରେ ହତ୍ୟା କରାଯାଇଛି। ଏହା ହେଉଛି ଦେଶରେ ପ୍ରଚଳିତ ଆଇନର ହତ୍ୟା। ଫୁଲ୍‌ୱାମା ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଚୁପ୍ ରହିବାକୁ କହିଥିବା ବିଷୟ ପ୍ରଘଟ ହେବା ପରେ ସେଥିରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଏହି ହତ୍ୟା କରାଯାଇଥିବା ମହୁଆ ଅଭିଯୋଗ ଆଣିଛନ୍ତି। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି କହିଛନ୍ତି, ଅତିକ୍ ଅହମ୍ମଦ ଓ ଅଶ୍ରଫ୍ ଅହମ୍ମଦଙ୍କ ହତ୍ୟା ଫୁଲୱାମା ଆକ୍ରମଣକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଦେଇଥିବା ଚାଞ୍ଚଲ୍ୟକର ମନ୍ତବ୍ୟରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ଲାଗି ଉତ୍ତର ପ୍ରଦେଶ ସରକାରଙ୍କ ଚତୁର କୌଶଳ। ଉତ୍ତର ପ୍ରଦେଶରେ ଅରାଜକତା ଓ ଜଙ୍ଗଲରାଜ ଚାଲିଛି। ହତ୍ୟାକାରୀ ଓ ଆଇନକୁ ମାନୁ ନ ଥିବା ଲୋକେ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ଉତ୍ସବ ମନାଉଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ସଂଗ୍ରାମୀମାନେ ଭାରତର ସମ୍ବିଧାନ ପ୍ରଣୟନ କରିଥିଲେ। ଏହାକୁ ଦୁର୍ବଳ କରିବା ପାଇଁ କାହାକୁ ସୁଯୋଗ ଦିଆଯିବା ଅନୁଚିତ। ଅପରାଧୀମାନଙ୍କୁ କଠୋର ଦଣ୍ଡ ଦେବା ପାଇଁ କୋର୍ଟ ରହିଛି। ନ୍ୟାୟପାଳିକାର ଆଇନ ଅନୁସାରେ ଏହା ହେବା କଥା। କିନ୍ତୁ ସେମାନେ ଆଇନଶୃଙ୍ଖଳା ସହ ଖେଳୁଛନ୍ତି। ଏଥିରୁ ଅରାଜକତା ସୃଷ୍ଟି ହେଉଛି, ଯାହାକି ଗଣତନ୍ତ୍ର ପାଇଁ ବିପଜ୍ଜନକ। ଆଇନଭଙ୍ଗକାରୀ କୌଣସି ସରକାର, ନେତା କିମ୍ବା ବ୍ୟକ୍ତିଙ୍କୁ ଏହି ଅଧିକାର ଦିଆଯାଇପାରିବ ନାହିଁ। ବନ୍ଧୁକର ଆଇନ ଏବଂ ଭିଡ଼ତନ୍ତ୍ର ପାଇଁ ଓକିଲାତି କରୁଥିବା ବ୍ୟକ୍ତିମାନେ କେବଳ ସମ୍ବିଧାନକୁ ଧ୍ୱଂସ କରିପାରନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଦେଶରେ ସମ୍ବିଧାନ ସର୍ବୋଚ୍ଚରେ ରହିଛି। ଆଇନକୁ ଦୁର୍ବଳ କରୁଥିବା ଅପରାଧୀମାନଙ୍କୁ ରାଜନୈତିକ ସ୍ୱାର୍ଥ ପାଇଁ ପ୍ରୋତ୍ସାହନ ଦେବା ବିପଜ୍ଜନକ। ସେହିପରି ୟୁପି ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟରରେ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ହାଇଦ୍ରାବାଦ୍ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ଭାଜପା ଶାସିତ ୟୁପିରେ ହତ୍ୟା ବଢ଼ିଚାଲିଛି। ଯୋଗୀ ସରକାର କ୍ଷମତାକୁ ଆସିବା ପରଠୁ ରାଜ୍ୟରେ ଆଇନର ଶାସନ ପରିବର୍ତ୍ତେ ବନ୍ଧୁକର ଶାସନ ଚାଲିଛି। ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ କରାଯାଉ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଇସ୍ତଫା ଦିଅନ୍ତୁ ବୋଲି ଓୱାଇସି ଦାବି କରିଛନ୍ତି। ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବା ଉଚିତ। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ମତରେ ଯୋଗୀ ସରକାର ଅମଳରେ ଭାଜପା ଜଙ୍ଗଲରାଜ ଚଳାଇଛି। ଏନ୍‌କାଉଣ୍ଟର ହତ୍ୟା, ବୁଲ୍ଡୋଜର ରାଜନୀତି ଓ ଅପରାଧୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଭାରତକୁ ଭାଜପା ମାଫିଆ ସାଧାରଣତନ୍ତ୍ରରେ ପରିଣତ କରିଦେଇଛି। ଆଇନର ଶାସନକୁ କାର୍ଯ୍ୟକାରୀ କରି ଅପରାଧୀଙ୍କୁ କଡ଼ା ଦଣ୍ଡ ଦିଆଯାଉ। ସେହିପରି ଆର୍‌ଜେଡି ଏମ୍‌ପି ମନୋଜ ଝାଙ୍କ ମତରେ ଏହା ଦୁଇଜଣ ବ୍ୟକ୍ତିଙ୍କର ନୁହେଁ, ବରଂ ଆଇନ ପ୍ରକ୍ରିୟାର ହତ୍ୟା। ୟୁପି ଶାସନ ବ୍ୟବସ୍ଥାର ନେତୃତ୍ୱ ନେଉଥିବା ବ୍ୟକ୍ତି ଅଯୋଗ୍ୟ। ହତ୍ୟାକାରୀମାନେ ଧର୍ମୀୟ ସ୍ଲୋଗାନ ଦେଇଥିବା ଜାଣି ମୁଣ୍ଡ ତଳକୁ ହୋଇଯାଇଛି।

୪୩ ଡିଗ୍ରୀ ଛୁଇଁଲା ...

୩୭.୬ ଡିଗ୍ରୀ ରହ

ମନ୍ କୀ ବାତ୍: ପ୍ରଧାନମନ୍ତ୍ରୀ ମୋଦିଙ୍କ ମନର କଥା

ଅନୁରାଗ ସିଂ ଠାକୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ବକ୍ତା, ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଜନଗଣଙ୍କ ସହିତ ତତ୍କାଳ ସମ୍ପର୍କ ସ୍ଥାପନ କରିବାର ଏକ ଅଦ୍ଭୁତ କଳା ତାଙ୍କ ପାଖରେ ରହିଛି। ଜଣେ ଓଜସ୍ୱୀ ବକ୍ତା ଭାବେ ତାଙ୍କର କୌଶଳ ଏହି ଅଭିନବ କ୍ଷମତାର ପ୍ରମାଣ ଦେଇଥାଏ। ତାଙ୍କ ବକ୍ତବ୍ୟରେ ରହିଥିବା ନିଷ୍ଠା, ତାଙ୍କର ଚରିତ୍ରଗତ ସଚ୍ଚୋଟତା ଏବଂ ଗତ ୮ ବର୍ଷ ଧରି ଜନସାଧାରଣଙ୍କ ସହିତ ତାଙ୍କର ବିଶ୍ୱାସ ଆଧାରିତ ସମ୍ପର୍କ ତାଙ୍କୁ ଜଣେ ଧୁରୀଣ ଗଣଯୋଗାଯୋଗକାରୀ ବା ମାସ୍ କମ୍ୟୁନିକେଟର୍ ଭାବେ ପ୍ରତିଷ୍ଠିତ କରିପାରିଛି। ତାଙ୍କର ସମାବେଶୀ ଦୃଷ୍ଟିକୋଣକୁ ବିଭିନ୍ନ ବର୍ଗର ଜନସାଧାରଣଙ୍କ ସ୍ୱୀକୃତି ମିଳିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନକେନ୍ଦ୍ରିକ ବିକାଶ ମଡେଲ ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିଛି। ନିଜର ଅଣ-ଆଭିଜାତ୍ୟପୂର୍ଣ୍ଣ ସ୍ୱଭାବ କାରଣରୁ ସେ ନିରନ୍ତର ଜନସାଧାରଣଙ୍କ ସହିତ ମତ ବିନିମୟ କରିଥା'ନ୍ତି। ଏହାର ପରିଣାମ ସ୍ୱରୂପ 'ମନ୍ କୀ ବାତ୍' ଭଳି କାର୍ଯ୍ୟକ୍ରମ ଜନ୍ମ ନେଇଛି। ଅକ୍ଟୋବର ୨୦୧୪ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଗତ କିଛିବର୍ଷ ଧରି ପ୍ରତ୍ୟେକ ମାସର ଶେଷ ରବିବାର ନିୟମିତ ଭାବେ ପ୍ରସାରିତ ହେଉଛି। ଏକ ରେଡିଓ କାର୍ଯ୍ୟକ୍ରମ ଭାବେ 'ମନ୍ କୀ ବାତ୍' ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହାକୁ ବିଭିନ୍ନ ଆଞ୍ଚଳିକ ଭାଷାରେ ଭିନ୍ନ ଭିନ୍ନ ପ୍ଲାଟ୍‌ଫର୍ମ ଜରିଆରେ ପ୍ରସାରଣ କରାଯାଉଛି।

ମନ୍ କୀ ବାତ୍‌ରେ ମୋଦିଙ୍କର ଦୁଇଟି ସ୍ୱରୂପ ଦେଖିବାକୁ ମିଳିଥାଏ। ଜଣେ ହେଉଛନ୍ତି ଦୃଢ଼, ଶକ୍ତିଶାଳୀ, ଏକାଗ୍ରଚିତ୍ତ ପ୍ରଧାନମନ୍ତ୍ରୀ ମୋଦି; ଆଉଜଣେ ହେଉଛନ୍ତି କୋମଳ, ଦୟାଳୁ, ସଜ୍ଜନ ପିତୃତୁଲ୍ୟ ମୋଦି। ଯଦି ଆପଣ ନିଜ ଆଖି ବନ୍ଦ କରି 'ମନ୍ କୀ ବାତ୍'କୁ ଶୁଣନ୍ତି, ତା'ହେଲେ ଆପଣ ଅନୁଭବ କରିପାରିବେ ଯେ ମୋଦିଜୀ ଗାଁର ଏକ ଚଉତରା ଉପରେ ବସିଛନ୍ତି, ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି, ସେମାନଙ୍କ କଥା ଶୁଣୁଛନ୍ତି, ସେମାନଙ୍କୁ କିଛି କହୁଛନ୍ତି ଏବଂ ଆବଶ୍ୟକ କ୍ଷେତ୍ରରେ ଉଚିତ ପରାମର୍ଶ ଦେଉଛନ୍ତି କିମ୍ବା ଆଦର୍ଶ କାର୍ଯ୍ୟ କରିଥିବା କେହି ଜଣେ ବ୍ୟକ୍ତିଙ୍କୁ ପ୍ରଶଂସା କରୁଛନ୍ତି। ନିକଟରେ ସେ ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କ ପରିବାରବର୍ଗଙ୍କ ସହିତ ମତବିନିମୟ କରିଥିଲେ, ଯେଉଁମାନେ ସାହସିକତା ପୂର୍ବକ ସେମାନଙ୍କ ପ୍ରିୟଜନଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଙ୍ଗଦାନ ଭଳି ଉଚ୍ଚ ବିଚାରକୁ ପ୍ରୋତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦି ଏହି ମତବିନିମୟ କାର୍ଯ୍ୟକ୍ରମକୁ ବ୍ୟବହାର କରିଥିଲେ।

ଜଳବାୟୁଜନିତ ଚରମ ପରିସ୍ଥିତିର ମୁକାବିଲାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପର୍ଯ୍ୟନ୍ତ, ପୁଣି ଅସାଧାରଣ ହୃଦୟ ଥିବା ସାଧାରଣ ଲୋକଙ୍କୁ ସେମାନଙ୍କ ଭଲ କାମ ପାଇଁ ପ୍ରଶଂସା କରିବା ପର୍ଯ୍ୟନ୍ତ ଏମିତି ସଂଖ୍ୟାଧିକ ଉଦାହରଣ ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମନ୍ କୀ ବାତ୍'ରେ ବାସ୍ତବ ଜୀବନର କାହାଣୀ ଓ ଅନୁଭୂତି ଶୁଣିବାକୁ ମିଳିଥାଏ। ଏସବୁ ହେଉଛି ଆଭିଜାତ୍ୟପୂର୍ଣ୍ଣ ଦିଲ୍ଲୀର ସଙ୍କୀର୍ଣ୍ଣ ସୀମାଠାରୁ ବାହାରେ ଥିବା ପ୍ରକୃତ ଭାରତର କାହାଣୀ। କେବଳ ଏହି କାରଣରୁ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ବ୍ୟାପକ ଲୋକପ୍ରିୟତା ଅର୍ଜନ କରିଛି ଏବଂ ଲକ୍ଷ ଲକ୍ଷ ଲୋକ ଏହାକୁ ପ୍ରଶଂସା କରୁଛନ୍ତି। ଏହା ଜନସାଧାରଣଙ୍କ ସହ ଜଡ଼ିତ ଏବଂ ଏଥିରେ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଏ।

'ମନ୍ କୀ ବାତ୍' ପ୍ରଥମ ଅଧ୍ୟାୟ ୩ ଅକ୍ଟୋବର ୨୦୧୪ରେ ପ୍ରସାରଣ କରାଯାଇଥିଲା। ୩୦ ଏପ୍ରିଲ ୨୦୨୩ରେ ଏହି କାର୍ଯ୍ୟକ୍ରମର ୧୦୦ତମ ଅଧ୍ୟାୟ ପ୍ରସାରିତ ହେବ। ବିଷୟବସ୍ତୁ, ଡିଜାଇନ, ମତବିନିମୟ ଏବଂ ସାମୂହିକ ଭାବରେ ଜନସାଧାରଣ ଓ ସମାଜ ସହିତ ମତବିନିମୟ କରିବାର ପଦ୍ଧତି ଦୃଷ୍ଟିରୁ 'ମନ୍ କୀ ବାତ୍' ଏକ ଅଭିନବ କାର୍ଯ୍ୟକ୍ରମ। ୨୬୨ଟି ବେତାର କେନ୍ଦ୍ର ଏବଂ ୩୭୫ରୁ ଅଧିକ ଘରୋଇ ଓ ଗୋଷ୍ଠୀ ବେତାର କେନ୍ଦ୍ର ସହିତ ବିଶ୍ୱର ସବୁଠୁ ବଡ଼ ରେଡିଓ ନେଟୱର୍କ 'ଆକାଶବାଣୀ' ଜରିଆରେ ଭାରତର ପ୍ରଧାନମନ୍ତ୍ରୀ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଦୃଷ୍ଟିରୁ ବିବିଧ ଜନସଂଖ୍ୟାର ଏକ ବଡ଼ ଭାଗ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପ୍ରସଙ୍ଗରେ ପରାମର୍ଶ ଦେବା ସହିତ ଜଳବାୟୁ ପରିବର୍ତ୍ତନ, ବର୍ଜ୍ୟବସ୍ତୁ ପରିଚାଳନା, ଇନ୍ଧନ ସଙ୍କଟ ଭଳି ବିଭିନ୍ନ ଜାଗତିକ ସମସ୍ୟାର ସମାଧାନ କରିବା ଲାଗି ଅନୁପ୍ରାଣିତ ଓ ସକ୍ରିୟ କରିପାରିଛନ୍ତି।

ଭାରତର ଲୋକ ସେବା ପ୍ରସାରଣକାରୀ ପ୍ରସାର ଭାରତୀ ୫୨ଟି ଭାଷା/ଉପଭାଷାରେ 'ମନ୍ କୀ ବାତ୍'ର ଅନୁବାଦ ଏବଂ ପ୍ରସାରଣ କରିଥାଏ, ଯେଉଁଥିରେ ୧୧ଟି ବିଦେଶୀ ଭାଷା ସାମିଲ ରହିଛି। ଫଳରେ ଏହି କାର୍ଯ୍ୟକ୍ରମ ଦେଶର ସବୁଠୁ ଉପାନ୍ତ ଅଞ୍ଚଳ ସମେତ ବିଦେଶରେ ରହୁଥିବା ଭାରତୀୟମାନଙ୍କ ନିକଟରେ ପହଞ୍ଚି ପାରୁଛି। 'ମନ୍ କୀ ବାତ୍' ହେଉଛି ଭାରତର ପ୍ରଥମ ଭର୍ଚୁଆଲ ରେଡିଓ କାର୍ଯ୍ୟକ୍ରମ ଯାହାକୁ ସମାନ୍ତରାଳ ଭାବେ ଟିଭି ଚାନେଲଗୁଡ଼ିକ ଦ୍ୱାରା ପ୍ରସାରଣ କରାଯାଉଛି। ଦୂରଦର୍ଶନ ନେଟ୍‌ୱର୍କର ୩୪ଟି ଚାନେଲ ଏବଂ ୧୦୦ରୁ ଅଧିକ ଘରୋଇ ସାଟେଲାଇଟ ଟିଭି ଚାନେଲ ଏହି ଅଭିନବ କାର୍ଯ୍ୟକ୍ରମକୁ ସାରା ଦେଶରେ ପ୍ରସାରଣ କରୁଛନ୍ତି। ଫଳରେ ଏହି ପାରମ୍ପରିକ ସଞ୍ଚାର ମାଧ୍ୟମ ସମ୍ପର୍କରେ ଏକ ନୂଆ ରୁଚି ଓ ସଚେତନତା ସୃଷ୍ଟି ହୋଇପାରିଛି। ଫେବୃୟାରୀ ୨୦୨୨ ପରଠାରୁ ପ୍ରତ୍ୟେକ ମାସରେ ବିଶେଷଜ୍ଞ ଏବଂ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବା ବ୍ୟକ୍ତିବିଶେଷଙ୍କ ଲେଖା ସହିତ ସୁନ୍ଦର ଭାବେ ପ୍ରସ୍ତୁତ ଏକ ପୁସ୍ତିକା ପ୍ରକାଶିତ ହେଉଛି, ଯାହାକି ଡିଜିଟାଲ ମାଧ୍ୟମରେ ୬୦ ନିୟୁତରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ପାରୁଛି।

ଜନମାନସରେ ଏତେବଡ଼ ପ୍ରଭାବ ସହିତ 'ମନ୍ କୀ ବାତ୍'କୁ ସର୍ବତ୍ର ତଥା ଯଥୋଚିତ ଭାବେ ଏକ ସାମାଜିକ ବିପ୍ଳବ ବୋଲି କୁହାଯାଉଛି ଏବଂ ଜନଭାଗୀଦାରିରେ ଏହାର ସୁଦୃଢ଼ ଆଧାର ରହିଛି। ଏହି କାର୍ଯ୍ୟକ୍ରମର ପରିକଳ୍ପନା ଓ କାର୍ଯ୍ୟକାରିତାରେ ନାଗରିକମାନଙ୍କର ଭାଗୀଦାରି ଓ ସମ୍ପୃକ୍ତିର ବିଚାର ରହିଛି। କାର୍ଯ୍ୟକ୍ରମ ପ୍ରସ୍ତୁତିଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଏଥିରେ ସାମିଲ କରୁଥିବା ବିଷୟବସ୍ତୁ ଏବଂ କାର୍ଯ୍ୟାନୁଷ୍ଠାନର ଆହ୍ୱାନ

ପର୍ଯ୍ୟନ୍ତ ସବୁଥିରେ ଜନସାଧାରଣଙ୍କ ଭାଗୀଦାରି ରହୁଛି। ପ୍ରଧାନମନ୍ତ୍ରୀ ଏହି ମାସିକ କାର୍ଯ୍ୟକ୍ରମର ପ୍ରତ୍ୟେକ ଅଧ୍ୟାୟ ମାଧ୍ୟମରେ ସାଧାରଣ ଜନତାଙ୍କ ମଧ୍ୟରେ ରହିଥିବା ଅଦ୍ଭୁତ ପରିବର୍ତ୍ତନକାରୀ ଶକ୍ତି ବିଷୟରେ ସ୍ମରଣ କରାଇ ଦେଉଛନ୍ତି। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରଶାସନରେ ଜନଭାଗୀଦାରିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚିବାରେ ସଫଳ ହୋଇପାରିଛନ୍ତି। ସେ ଏହି ପ୍ଲାଟ୍‌ଫର୍ମକୁ ଉପଯୋଗ କରି ଦେଶ ପାଇଁ ରହିଥିବା ନିଜର ଦୂରଦୃଷ୍ଟି ସମ୍ପର୍କରେ ଜଣାଇବା ସହିତ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ନାଗରିକମାନଙ୍କ ଯୋଗଦାନ ପାଇଁ ଆହ୍ୱାନ କରୁଛନ୍ତି।

'ମନ୍ କୀ ବାତ୍' କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଦେଶର ପ୍ରଧାନମନ୍ତ୍ରୀ ଏବଂ ସାଧାରଣ ନାଗରିକମାନଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା। ପ୍ରତ୍ୟେକ ମାସରେ ପ୍ରଧାନମନ୍ତ୍ରୀଙ୍କୁ ଦେଶର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ପତ୍ର ମିଳୁଛି, ଏ ସମ୍ପର୍କରେ ସେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥା'ନ୍ତି। କାର୍ଯ୍ୟକ୍ରମ ସମୟରେ ମାନନୀୟ ପ୍ରଧାନମନ୍ତ୍ରୀ ପ୍ରାୟତଃ ସାଧାରଣ ଲୋକଙ୍କ ସହିତ ଟେଲିଫୋନ୍‌ରେ ବାର୍ତ୍ତାଳାପ କରୁଛନ୍ତି। ନିର୍ବାଚିତ ନେତା ଏବଂ ଜନଗଣଙ୍କ ମଧ୍ୟରେ ଯୋଗାଯୋଗର ଏପରି ଏକ ମାଧ୍ୟମ ଉଲ୍ଲେଖନୀୟ ଭାବେ ଗଣତନ୍ତ୍ର ଓ ପ୍ରଶାସନ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରୁଛି। ଆଠ ବର୍ଷ ଧରି 'ମନ୍ କୀ ବାତ୍' ୯୯ଟି ଅଧ୍ୟାୟ ସଫଳତାପୂର୍ବକ ପ୍ରସାରିତ ହୋଇଛି। ଏହି କାର୍ଯ୍ୟକ୍ରମ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେବଳ ଜନସଚେତନତା ସୃଷ୍ଟି କରିନାହିଁ ବରଂ ସମାଜ ଓ ରାଷ୍ଟ୍ର ହିତରେ ପଦକ୍ଷେପ ନେବା ଲାଗି ଜନଗଣଙ୍କୁ ଅନୁପ୍ରାଣିତ କରିଛି। କାର୍ଯ୍ୟକ୍ରମର ପ୍ରମୁଖ ବିଶେଷତ୍ୱ ମଧ୍ୟରୁ ଗୋଟିଏ ହେଉଛି ପରିବର୍ତ୍ତନ ଆଣୁଥିବା ଲୋକମାନଙ୍କର ପ୍ରେରଣାଦାୟୀ କାହାଣୀ ଏଥିରେ ବର୍ଣ୍ଣିତ ହେଉଛି। ଏମାନେ ନିରନ୍ତର ଓ ନିଃସ୍ୱାର୍ଥପର ଭାବରେ ତୃଣମୂଳସ୍ତରରେ କାର୍ଯ୍ୟ କରିବା ସହିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

'ମନ୍ କୀ ବାତ୍' ଆରମ୍ଭ ହେବା ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାରା ଦେଶରେ ଜନସମୁଦାୟଙ୍କୁ ସାମିଲ କରି ସାମାଜିକ ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଥିବା ଜନଭାଗୀଦାରିର ଏକ ପ୍ରଭାବୀ ମାଧ୍ୟମ ଭାବେ ଉଭା ହୋଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଦେଉଥିବା ବାର୍ତ୍ତା କିଛି ଘଣ୍ଟା ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବହୁଚର୍ଚ୍ଚିତ ପ୍ରସଙ୍ଗ ପାଲଟିଯାଉଛି ଏବଂ କିଛି ସପ୍ତାହ ମଧ୍ୟରେ ଏହା ଏକ ଜନଆନ୍ଦୋଳନରେ ରୂପାନ୍ତରିତ ହେଉଛି। ସ୍ୱଚ୍ଛ ଭାରତ ଅଭିଯାନ, ବେଟୀ ବଚାଓ ବେଟୀ ପଢ଼ାଓ, କୋଭିଡ୍ ଟିକାକରଣ ଏବଂ ହର୍ ଘର୍ ତ୍ରିରଙ୍ଗା ଆଦି ଏହାର କେତେକ ଗୌରବଶାଳୀ ଉଦାହରଣ। କିଛିଦିନ ପୂର୍ବରୁ 'ମନ୍ କୀ ବାତ୍'ର ୮୮ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ନାଗରିକମାନଙ୍କୁ ସେମାନଙ୍କ ଅଞ୍ଚଳରେ ଅମୃତ ସରୋବର ନିର୍ମାଣ ପାଇଁ ନିବେଦନ କରିଥିଲେ। କିଛିମାସ ମଧ୍ୟରେ ଏହି ବାର୍ତ୍ତା ଏକ ଜନଆନ୍ଦୋଳନରେ ପରିଣତ ହୋଇଥିଲା ଏବଂ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ଥାନୀୟ ପ୍ରଶାସନିକ ସଂସ୍ଥା ସହାୟତାରେ ଜନସାଧାରଣଙ୍କ ଦ୍ୱାରା ସଂଖ୍ୟାଧିକ ଅମୃତ ସରୋବର ନିର୍ମାଣ କରାଯାଇଥିଲା। ଏହାପରେ 'ମନ୍ କୀ ବାତ୍'ର ୯୨ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶର ଲଳିତପୁରସ୍ଥିତ ଭଗତ ସିଂ ଅମୃତ ସରୋବର ଏବଂ କର୍ନାଟକର ବିଲକେରୁର ଅମୃତ ସରୋବର ଭଳି କିଛି ଅମୃତ ସରୋବର ବିଷୟରେ ଉଲ୍ଲେଖ କରି ନାଗରିକମାନଙ୍କର ସକ୍ରିୟ ପ୍ରୟାସକୁ ପ୍ରଶଂସା କରିଥିଲେ।

'ସଶକ୍ତ ଭାରତ' ନିର୍ମାଣ ସଂକଳ୍ପକୁ ଆଗକୁ ନେବା ସହିତ, 'ମନ୍ କୀ ବାତ୍' ଦେଶର ଜାତୀୟ ଓ ଅନ୍ତର୍ଜାତୀୟ ସଫଳତାଗୁଡ଼ିକୁ ଲୋକଲୋଚନକୁ ଆଣିବା ପ୍ରତି ଧ୍ୟାନ କେନ୍ଦ୍ରିତ କରୁଛି। ଏହା ନାଗରିକମାନଙ୍କ ମଧ୍ୟରେ ଗୌରବ, ଆପଣାପଣ ଏବଂ ରାଷ୍ଟ୍ରବାଦର ଭାବନା ସୃଷ୍ଟି କରି ଦେଶର ବିକାଶରେ ସହଭାଗୀ ହେବା ଲାଗି ଦେଶବାସୀଙ୍କୁ ଅନୁପ୍ରାଣିତ କରୁଛି। ୮୯ତମ ଅଧ୍ୟାୟରେ, ପ୍ରଧାନମନ୍ତ୍ରୀ ଦେଶରେ ୟୁନିକର୍ନଗୁଡ଼ିକ ସଂଖ୍ୟା ୧୦୦ ଛୁଇଁଥିବା ସମ୍ପର୍କରେ ସୂଚନା ଦେଇଥିଲେ। ୯୧ତମ ଅଧ୍ୟାୟରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ଜନ ଭାଗୀଦାରି ଏବଂ ଏହାର ରାଷ୍ଟ୍ରବ୍ୟାପୀ ସଫଳତା ବିଷୟରେ ପ୍ରଧାନମନ୍ତ୍ରୀ କହିବା ପରେ ପ୍ରତ୍ୟେକ ଭାରତୀୟଙ୍କ ଛାତି ଗର୍ବରେ ଫୁଲି ଉଠିଥିଲା। ଏମିତି ଅନେକ ଉଦାହରଣ ରହିଛି ଯାହା ପ୍ରମାଣିତ କରିଥାଏ ଯେ 'ମନ୍ କୀ ବାତ୍' କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ଭାରତର ସାମଗ୍ରିକ ବିକାଶର ଏକ ପ୍ରତିଫଳନ ଏବଂ ଜନଭାଗୀଦାରିର ଏକ ଅଭିବ୍ୟକ୍ତି।

'ମନ୍ କୀ ବାତ୍' ସହିତ ପ୍ରଧାନମନ୍ତ୍ରୀ ସଫଳତାପୂର୍ବକ ଏପରି ଏକ ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି, ଯାହା ବିଭିନ୍ନ କଲ୍ୟାଣମୂଳକ ଯୋଜନା ଓ ନୀତିକୁ ପ୍ରତ୍ୟେକ ସ୍ତରର ଲୋକମାନଙ୍କ ପାଖରେ ପହଞ୍ଚାଇ ପାରୁଛି ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିପାରୁଛି। କେବଳ ସେତିକି ନୁହେଁ, ଏସବୁ ଯୋଜନା କିଭଳି ତୃଣମୂଳସ୍ତରରେ ଲୋକମାନଙ୍କୁ ଲାଭାନ୍ୱିତ କରିପାରୁଛି ତାହାର କାହାଣୀ ମଧ୍ୟ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କୁ କହୁଛନ୍ତି, ଯାହାକି ଅଧିକରୁ ଅଧିକ ଲୋକଙ୍କୁ ହିତାଧିକାରୀ ହେବା ଲାଗି ଅନୁପ୍ରାଣିତ କରୁଛି।

ସଂକଟ ସମୟରେ ଲୋକମାନଙ୍କୁ ସୂଚନା ଦେବା କ୍ଷେତ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଉଦାହରଣ ସ୍ୱରୂପ କୋଭିଡ୍ ମହାମାରୀ ସମୟରେ ଏହା ଜନସାଧାରଣଙ୍କୁ ସଚେତନ କରିବା ସହିତ ସେମାନଙ୍କୁ ଟିକା ନେବା ପାଇଁ ଅନୁପ୍ରାଣିତ କରିଥିଲା। ଭାରତର କୋଭିଡ୍ ଟିକାକରଣ ସଫଳ ହେବାର ଶ୍ରେୟ ଅନେକାଂଶରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ଦେବା ଉଚିତ ହେବ। 'ମନ୍ କୀ ବାତ୍'ର ପ୍ରାସଙ୍ଗିକତା ଏବଂ ଆମ ଜୀବନରେ ଏହାର ମହତ୍ତ୍ୱ ନିମନ୍ତେ ଏହା ହିଁ ହେବ ଉପଯୁକ୍ତ ସମ୍ମାନ।

(ଲେଖକ କେନ୍ଦ୍ର କ୍ରୀଡ଼ା, ଯୁବବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ)

ନୀତି ରାଜନୀତି

ପିଏମ୍‌ଏୱାଇକୁ ନେଇ ବଢ଼ିଲା ଭାଜପା-ବିଜେଡି କଳି

■ବର୍ଷାଦିନ ପୂର୍ବରୁ ହିତାଧିକାରୀ ଘର ନ ପାଇଲେ ନିଆଁ ଜଳିବ: ଭାଜପା
■ପିଏମ୍‌ଏୱାଇ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ନୀତି ହୋଇଛି: ଗିରିରାଜ
■ଗୁଣିଆ ହେଇ ଲାଗିବା, ଡାହାଣୀ ହୋଇ ଛଡ଼ାଇବା କାମ କରୁଛନ୍ତି: ଅମର
■୭ ଲକ୍ଷ ଘର ବନ୍ଦ କରିବାରେ ଭାଜପା ମୁଖ୍ୟ ଷଡ଼ଯନ୍ତ୍ରକାରୀ: ବିଜେଡି

ଭୁବନେଶ୍ୱର, ୧୬୪(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ବଣ୍ଟନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଭାଜପା କଡ଼ା ଚେତାବନୀ ଦେଇଛି। ବର୍ଷା ଦିନ ପୂର୍ବରୁ ଯଦି ଯୋଗ୍ୟ ହିତାଧିକାରୀ ଘର ନ ପାଇବେ, ତେବେ ନିଆଁ ଜଳିବ ବୋଲି ଦଳ ଚେତାବନୀ ଦେଇଛି। ଟଙ୍କା ନେଇ ବିଜେଡି ହିତାଧିକାରୀଙ୍କୁ ଚୟନ କରୁଥିବା ଭାଜପା ଅଭିଯୋଗ କରିଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପିଏମ୍‌ଏୱାଇରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଛନ୍ତି, ଯାହାକୁ ନେଇ ବିଜେଡି ପାଲଟା ଜବାବ ରଖିଛି। ଗୁଣିଆ ହୋଇ ଲାଗିବା, ଡାହାଣୀ ହୋଇ ଛଡ଼ାଇବା କାମ କରୁଛନ୍ତି ବୋଲି ବିଜେଡି ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି। ୭ ଲକ୍ଷ ଘର ବନ୍ଦ କରିବାରେ ଭାଜପା ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟକୁ ଆସିଥିବା ୯ ଲକ୍ଷ ୬୦ ହଜାର ଆବାସ ବଣ୍ଟା ନ ହୋଇ ପଡ଼ିରହିଛି। ଘର ବାଣ୍ଟିବା ନେଇ ସମୟ ଗଡ଼ାଯାଉଛି। ଯଦି ସରକାରଙ୍କ ଇଚ୍ଛା ଅଛି, ତେବେ ୧୫ ଦିନ ଭିତରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ଘର ବାଣ୍ଟନ୍ତୁ। ଅନିୟମିତତା, ଭୁଲ୍ ତାଲିକା ପ୍ରସ୍ତୁତ, କାର୍ଯ୍ୟାଦେଶ ନ ଦେବା ଆଦି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଅଭିଯୋଗ ପରେ ଶାସକ ଦଳର ନେତା ଓ ମନ୍ତ୍ରୀମାନଙ୍କୁ ବାଧୁଛି। ଶାସକ ଦଳର ନେତାମାନେ ୨୦ ହଜାର ଟଙ୍କା ନେଇ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରୁଛନ୍ତି। ଯଦି ବର୍ଷାଦିନ ପୂର୍ବରୁ ହିତାଧିକାରୀଙ୍କୁ ଘର ନ ମିଳେ, ତେବେ ରାଜରାସ୍ତାରେ ନିଆଁ ଜଳିବ ବୋଲି ପୃଥ୍ୱୀରାଜ କହିଛନ୍ତି।

ଅନ୍ୟପଟେ ଗିରିରାଜ ସିଂ କହିଛନ୍ତି, ପାଖାପାଖି ୯ ଲକ୍ଷ ଘର କାମ ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି। ନୂଆ ଘର ଆବଣ୍ଟନ କରାଯାଉ ନାହିଁ। ଏବେ ଓଡିଶା ଲୋକମାନେ ମୋଦି ସରକାର ଘର ଦେଲେ ତାକୁ ରାଜ୍ୟ ସରକାର କାହି

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ । ଈଶୋପନିଷଦ କହେ– ସବୁ ତ୍ୟାଗ କର । ତେବେ ସବୁ ଭୋଗ କରିପାରିବ । ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ । ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ । –ଶ୍ରୀଅରବିନ୍ଦ

ପୁଲ୍‌ୱାମା ମାରିଲା ଅତିକ୍‌ଙ୍କୁ

ଜମ୍ମୁ ଓ କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ପୁଲ୍‌ୱାମା ଆକ୍ରମଣ ପ୍ରସଙ୍ଗରେ ନିକଟରେ ଦେଇଥିବା ଚାଞ୍ଚଲ୍ୟକର ତଥ୍ୟ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇ ଦେଇଛି । ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ଆକ୍ରମଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ (ସିଆର୍‌ପିଏଫ୍)ର ୪୦ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା । କେନ୍ଦ୍ରର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିଲା ବୋଲି ଗଣମାଧ୍ୟମରେ ସତ୍ୟପାଲ କହିଥିଲେ । ସତ୍ୟପାଲଙ୍କ ରାଜନୈତିକ ଇତିହାସ ଦେଖିଲେ ଜଣାପଡ଼େ ଯେ ସେ ଉତ୍ତର ପ୍ରଦେଶର ପୂର୍ବତନ ନେତା ଚରଣ ସିଂଙ୍କ ଅନୁଗାମୀ । ପରବର୍ତ୍ତୀ ସମୟରେ ଭାଜପାରେ ମିଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନିକଟତର ହୋଇପାରିଥିଲେ । ସମ୍ଭବତଃ ସେଥିପାଇଁ ତାଙ୍କୁ ଜମ୍ମୁ-କଶ୍ମୀର, ଗୋଆ, ମେଘାଳୟ ଭଳି ରାଜ୍ୟରେ ରାଜ୍ୟପାଳ କରାଯାଇଥିଲା । ଜମ୍ମୁ-କଶ୍ମୀରର ରାଜ୍ୟପାଳ ଭାବେ କାର୍ଯ୍ୟନିର୍ବାହ କରୁଥିବା ବେଳେ ସତ୍ୟପାଲଙ୍କ କହିବା ଅନୁଯାୟୀ ତାଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ସୁରକ୍ଷା ସମ୍ପର୍କରେ ଅନେକ ପ୍ରସ୍ତାବ ଦିଆଯାଇଥିଲା । ଏବେ ପ୍ରଥମେ ଏକ ହିନ୍ଦୀ ଓ ଦ୍ୱିତୀୟରେ ଇଂଲିଶ୍ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ, ସିଆର୍‌ପିଏଫ୍‌ର ପଦାଧିକାରୀମାନେ ଉଡ଼ାଜାହାଜ ମାଧ୍ୟମରେ ସୈନ୍ୟମାନଙ୍କୁ ସ୍ଥାନାନ୍ତରିତ କରାଯାଉ ବୋଲି କେନ୍ଦ୍ରକୁ ଅନୁରୋଧ କରିଥିଲେ । ରାଜ୍ୟପାଳ ଭାବେ ତାଙ୍କୁ ଏଇ ଅନୁରୋଧ ସମ୍ପର୍କରେ ସୂଚାଇ ଦିଆଯାଇଥିଲା । ତଥାପି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଭଳି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା, ଯାହାର ଫଳାଫଳ ହେଲା ପୁଲ୍‌ୱାମା ବିସ୍ଫୋରଣ ଓ ଅନେକ ଯବାନଙ୍କ ମୃତ୍ୟୁ । ଯେତେବେଳେ ସତ୍ୟପାଲ ମଲିକ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଉଭୟେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ୍ ଡୋଭାଲ ତାଙ୍କୁ ଚୁପ୍ ରହିବାକୁ କହିଥିଲେ ।

ଭାରତରେ ଅନେକ ଏଭଳି ବ୍ୟକ୍ତିବିଶେଷ ଅଛନ୍ତି, ଯେଉଁମାନେ କ୍ଷମତାରେ ଥିବାବେଳେ ନୀରବ ରହିଥାନ୍ତି । କ୍ଷମତାରୁ ବିତାଡ଼ିତ ହେବା ପରେ ତାଙ୍କର ଦେଶପ୍ରେମ ଓ ସବୁ ପ୍ରକାରର ସଚ୍ଚୋଟପଣିଆ ବିଚକ୍ଷଣ ଭାବେ ଫୁଟିକି ବାହାରେ । କିନ୍ତୁ ସତ୍ୟପାଲ ମଲିକଙ୍କୁ ସେହି ଗୋଷ୍ଠୀରେ ସାମିଲ କରାଯାଇପାରିବ ନାହିଁ । ରାଜ୍ୟପାଳ ଥିବା ସମୟରେ ମଧ୍ୟ ନିଜର ପଦବୀ କିମ୍ବା ସୁରକ୍ଷାକୁ ବେଖାତିର କରି ଚାଷୀ ଆନ୍ଦୋଳନ ସପକ୍ଷରେ ସତ୍ୟପାଲ ବାହାରିଥିଲେ । ସେତେବେଳେ ମଲିକ ମତ ଦେଇଥିଲେ ଯେ ତିନୋଟି କଳା କୃଷି ଆଇନ ଦେଶର କୃଷକଙ୍କୁ ପ୍ରବଳ କ୍ଷତି ପହଞ୍ଚାଇବ । ତେଣୁ ଆଇନ ଅତିଶୀଘ୍ର ପ୍ରତ୍ୟାହାର କରିନେବା ପାଇଁ ସତ୍ୟପାଲ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

ସମସ୍ୟାଟି ପୁନର୍ବାର ଏବେ ମୁଣ୍ଡ ଟେକିଛି । ସତ୍ୟପାଲଙ୍କ ଦୁଇଟି ସାକ୍ଷାତକାର ଦେଶର ରାଜନୈତିକ ସ୍ଥିତିକୁ ବିସ୍ଫୋରକ କରାଇଛି । ତାଙ୍କର ମତକୁ ଲୋକଲୋଚନଠାରୁ ଦୂରେଇ ନେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିଲା । କାରଣ ତାଙ୍କ ମତରୁ ସ୍ପଷ୍ଟ ଜଣାପଡ଼ିଥିଲା ୨୦୧୯ ନିର୍ବାଚନ ପୂର୍ବରୁ ପୁଲୱାମା ଆକ୍ରମଣ ବାସ୍ତବରେ ଭାରତର କେନ୍ଦ୍ର ସରକାରଙ୍କ ଅସାବଧାନତା ଯୋଗୁ ଘଟିଥିଲା । କିନ୍ତୁ ତାହାକୁ ରାଜନୈତିକ ଦିଗରେ ବ୍ୟବହାର କରିବା ପାଇଁ ଭାଜପା ପଛାଇ ନ ଥିଲା । ସେଥିପାଇଁ ୨୦୧୯ ନିର୍ବାଚନରେ ଭାଜପାର ବିପୁଳ ବିଜୟ ହେଲା । କାରଣ ସାଧାରଣ ଭୋଟର ଦେଶପ୍ରେମ ନିଶାରେ ଭୋଳିଗଲେ । ଏବକାର ସତ୍ୟପାଲଙ୍କ ବୟାନ ପ୍ରମାଣ କରିଦେଉଛି ଯେ, ସାଧାରଣ ଭାରତୀୟ ଭୋଟର ଅତ୍ୟନ୍ତ ଅଜ୍ଞାନ ହୋଇଥିବାରୁ ସେମାନଙ୍କୁ ଏଭଳି ବାଟବଣା କରାଇଦେବା ସହଜ ହୋଇଥିଲା ।

ପୁନର୍ବାର ୨୦୨୪ରେ ନିର୍ବାଚନ ହେବାକୁ ଯାଉଛି । ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏପରିକି ଓଡ଼ିଶା ଭଳି ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକିଲାଣି । ଏଭଳି ଉଷୁମତା ସୃଷ୍ଟି ହେଉଥିବା ସମୟରେ ସତ୍ୟପାଲ 'କେଁ' ପୂରାଇଦେଲେ । ସେହି କେଁକୁ ଟାଳିଦେବା ପାଇଁ ଲୋକଙ୍କ ଦୃଷ୍ଟି ଅନ୍ୟତ୍ର ନେବା ଅତ୍ୟନ୍ତ ଆବଶ୍ୟକ ବୋଲି ଯେକୌଣସି ରାଜନୈତିକ ପର୍ଯ୍ୟବେକ୍ଷକ ବୁଝିପାରିବେ । ଏଭଳି ରଙ୍ଗମଞ୍ଚରେ ଉତ୍ତର ପ୍ରଦେଶର ପୂର୍ବତନ ମାଫିଆ ଡନ୍ ଯିଏ ନିଜ ଜୀବନର ବାଟ ପରିବର୍ତ୍ତନ କରି ରାଜନୀତି ଆରମ୍ଭ କରିଥିଲେ, ତାଙ୍କ ଉପରେ ଦୃଷ୍ଟି ପଡ଼ିଲା । ପ୍ରଥମେ ତାଙ୍କ ପୁତ୍ର ଓ ସହଯୋଗୀଙ୍କୁ ଏନ୍‌କାଉଣ୍ଟର କରି ଗୁଳି କରାଗଲା । ହତ୍ୟା କରିଥିବା ପୋଲିସ କେବଳ ଓଡ଼ିଶାର ଗୋପାଳ ଦାସରେ ସୀମିତ ନୁହେଁ, ଉତ୍ତର ପ୍ରଦେଶ ପୋଲିସ ମଧ୍ୟ ସେହି ପ୍ରକାର ହତ୍ୟା କଲେ । ଆଶା କରାଯାଇପାରୁଥାଏ ଯେ ଗଣମାଧ୍ୟମ ଜରିଆରେ ସେହି ଘଟଣାକୁ ଯଥେଷ୍ଟ ପ୍ରଚାର କରି ଗୁଣ୍ଡାମି ବିରୋଧରେ ବାହାବା ନିଆଯିବ । ସେହି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ସାଧାରଣରେ ପ୍ରଶଂସା କଲେ । କେହି ଜଣେ ପ୍ରଶ୍ନ କଲେ ନାହିଁ ଯେ ଏଭଳି ହତ୍ୟା କରିବାର କ୍ଷମତା ପୋଲିସକୁ ମିଳିଗଲେ ଯେକୌଣସି ବ୍ୟକ୍ତି ବିରୋଧରେ ମିଛ ମାମଲା ଆଣି ଏନ୍‌କାଉଣ୍ଟର ମାଧ୍ୟମରେ ହତ୍ୟା କରାଯାଇପାରିବ । ମନେରଖିବାକୁ ହେବ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେହି ସର୍ବଦା କ୍ଷମତାରେ ରହିବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ । ଅତିକ୍‌ଙ୍କ ପୁତ୍ରଙ୍କ ହତ୍ୟା ପୂର୍ବରୁ ୮ ଏପ୍ରିଲ୍‌ରେ ପ୍ରଶାନ୍ତ ଟଣ୍ଡନଙ୍କୁ ହିନ୍ଦୀ ଚାନେଲରେ ସତ୍ୟପାଲ ଦେଇଥିବା ସାକ୍ଷାତକାର ପ୍ରସାରିତ ହୋଇଥିଲା । ସେଥିରେ ସବୁ ଅସୁବିଧା କଥା କୁହାଯାଇଥିବାରୁ କେନ୍ଦ୍ର ସରକାର ସ୍ୱାଭାବିକ ଭାବେ ବ୍ୟତିବ୍ୟସ୍ତ ହୋଇପଡ଼ିଥିବେ । କିନ୍ତୁ ହିନ୍ଦୀରେ ପ୍ରସାରଣ କରାଯାଇଥିବାରୁ ତାହାର ପ୍ରଭାବ ସୀମିତ ରହିଯାଇଥିଲା । ସପ୍ତାହକ ମଧ୍ୟରେ ଅର୍ଥାତ୍ ଏପ୍ରିଲ ୧୫ରେ କରନ୍ ଥାପରଙ୍କ ଦ୍ୱାରା 'ଦି ୱେର୍' ନ୍ୟୁଜ୍ ପୋର୍ଟାଲରେ ସତ୍ୟପାଲଙ୍କ ଇଂଲିଶ୍ ଭାଷାର ସାକ୍ଷାତକାର ତତ୍‌କ୍ଷଣାତ୍ ଭାଇରାଲ ହୋଇଗଲା । ଫଳସ୍ୱରୂପ ପୁଅ ପରେ ବାପା ଓ କକେଇଙ୍କର ମୃତ୍ୟୁ ଘଣ୍ଟି ବାଜିଲା ।

ନିଶ୍ଚିତ ରୋଜଗାର ଯୋଜନା

ସହଦେବ ସାହୁ

ଗତ ଲେଖା 'ବଜେଟ– ମୁଣ୍ଡପିଛା ୬୦ ହଜାର ଟଙ୍କା'ରେ ମୁଁ ଧାରଣା ଦେଇଥିଲି– ବର୍ତ୍ତମାନ ବିପିଏଲ୍ ଓ ଏପିଏଲ୍ ତାଲିକାରେ ଥିବା ଆମ ରାଜ୍ୟର ପ୍ରାୟ ୨ କୋଟି ୨୦ ଲକ୍ଷ ଗରିବ (ପ୍ରାୟ ୫୫ ଲକ୍ଷ ପରିବାର)ଙ୍କୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦେଲେ ଗରିବୀ ହଟିଯିବ ଓ 'ଓଡ଼ିଶା ରାଜ୍ୟ ପ୍ରଶାସନ' ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିପାରିବ । ଏ ଏକ ୟୁଟୋପିଆ (ପରୀରାଇଜ କାହାଣୀ) ବୋଲି କେତେକ ପ୍ରଶ୍ନ କରିଛନ୍ତି ତ ନବନିର୍ମାଣ କୃଷକ ମଞ୍ଚ ପ୍ରଶ୍ନ କରିଛି ରାଜ୍ୟର ବିକାଶ ବିଶେଷତଃ ଜଳକଷ୍ଟ (ଉଭୟ ଚାଷ ଓ ପାନୀୟ)ପାଇଁ ଯଥେଷ୍ଟ ପଇସା ବଳିବ ତ! ବର୍ତ୍ତମାନର 'ଫ୍ରିବି' ସରକାର ତ ମହାନଦୀକୁ ଶୁଖାଇଦେଲେଣି! ମୁଁ ଯେଉଁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ବ୍ୟବସ୍ଥାର ଅବତାରଣା କରିଛି, ତାହା ରାଜ୍ୟ ସରକାରଙ୍କ ବର୍ତ୍ତମାନର ୨ ଲକ୍ଷ ୩୦ ହଜାର କୋଟି ବଜେଟ ଏବଂ ଏଣିକି ପ୍ରତିବର୍ଷ ରାଜ୍ୟର ଅଭିବୃଦ୍ଧି ହାର ୬.୫%ରୁ କମ୍ ହେବନି ବୋଲି ତାଙ୍କ ଇକୋନୋମିକ୍ ସର୍ଭେରେ କହିଥିବା ପରିପ୍ରେକ୍ଷୀରେ କହିଛି । ଯୋଜନାର ନାମକରଣରେ ଯେଉଁ ପ୍ରହେଳିକା ଆମ 'ଫାଇଭ୍ ଟି' ସରକାର ଗ୍ରହଣ କରିଛନ୍ତି ସେହି କ୍ରମରେ ଏହାକୁ ''ନୀର''(NIR–NISCHITA ROJAGAR) ବା ''ନୀରୋଗ'' (ନିର୍ସ ରୋଜଗାର ଗ୍ୟାରେଣ୍ଟି) ନାମ ଦେଇପାରନ୍ତି ।

ବିପିଏଲ୍ ଓ ଏପିଏଲ୍ କାର୍ଡଧାରୀମାନଙ୍କୁ ଗରିବ ଧରିଲେ ଉପଭୋକ୍ତା ସଂଖ୍ୟା ପ୍ରାୟ ୫୫ ଲକ୍ଷ ପରିବାର ବା ୨ କୋଟି ୨୦ ଲକ୍ଷ ଲୋକ । ଆରମ୍ଭ ବର୍ଷରେ ୧୮ ବର୍ଷରୁ ବଡ଼କୁ ୪୫୦୦ ଓ ସାନକୁ ୧୫୦୦ ଟଙ୍କା ଲେଖାଏ ଦେଲେ ୨ ବଡ଼, ୨ ସାନ ଥିବା ୪ ଜଣିଆ ପରିବାରକୁ ମାସିକ ୧୨ ହଜାର ଟଙ୍କା ବା ୩ ବଡ଼, ୧ ସାନ ଥିବା ପରିବାରକୁ ମାସିକ ୧୫ ହଜାର ମିଳିବ । ପରେ ତିନିବର୍ଷ ଯାଏ ପ୍ରତିବର୍ଷ ୬.୫% ଅଭିବୃଦ୍ଧି କରିବାକୁ ପଡ଼ିବ, ତାହା ହିଁ ସୀମା ରହିବ । ଏ ବର୍ଷ ପ୍ରତି ପରିବାରକୁ ମାସିକ ହାରାହାରି ୧୨,୦୦୦ରୁ ୧୫,୦୦୦ ଯାଏ ଦେଲେ ବର୍ଷକୁ ୫୫ ଲକ୍ଷ ପରିବାରକୁ ୭,୯୨୦ ଲକ୍ଷ କୋଟିରୁ ୯,୯୦୦ ଲକ୍ଷ କୋଟି ଟଙ୍କା ଭିତରେ ବା ହାରାହାରି ୮,୯୦୦ ଲକ୍ଷ କୋଟି ବଣ୍ଟାଯିବ– ଅନ୍ୟ ଖର୍ଚ୍ଚ ପାଇଁ ବଳିବ ୨,୨୧,୦୦୦ ଲକ୍ଷ କୋଟି । ତହିଁରୁ ଦରମା ଓ ଭତ୍ତା ବାବଦ ବ୍ୟୟ ଅଟକଳ ୯୮,୦୦୦ କୋଟି ବା ଅତିବେଶିରେ ୧ ଲକ୍ଷ କୋଟି ଛାଡ଼ିଦେଲେ ବିକାଶ କାର୍ଯ୍ୟ ପାଇଁ ରହିବ ୧,୧୧,୦୦୦ଲକ୍ଷ କୋଟି । ନିଶ୍ଚିତ ଆୟ ଏକ ଫିକ୍ସ୍ ପଲିସି ହୋଇଯିବ, ଶାସକ ଦଳର ଦାନ(ଫ୍ରିବି) ବୋଲି ଧରାଯିବନାହିଁ । ୧୯୬୭ରେ ଡ. ମାର୍ଟିନ୍ ଲୁଥର୍ କିଙ୍ଗ୍ ବି ଆମେରିକାରେ କହିଥିଲେ, ସବୁ ଗରିବଙ୍କୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦେଲେ କଳାଲୋକଙ୍କ ଉପରେ ଜୁଲମ୍ କରିବାର ପରିସ୍ଥିତି ରହିବ ନାହିଁ ଏବଂ ବର୍ଣ୍ଣଗତ ଘୃଣା ଓ ତଜ୍ଜନିତ ଆନ୍ଦୋଳନ ସବୁ ବନ୍ଦ ହୋଇଯିବ । ପୋଲିସ ବ୍ରୁଟାଲିଟି (ବର୍ବରତା) କଥା ଉଠୁଛି ଗରିବ ପ୍ରତି ବ୍ୟବସ୍ଥାଗତ ହିଂସା ଯୋଗୁ । ଆମର ପୂରା ଦୃଷ୍ଟି ରହିବା କଥା ଗରିବୀ ହଟାଇବାରେ: ତେଣୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍‌ର ଅୟମାରମ୍ଭ କରିବାର ମାହେନ୍ଦ୍ର ବେଳା ଏବେ ଆସିଯାଇଛି । ସାଧାରଣ ପରିମାଣର ଧନ ଯୋଗାଇଥିବା ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଜୀବନଧାରା ବଦଳାଇବା ଲାଗି ଯଥେଷ୍ଟ ନୁହେଁ । କିନ୍ତୁ ତିନିବର୍ଷ ଯାଏ ଏହାକୁ ୬.୫% କରି ବଢ଼ାଇବାକୁ ପଡ଼ିବ, ତା' ପରେ ସ୍ଥିର ରଖାଯିବ । ବର୍ତ୍ତମାନର ସରକାରଙ୍କ ଅର୍ଥନୀତି ସର୍ଭେ ଦର୍ଶାଉଛି ଯେ, ଆସନ୍ତା ବର୍ଷଗୁଡ଼ିକରେ ରାଜ୍ୟର ଆୟ ସେହି ବା ଅଧିକ ହାରରେ ବଢ଼ିବ– ଅଣଟିକସ, ଟିକସ ଓ କେନ୍ଦ୍ରୀୟ ଟିକସର ଅଂଶ ଆଦିକୁ ମିଶାଇ ।

କାଳିଆ ଯୋଜନାରେ ବର୍ଷକୁ କୃଷକ ପରିବାରକୁ ୪ ହଜାର, କୃଷି ବୀମାରେ ଅନିଶ୍ଚିତ ରିଲିଫ୍, ବୃଦ୍ଧାବୃଦ୍ଧ ବିଧବା ଅକର୍ମଣ୍ୟ ଭତ୍ତା ଆଦି ମାତ୍ର ଶହେ ଦୁଇଶହ ଟଙ୍କା ଭଳି ଶାସକ ଦଳର ଭୋଟ୍ କ୍ରୟାଭିମୁଖୀ ଦାନ ଆଉ ଦରକାର ହେବନାହିଁ । ସବୁ ପ୍ରକାରର ସାମାଜିକ ନିରାପତ୍ତା ବ୍ୟବସ୍ଥା ରହିବ ନାହିଁ, ଟଙ୍କିକିଆ ଚାଉଳ ଯୋଗାଇବାରେ ଅଯଥା ଖର୍ଚ୍ଚ, ଭିକାରି ବୃତ୍ତି ଓ ଚାଷୀ ଆତ୍ମହତ୍ୟା, ଧାନକିଣା(ଏପରି କି ରାଜ୍ୟରେ ଏଫ୍‌ସିଆଇର ଆବଶ୍ୟକତା ରହିବ ନାହିଁ) ସବ୍‌ସିଡି ଦରକାର ନାହିଁ । ଖୋଲା ବଜାର ସ୍ୱଚ୍ଛ ହେବ । ଲୋକେ ରାଇଟ୍ ଟୁ ଏଜୁକେଶନ ଜାହିର କରିପାରିବେ । ରାଜସ୍ଥାନ ସରକାର ଯେପରି କଲେଣି ସେପରି ରାଇଟ୍ ଟୁ ହେଲ୍‌ଥ ଆଇନ ଆଣିଲେ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ପାଉଥିବା ଲୋକେ ଅଲବଟ୍ ଚିକିତ୍ସା ଦାବି କରିବେ । ଲୋକେ ରାଜନୈତିକ ଦଳର ବିକାଶମୁଖୀ ନିର୍ବାଚନ ଇସ୍ତାହାର ଉପରେ ହିଁ ଭୋଟ୍ ଦେବେ । ରାଜ୍ୟର ଅଭିବୃଦ୍ଧି ଓ ମାନବିକ ସମ୍ବଳର ବିକାଶରେ ଆଶାର ସଞ୍ଚାର କରୁଥିବା ଦଳକୁ ହିଁ ଭୋଟ୍ ଦେବେ । ବଳଦିଆ ହିସାବରେ ରାଜନୀତି ଜୀବନରେ ସ୍ୱଚ୍ଛତା ଆସିଯିବ ।

ଖାଲି ପାଦରେ ଚାଲି ଚାଲି ବାଙ୍ଗାଲୋରରୁ ମାର୍ଚ୍ଚ ୨୬ରେ ବାହାରି ଏପ୍ରିଲ ୩ରେ ପଟ୍ଟାଙ୍ଗୀରେ ପହଞ୍ଚିଥିବା କଳାହାଣ୍ଡି ଜୟପାଟଣାର ଟିଙ୍ଗଲକଣ ଗାଁର ତିନିଜଣ– କଟାର ମାଝି, ବୁଡୁ ମାଝି ଓ ଭିକାରୀ ମାଝି – ଭଳି ମାଇଗ୍ରାଣ୍ଟ ଲେବରର୍ (ଦାଦନ ଶ୍ରମିକ)ଙ୍କ କାହାଣୀ ପାଠକମାନେ ଶୁଣିଥିବେ– କମ୍ପାନୀକୁ ମଜୁରି ମାଗିଲାରୁ କମ୍ପାନୀ ଲୋକେ ଏତେ ପିଟିଲେ ଯେ ସହି ନ ପାରି ସେମାନେ ପଳାଇ ଆସିଛନ୍ତି ଖାଲିପାଦରେ ଦେଢ଼ହଜାର କିଲୋମିଟର । ଏଭଳି ପରିସ୍ଥିତି କାଳକ୍ରମେ ଉଭେଇଯିବ । ସରକାର ବଜେଟର ବାକି ଟଙ୍କାତକ ପାଣି ଅଭାବ ସମସ୍ୟା ଓ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନ କରିବାରେ ଲଗାଇହେବ । ସମୁଦ୍ରକୁ ବୋହିଯାଉଥିବା ୬୦% ମହାନଦୀର ପାଣିକୁ ଓଡ଼ିଶାରେ ନଦୀପାର୍ଶ୍ୱ ଖାଲୁଆ ପାହାଡ଼ଘେରା ଅଞ୍ଚଳରେ କୃତ୍ରିମ ହ୍ରଦ ବା ଜଳଭଣ୍ଡାର ତିଆରି କରିହେବ, ଦରକାର ପଡ଼ିଲେ କୃତ୍ରିମ ହ୍ରଦର ଜଳହ୍ରାସ ପରିମାଣ କମାଇବା ଲାଗି ହ୍ରଦ ବା ପୁଷ୍କରିଣୀ ଭୂଇଁକୁ ଓ କାନ୍ଥକୁ ରାସାୟନିକ ଟ୍ରିଟ୍‌ମେଣ୍ଟ କରାଯାଇପାରିବ, ଯେପରି ଜଳ ଭୂତଳଗାମୀ ହେବନାହିଁ । ଜଳଭଣ୍ଡାର ଉପରେ ସୋଲାର ପ୍ୟାନେଲ୍ ଲଗାଇ ସବୁଜ ବିଜୁଳି ଉତ୍ପାଦନ କରିହେବ, ଯାହାର ପରିଚାଳନା ଓ ଲାଭ ନିକଟ ପଞ୍ଚାୟତ ବା ପଞ୍ଚାୟତ ସମିତିର ଦାୟିତ୍ୱ ହୋଇପାରିବ । ଏପରି ଜଳାଶୟ ନିର୍ମାଣରେ ଚାଷୀକୁଳକୁ ଜମି ହରାଇବାକୁ ପଡ଼ିବନାହିଁ । ତେଣୁ ନିର୍ମାଣରେ ବାଧା ଆସିବନାହିଁ । ଏବର ଆଡ଼ିବନ୍ଧ ନୁହେଁ, ଆନିକଟ୍ କରିବାକୁ ପଡ଼ିବ ସବୁ ନଦୀରେ, ପାଣି ମହଜୁଦ ରଖିବାର ପରିମାଣ ଅନୁସାରେ ଆନିକଟ– ଉଚ୍ଚତା ରଖାଗଲେ ସମସ୍ତଙ୍କୁ ଲାଭହେବ । ପାଖ ଭୂଇଁରେ ଗଛଲତା ବିଶେଷତଃ ଫଳବୃକ୍ଷ ଲଗାଗଲେ ଖାଦ୍ୟର ବିବିଧତା ସଙ୍ଗେସଙ୍ଗେ ସ୍ୱାସ୍ଥ୍ୟ ବୃଦ୍ଧି ଘଟିବାର ସୁଯୋଗ ମିଳିବ । ୟୁଟୋପିଆ ଭଳି ଲାଗିପାରେ କାରଣ ଆମର ବର୍ତ୍ତମାନର ହଠାତ୍ ଲାଭବାନ୍ ହେବାର ଇଚ୍ଛା ରାଜନେତାମାନଙ୍କ ଆଚରଣରୁ ହଟାଇବାକୁ କିଛି ସମୟ ଲାଗିପାରେ । କିନ୍ତୁ ପାଠପଢ଼ା ସୁଯୋଗ ପାଇ ଭବିଷ୍ୟତ ପିଲାମାନେ ଆପେଆପେ 'ଫାଇଭ୍ ଟି' ମନ୍ତ୍ରରେ ନିଜ ଚରିତ୍ରକୁ ପଖାଳିନେବେ । ସରକାର କହୁଛନ୍ତି, ପ୍ରତିବର୍ଷ ରାଜସ୍ୱ ବୃଦ୍ଧି ୬ରୁ ୭% ହେଉଛି । ତେଣୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ୭% ଲେଖାଏ ଆସନ୍ତା ଦୁଇବର୍ଷ ଯାଏ ବଢ଼ାଯାଇପାରିବ ।

କମ୍ ଦରମା ପାଉଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଆଉ ଆଶାକର୍ମୀ ବା ଅଙ୍ଗନୱାଡିରେ ନିଯୁକ୍ତ ଭଉଣୀମାନେ ଏପରି କି ସେଲ୍ଫ ହେଲ୍ପ ଗ୍ରୁପ୍(ଏସ୍‌ଏଚ୍‌ଜି)ର ଭଉଣୀମାନେ ନିଜ ଦରମା ସହ ଗ୍ୟାରେଣ୍ଟିଡ୍ ଆୟ ପାଇଲେ ଓଡ଼ିଶାରେ ମାନବ ସମ୍ବଳର ଅଭିବୃଦ୍ଧିକୁ ବିଶ୍ୱରେ ଅତୁଳନୀୟ କରିଦେବ ଓ ହାପିନେସ୍ ଇଣ୍ଡେକ୍ସରେ ଓଡ଼ିଶା ରାଜ୍ୟକୁ ଫିନ୍‌ଲାଣ୍ଡ (ଜନସଂଖ୍ୟା ୫୬ ଲକ୍ଷ)ସହ ତୁଳନୀୟ କରିଦେବ ।

sahadevas@yahoo.com

ମାନସିକ ଅସୁସ୍ଥ ମଣିଷଟି

ଡ.ବାସୁଦେବ ମିଶ୍ର

ଗାଡ଼ିମୋଟରରେ ଅଥବା ଚାଲିଚାଲି ଯିବାବେଳେ ଆମେ କେବେ କେମିତି କିଛି ଲୋକଙ୍କୁ ରାସ୍ତା କଡ଼ରେ, ଧୁମ୍ ଖରାରେ, ବର୍ଷାରେ ଅଥବା ଶୀତକାକରରେ ବସିଥିବାର, ଶୋଇଥିବାର ଦେଖୁ । ପ୍ରଚଣ୍ଡ ଖରାରେ ତାଙ୍କ ମୁଣ୍ଡ ଉପରେ ଗାମୁଛାଖଣ୍ଡେ ନ ଥାଏ କି ଜାଡ଼ ଶୀତରେ ତାଙ୍କ ଦେହରେ ଖଣ୍ଡେ ଗଞ୍ଜି କି ଶାର୍ଟ । ସେପରି ଲୋକଙ୍କୁ ଆମେ ପାଗଳ ବୋଲି କହି ମୁହଁ ବୁଲେଇ ଚାଲିଯାଉ । ସେମାନେ କ'ଣ ଖାଆନ୍ତି, କେଉଁଠି ରହନ୍ତି, ଏ ବିଷୟରେ ଆମେ ଚିନ୍ତାକରୁନା । ଚିନ୍ତା କରିବା ଆବଶ୍ୟକ ବି ମନେକରୁନା । କିନ୍ତୁ ଶରୀର ଅଛି ମାନେ କ୍ଷୁଧା ତ ଅଛି, ଖାଦ୍ୟ ତ ତା' ପାଇଁ ନିଶ୍ଚୟ ଦରକାର । ବସ୍ତ୍ର ତ ଆବଶ୍ୟକ । ଲଜ୍ଜା ନିବାରଣ ପାଇଁ ବି, ଶୀତକାକର, ବର୍ଷା, ଖରାରୁ ରକ୍ଷା ପାଇବା ଲାଗି ବି । ଲଜ୍ଜାର ଅନୁଭବ ତା'ର ସିନା ନାହିଁ ଅନ୍ୟମାନଙ୍କର ତ ଅଛି । ଖରା, ଶୀତକାକରରେ ଶରୀରରେ କଷ୍ଟର ଅନୁଭବ ତା'ର ମସ୍ତିଷ୍କ ହୁଏତ ଗ୍ରହଣ କରିପାରେନାହିଁ । କିନ୍ତୁ ଶରୀର ତ କଷ୍ଟ ନିଶ୍ଚୟ ପାଉଛି । ଆମ ଘରେ କେହି ମାନସିକସ୍ତରରେ ଏମିତି ବିକୃତ ହେଲେ ଆମେ ତାଙ୍କର ଯତ୍ନ ନେଉ । ତାଙ୍କର ଖାଇବା ପିଇବାଠାରୁ ଆରମ୍ଭକରି ଔଷଧ, ଡାକ୍ତର ଏମିତି ଅନେକ ଦୃଷ୍ଟିରୁ ଆମେ ତାଙ୍କ କଥା ବୁଝୁ । ଯେଉଁମାନଙ୍କର କେହି ନାହାନ୍ତି ଯତ୍ନ ନେବା ପାଇଁ, ହୁଏତ ସେମାନଙ୍କ କ୍ଷେତ୍ରରେ

ଛଞ୍ଚାଣ ନଦୀରେ ନିର୍ମାଣ ହେଉଥିବା ବିଜୁ ସେତୁ।

ଅଭିଶପ୍ତ ଗାଁରେ ପହଞ୍ଚିଲା ସରକାରଙ୍କ ବିକାଶ

ଭବାନୀପାଟଣା,୧୬।୪(ସ୍ୱ.ପ୍ର.)

ଗୋଟିଏ ପଟେ ନଈ, ଗୋଟିଏ ପଟେ ନାଳ ଆର ପଟେ କେନାଲ ଓ ଜଙ୍ଗଲ । ନଈ ସାଜିଥିଲା ଗାଁ ଲୋକଙ୍କ ପାଇଁ ବାଧକ। ବର୍ଷା ଦିନ ଆସିଲେ ଜଳ ବନ୍ଦୀ ଜୀବନ ବିତାଉଥିଲେ ଗାଁ ଲୋକେ। ଆଉ ଏବେ ସରକାରଙ୍କ ଉଦ୍ୟମରେ ପହଞ୍ଚିଲା ବିକାଶ। ରାସ୍ତା ସାଙ୍ଗକୁ ପୋଲ, ପିଚୁ ସଡ଼କରେ ଯାତାୟାତ କରିବେ ଲୋକେ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ନାଗୁପଡା ଗାଁରେ। ଜିଲାର ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଜୟପାଟଣା ବ୍ଲକ ପାଇକ କେନ୍ଦୁମୁଣ୍ଡି ପଞ୍ଚାୟତରେ ରହିଛି ନାଗୁପଡା ଗାଁ। ଏହି ଗାଁରେ ଭୋଟର ସଂଖ୍ୟା ୫ଶହ ରହିଥିବା ବେଳେ ଜନସଂଖ୍ୟା ପାଖାପାଖି ହଜାରେ। ଏହି ଗାଁକୁ ଯିବାଆସିବା ପାଇଁ ରାସ୍ତା ନ ଥିବାବେଳେ ଲୋକେ ବର୍ଷା ଦିନ ଆସିଲେ ଛଞ୍ଚାଣ ନଈ ପାରି ହେଉଥିଲେ। ସେହିପରି ଗାଁର ପିଲାଙ୍କୁ ଶିକ୍ଷା ଦାନ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର, ସ୍କୁଲ ରହିଛି। ହେଲେ ବର୍ଷା ଦିନ ଆସିଲେ ନଈରେ ବନ୍ୟା ଆସୁଥିବାରୁ ବନ୍ୟା ପାଣିରେ ନଈ ପାରି ହୋଇ ସ୍କୁଲ ଯିବା ଅସମ୍ଭବ ଯୋଗୁ ପ୍ରାୟ ସମୟ ବନ୍ଦ ହୋଇ ପଡୁଥିଲା। କୌଣସି ଜରୁରୀ କାମ ଏପରିକି ହାଟ ବଜାର ଓ ମେଡିକାଲ, ସ୍କୁଲ ଯିବାକୁ ହେଲେ ପାଣିରେ ଯିବାକୁ ପଡୁଥିଲା। ହେଲେ ଏଣିକି ଏଠାରେ ଆଉ ରହିବନି ସମସ୍ୟା। ରାସ୍ତା ସାଙ୍ଗକୁ ପୋଲ ଏଣିକି ହାତ ପାହାନ୍ତାରେ ଲୋକଙ୍କୁ ମିଳି ପାରିବ ସବୁ ସୁବିଧା। ଦୀର୍ଘ ଦିନ ହେବ ଛଞ୍ଚାଣ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦାବିକରି ଆସୁଥିବାବେଳେ ଲୋକଙ୍କ ସମସ୍ୟା ବୁଝିଛନ୍ତି ରାଜ୍ୟ ସରକାର। ପ୍ରାୟ ୬୦କୋଟି ଟଙ୍କା ବ୍ୟୟରେ ଛଞ୍ଚାଣ ନଦୀ ଉପରେ ନିର୍ମାଣ ହେଉଛି ବିଜୁ ସେତୁ। ଏବେ ଏହି ବିଜୁ ସେତୁ ଯୋଡ଼ିବ ଉପାନ୍ତ ସହ ସହରକୁ। ପିଲା ପାଠ ପଢିବେ ଭବିଷ୍ୟତ ଗଢିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ।

ଆଦିବାସୀଙ୍କ ଅଧିକାର ଉପରେ ଆଲୋଚନା

ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା।

ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସମ୍ମିଳନୀ, କର୍ମକର୍ତ୍ତା ଚୟନ

ଖଡ଼ିଆଳ,୧୬।୪(ଡି.ଏନ.ଏ)

ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ଚୟନ ଓ ସାମ୍ବାଦିକ ସମ୍ମିଳନୀ ଖଡ଼ିଆଳ ବ୍ଲକ ବାଦୀ ଗ୍ରାମଠାରେ ଅବସରପ୍ରାପ୍ତ ଜିଲା ଖାଉଟି କଲ୍ୟାଣ ଅଧିକାରୀ ବିକ୍ରମ ସିଂ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଡ ଭୀମରାଓ ଆମ୍ବେଡ଼କରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶବର ସମାଜ ଜିଲା ସଭାପତି ସୋମନାଥ ଖମାରୀ, ଆସିଷ୍ଟାଣ୍ଟ କମିଶନର ଅବକାରୀ ବିଭାଗ ବୁଟୁଲୁ ମାଝୀ, ବିଶିଷ୍ଟ ସମ୍ମାନିତ ଅତିଥି ଗଣ୍ଡ ସମାଜ ସଭାପତି ପ୍ରସନ୍ନ କୁମାର୍ ମାଝୀ, ଖଡିଆଳ ବ୍ଲକ ସଭାପତି କରୁଣା ମାଝୀ, ସିନାପାଲି ବ୍ଲକ ସଭାପତି ରତ୍ନାକାନ୍ତି ମାଝୀ, ବୋଡ଼େନ ବ୍ଲକ ସଭାପତି ମଝିଆ ମାଝୀ, ଗଣ୍ଡ ସମାଜ ସଭାପତି ନୂଆପଡ଼ା ଲାଲ ସିଂ ମାଝୀ, ଜିଲା ପରିଷଦ ସଦସ୍ୟା ତନୟା ଶବର ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ଜିଲାର ସାତ ପ୍ରକାର ଆଦିବାସୀ ଜାତିର କର୍ମକର୍ତ୍ତା ଅଂଶଗ୍ରହଣ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଚାଲିଚଳଣୀ ଉପରେ ଆଲୋଚନା କରିବା ସହ ସମସ୍ତେ ମିଶି ସମାଜକୁ ସଶକ୍ତ କରିବାକୁ ଆହ୍ୱାନ ଦିଆ ଯାଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ବିହାରୀ ଲାଲ ମାଝୀ, ଉପସଭାପତି ତନୟା ଶବର, ଉପସଭାପତି ମଳୟ ଭୋଇ, ସମ୍ପାଦକ ଚନ୍ଦ୍ର ଶେଖର ଜାନି, ସହ ସମ୍ପାଦକ ଟିକେଲାଲ ଖଡିଆ, କୋଷାଧକ୍ଷ ବୈକୁଣ୍ଠ ଶବରଙ୍କୁ ସର୍ବ ସହମତି କ୍ରମେ ଚୟନ କରାଯାଇଥିଲା। ଆଗାମୀ ଦିନରେ ଆଦିବାସୀମାନଙ୍କ ଅଧିକାରକୁ କିଭଳି ଭାବେ ବଞ୍ଚି ରହିବ ସେ ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ଏଥିରେ ଜିଲାର ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇ ସମାଜ ସଂସ୍କାର ଉପରେ ଗୁରୁତ୍ୱ ଦେବାକୁ ଶପଥ ନେଇଥିଲେ।

ଉଦ୍‌ଯାପିତ ହେଲା ଷୋହଳ ପ୍ରହର ନାମଯଜ୍ଞ

ଲାଞ୍ଜିଗଡ଼,୧୬।୪(ଡି.ଏନ.ଏ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଠାରେ ନଗର ସଂକୀର୍ତ୍ତନ ଓ ଦଧି ହାଣ୍ଡି ଭାଙ୍ଗିବା ସହିତ ଉଦଯାପିତ ହେଲା ଷୋହଳ ପ୍ରହର ନାମଯଜ୍ଞ । ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ୧୨ ତାରିଖ ସନ୍ଧ୍ୟାରେ ଏଥିପାଇଁ ବଂଶଧାରା ନଦୀରୁ ପବିତ୍ର ଜଳ ସଂଗ୍ରହ କରି ଏକ ବର୍ଣ୍ଣାଢ୍ୟ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଷୋହଳ ପ୍ରହର ନାମଯଜ୍ଞ ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କଳସ ଶୋଭାଯାତ୍ରା ହଜାର ହଜାର ମହିଳା ଭକ୍ତ ସାମିଲ ହୋଇଥିଲେ । ୧୩ ତାରିଖ ନାମଯଜ୍ଞର ଅଧିବାସ ସକାଳ ୬ ଘଣ୍ଟା ମଧ୍ୟରେ ମହାମନ୍ତ୍ର କାର୍ଯ୍ୟାରମ୍ଭ ହୋଇଥିବାବେଳେ ଶୁଭକଳସ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଯୁଧିଷ୍ଠିର ପାତ୍ର ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା ପାତ୍ର, ସହକର୍ତ୍ତା ଭାବେ ସନ୍ତୋଷ ଦଣ୍ଡସେନା ଓ ତାଙ୍କ ଧର୍ମପତ୍ନୀ ସରିତା ଦଣ୍ଡସେନା ଦାୟିତ୍ୱ ତୁଲାଉଥିବାବେଳେ ପୂଜକ ଭାବେ ପଣ୍ଡିତ କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଆଜାମ୍ବିଳ ମିଶ୍ର, ପଣ୍ଡିତ କାଳେଶର ପାଢ଼ୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ରଶ୍ମୀତ କୁମାର ପାଢ଼ୀ, ତରଣୀସେନ ରଥ ପ୍ରମୁଖ ପଣ୍ଡିତ ଦାୟିତ୍ୱ ତୁଲାଉଥିଲେ। ଏହି ଷୋହଳ ପ୍ରହର ନାମଯଜ୍ଞରେ ଲାଞ୍ଜିଗଡ ସମେତ ବିଭିନ୍ନ ଅଞ୍ଚଳର ୯ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ୧୫ ତାରିଖ ସକାଳେ ଦଧି ହାଣ୍ଡି ଭାଙ୍ଗିବା ପରେ ସଂକୀର୍ତ୍ତନ ଦଳ ସହିତ ହଜାର ହଜାର ଶ୍ରଦ୍ଧାଳୁ ନଗର ସଂକୀର୍ତ୍ତନ କରି ଲାଞ୍ଜିଗଡ ସହର ପରିକ୍ରମା କରିଥିଲେ। ଷୋହଳ ପ୍ରହର ନାମଯଜ୍ଞ ପରିସରରେ ୩ ଦିନ ଧରି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ଓ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ ।

ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତିରେ ରହୁ ନାହାନ୍ତି ଡାକ୍ତର

ସନ୍ଧ୍ୟା ୬ରେ ହସପିଟାଲ ବନ୍ଦ

ଦେଓଗାଁ,୧୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ରୋଗୀ ଏଠାରେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏପରି କି ସନ୍ଧ୍ୟା ୬ଟା ହେଲେ ଦେଓଗାଁ ହସପିଟାଲ ବନ୍ଦ ହୋଇଯାଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତିରେ ଡାକ୍ତର ରହୁ ନ ଥିବା ଅଭିଯୋଗ ହେଉଛି। ଗତ ଶନିବାର ରାତି ୮ ଟା ସମୟରେ ରେଲୱେ କଲୋନୀର ଜଣେ ଅସହାୟ ବୃଦ୍ଧାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେହି ସମୟରେ ଡାକ୍ତରଖାନାରେ କେବଳ ରାତ୍ର ଜଗୁଆଳି ଥିବା ବେଳେ କୌଣସି ଡାକ୍ତର ବା ଷ୍ଟାଫ୍‌ଙ୍କ ଦେଖା ମିଳି ନ ଥିଲା । ଶେଷରେ ଫୋନ ମାଧ୍ୟମରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବା ପରେ ଦୁଇ ଘଣ୍ଟା ବିଳମ୍ବରେ ଦୁଇ ଜଣ ଡାକ୍ତର ଆସି ଚିକିତ୍ସା କରିଥିଲେ। ଏହାକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ସମୟ ଉତ୍ତେଜନା ଦେଖା ଦେଇଥିଲା । ଯଦି ରାତିରେ ଡାକ୍ତର ନ ରୁହନ୍ତି ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଥିଲେ। ରାତିରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ୧୦ ରୁ ୨୦ ଜଣ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। କିନ୍ତୁ କେହି ରହୁ ନ ଥିବାରୁ ବଲାଙ୍ଗୀର ବଡ ଡାକ୍ତରଖାନାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି । ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ବୈଠକ

ଭବାନୀପାଟଣା, ୧୬।୪(ସ୍ୱ.ପ୍ର): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ପାଲସି ପଡାଠାରେ ଘରୋଇ ବସ ମାଲିକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ପ୍ରବୋଧ ରଥ ଅଧ୍ୟକ୍ଷତା କରିଥିଲେ। ପାସେଞ୍ଜରମାନଙ୍କ ବିଭିନ୍ନ ସମସ୍ୟା, ନୂଆ ବସଷ୍ଟାଣ୍ଡର ଠିକ ନିୟନ୍ତ୍ରଣ ନେଇ ଆଲୋଚନା କରାଯାଇଥିଲା। ପରେ ନିର୍ବାଚନ ପର୍ଯ୍ୟବେକ୍ଷକ କାଶିନାଥ ହୋତାଙ୍କ ତତ୍ତ୍ୱାବଧାନରେ ଆସନ୍ତା ୩ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ପ୍ରବୋଧ ରଥ, କାର୍ଯ୍ୟକାରୀ ସଭାପତି ପ୍ରବୀଣ କୁମାର ଖମାରୀ, ଉପସଭାପତି ସନ୍ଦୀପ କୁମାର ଦାସ, ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡା, ସହସମ୍ପାଦକ ସତ୍ୟ ରଥ, ମୋହିତ କୁମାର ଦାସ, କୋଷାଧ୍ୟକ୍ଷ ମାନସ ରଞ୍ଜନ ଦାସ, କାର୍ଯ୍ୟକାରୀ ସଦସ୍ୟ କାଶିନାଥ ହୋତା, ପ୍ରଦୀପ କୁମାର ଦାସ, ବଟ ପ୍ରଧାନ, ନରେଶ ପଟ୍ଟନାୟକ, ବୀର ପ୍ରହରାଜ ପ୍ରମୁଖ ନିର୍ବାଚିତ ହୋଇଥିଲେ । ଉପସଭାପତି ସନ୍ଦୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ।

ODISHA COAL AND POWER LTD.
(A GOVT. OF ODISHA COMPANY)
OCPL Odisha Coal and Power Limited
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

TENDER NOTICE

NIT No: OCPL/SITE-73/2023 Dt.17.04.2023

Sealed bids in prescribed format are invited from reputedCompanies/ Firms/Agencies for execution of the following work:

Sl. No.	Name of the work	Cost of tender paper	Last date of sale/ download of tender document	Date of submission/ opening
1	Renovation of Pond of Village, Kiripsira, Hemgir, District Sundargarh, Odisha	Rs.5,900/- (Rupees Five Thousand Nine Hundred Only) including GST @ 18%	08.05.2023	03.00 P.M. / 03.30 P.M. on 15.05.2023

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in

Sd./- Sr. Manager (Commercial & Contracts)

ବାର୍‌ହା ଫାଶରେ ଫସିଲା କୁକୁର

କଣ୍ଟାବାଞ୍ଜି,୧୬।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଚଟୁଅନକା ପଞ୍ଚାୟତ ବେହେରେ ନସିଲେଟ ଗାଁରେ ଏକ ଅଭାବନୀୟ ଘଟଣା ରବିବାର ଦେଖିବାକୁ ମିଳିଛି । ବାର୍‌ହା ଧରିବା ପାଇଁ ଦୁର୍ବୃତ୍ତମାନେ ପକାଇ ଥିବା ଫାଶରେ ଏକ କୁକୁର ପଡି ଯାଇଥିବା ବେଳେ ବନ ବିଭାଗ କର୍ମଚାରୀ ତାକୁ ଉଦ୍ଧାର କରିଛନ୍ତି । ପ୍ରକାଶ ଯେ, ଚଟୁଅନକା– ବେହେରେ ନସିଲେଟ ରାସ୍ତାର ପୋଖରୀ ନିକଟରେ ଥିବା ଗାଁ ଜଙ୍ଗଲରେ ଶନିବାର ରାତିରେ ବାର୍‌ହା ଧରିବା ପାଇଁ ଫାଶ ଲଗାଯାଇଥିଲା। ବାର୍‌ହା ଫାଶରେ ବାର୍‌ହା ବଦଳରେ ଏକ ବୁଲା କୁକୁର ପଡିଥିବା ନେଇ ସ୍ଥାନୀୟ ଜଙ୍ଗଲ ବିଭାଗକୁ ଖବର ମିଳିଥିଲା। ବନବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଫାଶରେ ପଡିଥିବା କୁକୁରକୁ ଉଦ୍ଧାର କରି ଛାଡି ଦେଇଥିବା ଜଣାପଡିଛି। ଫରେଷ୍ଟର ବିମ୍ବରାଜ ପୋଢ, ଜଳନ ବନଛୋର, ପିତ ପନିକା, ଜଳଧର ବାଗ ଘଟଣାସ୍ଥଳକୁ ଯାଇଥିଲେ।

LEVEL-II TRANSPORT CONTRACTOR 2023-25
NOTICE INVITING TENDER
No.CAD-186
Office of District Manager
Odisha State Civil Supplies Corporation Ltd. (OSCSC)
Koraput District Phone:9438200050
Tender No.481 **Dated:13.04.2023**

Cost of Tender Document:- Rs.5900/- Inclusive of GST for each RRC to Unit (Block / ULB) combination of the district.

Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

1	Availability of tender documents	From Date 17.04.2023 Downloadable from website: www.oscsc.in. www.foododisha.in & www.tendersodisha.gov.in
2	Date, time and venue for pre-bid conference.	On dated 26.04.2023 At 11.30 AM Place: Office of CCSO-cum-DM, OSCSC Ltd., Jeypore
3	Last date and time for online submission of completed Tender Documents with enclosures	Through e-Procurement Portal: www.tendersodisha.gov.in Dated. 01. 05.2023 upto 5.30 PM
4	Date, time and venue for opening of Technical Bid by the Tender Committee	On dated 03.05.2023 at 11.30 AM Place: Collectorate, Koraput
5	Date, time and venue of submission of original documents in support of scanned copies uploaded in the portal for verification.	On dated 03.05.2023 at 3.30 PM Place: Collectorate, Koraput
6	Date & time of Financial Bid opening by the Tender Committee (Only of Technically Qualified Bidders)	To be announced after technical bid evaluation.
7	Venue of the opening of Technical & Financial Bids	Collectorate, Koraput
8	Validity Period	Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders.
9	Language of the Tender	The tender should be prepared by the bidder in English language only.
10	Help Desk telephone No.	(i) OSCSC Ltd.:- District Manager:-No.9438200050 Accounts Head No. 8249608593 (ii) State Procurement Cell:-0674-2530998/ 18003456765

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OSCSC Ltd., Jeypore (K)

LEVEL-I TRANSPORT CONTRACTOR 2023-25
NOTICE INVITING TENDER
Office of District Manager
Odisha State Civil Supplies Corporation Ltd. (OSCSC)
Koraput District, Phone:9438200050
Tender No.480 **Dated:13.04.2023**

Cost of Tender Document: - Rs.11800/- Inclusive of GST.

Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).

1	Availability of tender documents	From Date 17.04.2023. . Downloadable from website: www.oscsc.in www.foododisha.in&www.tendersodisha.gov.in
2	Date, time and venue for pre-bid conference.	On dated 26.04.2023 at 11.30 AM Place: office of CCSO-cum-DM, OSCSC Ltd., Jeypore
3	Last date and time for online submission of completed Tender Documents with enclosures	Through e-Procurement Portal: www.tendersodisha.gov.in Dated.01.05.2023 upto 5.30 PM
4	Date, time and venue for opening of Technical Bid by the Tender Committee	On dated 02.05.2023 at 3.30 PM Place: Collectorate, Koraput
5	Date, time and venue of submission of original documents in support of scanned copies uploaded in the portal for Verification.	On dated 02.05.2023 at 4.30 PM Place: Collectorate, Koraput
6	Date & time of Financial Bid opening by the Tender Committee (Only of Technically Qualified Bidders)	To be announced after technical bid evaluation.
7	Venue of the opening of Technical & Financial Bids	Collectorate, Koraput
8	Validity Period	Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders.
9	Language of the Tender	The tender should be prepared by the bidder in English language only.
10	Help Desk telephone No.	(i) OSCSC Ltd.:- District Manager:-No.9438200050 Accounts Head. No.8249608593 (i) State Procurement Cell:-0674-2530998 / 18003456765

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OSCSC Ltd., Jeypore (K)

HANDLING CONTRACTOR 2023-25
NOTICE INVITING TENDER
Office of District Manager
Odisha State Civil Supplies Corporation Ltd. (OSCSC)
Koraput District, Phone:
Tender No.479 **Dated:13.04.2023**

Cost of Tender Document: - Rs.11800/- Inclusive of GST.

Online Tenders are invited from eligible bidders for selection and appointment of Handling Contractor (Labour works) for handling of food grain (Rice, Wheat) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of Koraput district.

1	Availability of tender documents	From Date. 17.04.2023 Downloadable from website: www.oscsc.in, www.foododisha.in&www.tendersodisha.gov.in
2	Date, time and venue for pre-bid conference.	On dated 26.04.2023 At 11.30 AM Place: Office of the CCSO-cum-DM, OSCSC Ltd., Jeypore.
3	Last date and time for online submission of completed Tender Documents with enclosures	Through e-Procurement Portal: www.tendersodisha.gov.in Dated 01.05.2023 up to 5.30 PM
4	Date, time and venue for opening of Technical Bid by the Tender Committee	On dated:02.05.2023 at 11.30 AM Place: Collectorate, Koraput
5	Date, time and venue of submission of original documents in support of scanned copies uploaded in the portal for verification	On dated 02.05.2023 at 12.30 PM Place: Collectorate, Koraput.
6	Date & time of Financial Bid opening by the Tender Committee (Only of Technically Qualified Bidders)	To be announced after technical bid evaluation.
7	Venue of the opening of Technical & Financial Bids	Collectorate, Koraput
8	Validity Period	Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders.
9	Language of the Tender	The tender should be prepared by the bidder in English language only.
10	Help Desk telephone No.	(i) OSCSC Ltd.:-District Manager:-No:9438200050 Accounts Head No.: 8249608593 (ii) State Procurement Cell:0674-2530998/18003456765

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in,www.oscsc.in &www.foododisha.in.

Sd./- District Manager
OSCSC Ltd., Jeypore (K)

OIPR-07038/11/0001/2324

ସଂକ୍ଷେପରେ

ଦଧିବାମନ ରାମଲୀଳା ଉଦ୍‌ଯାପିତ

ରାମଲୀଳାର ଏକ ଦୃଶ୍ୟ ।

ଲୋଇସିଂହା,୧୬।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଦଧିବାମନ ରାମଲୀଳା କଳା ପରିଷଦ ପକ୍ଷରୁ ଚାଲିଥିବା ରାମଲୀଳା ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅନୁଷ୍ଠାନ ପକ୍ଷରୁ ୯୩ ବର୍ଷ ଧରି ରାମଲୀଳା ପରିବେଷଣ ହୋଇଆସୁଛି । ଚଳିତବର୍ଷ ରାମନବମୀରୁ ରାମଲୀଳା ଆରମ୍ଭ ହୋଇଥିଲା । ରାମଜନ୍ମ, ସୀତା ସ୍ୱୟଂମ୍ବର, ରାମ ବନବାସ, ଭରତ ମିଳନ, ସୂର୍ପନଖା ନାକ ଛେଦନ, ସୀତାଚୋରି, ଲଙ୍କା କାଣ୍ଡ, ଇନ୍ଦ୍ରଜିତ ବଧ, ରାବଣ ବଧ ଏବଂ ରାମ ଅଭିଷେକ ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଶ୍ରୀକାନ୍ତ ତ୍ରିପାଠୀ, ସଂକଳ୍ପ ତ୍ରିପାଠୀ, ଜ୍ୟୋତି ପଧାନ, ମହେଶ ତ୍ରିପାଠୀ, ବୀରବର ବାରିକ, ଆନନ୍ଦ ସାହୁ, ଜ୍ଞାନ ସା, ରବି ପଧାନଙ୍କ ସମେତ ନୂଆ ଓ ପୁରୁଣା କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା । ଉଦ୍‌ଯାପନୀ ଦିବସରେ ସଭାପତି ଲକ୍ଷ୍ମଣ ସାହୁ ଓ ସମ୍ପାଦକ ସୀତାକାନ୍ତ ମିଶ୍ର କଳାକାର ଏବଂ କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ ।

ନର୍ଲାରେ ହେବ ରେଳ ଓଭର ବ୍ରିଜ୍

ଭବାନୀପାଟଣା,୧୬।୪(ସ୍ୱ.ପ୍ର): କଳାହାଣ୍ଡି ଜିଲା ନର୍ଲା ଲେବଲ କ୍ରସିଂଠାରେ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା। ବର୍ତ୍ତମାନ ଏନେଇ ସର୍ଭେ କାର୍ଯ୍ୟ ଶେଷ ହୋଇଥିବାବେଳେ ଅନୁମୋଦନ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ପ୍ରକାଶ ଯେ, ନର୍ଲା ବିଧାୟକ ଭୂପିନ୍ଦର ସିଂହ ବିଧାନସଭାରେ ରାଜ୍ୟ ନିର୍ମାଣ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ନର୍ଲାଠାରେ ରେଳ ଓଭର ବ୍ରିଜ ଓ ଗୋହିରାପଦରରେ ଅଣ୍ଡର ବ୍ରିଜ କିମ୍ବା ଓଭର ବ୍ରିଜ ପ୍ରସ୍ତାବ ଅଛି କି ବୋଲି ପ୍ରଶ୍ନ କରିଥିଲେ।ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, କଳାହାଣ୍ଡି ଜିଲାର ନର୍ଲା ପୂର୍ତ୍ତ ବିଭାଗ ରାସ୍ତାରେ ଏଲସି ନଂଆରଭି ୧୯୬ର ପ୍ରାରମ୍ଭିକ ସର୍ଭେ ଓ ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇ ଏହାର ଅନୁମୋଦିତ ଏଲାନମେଣ୍ଟ ନକ୍ସାକୁ ରେଳବାଇ ଅଧିକାରୀଙ୍କ ନିକଟକୁ ରେଳବାଇ ଅଂଶର ଜିଏଡି ପ୍ରସ୍ତୁତି ନିମନ୍ତେ ପଠାଯାଇଛି। ରେଳବାଇ ଅଧିକାରୀଙ୍କଠାରୁ ହସ୍ତଗତ ହେବା ପରେ କମ୍ୟାଇଣ୍ଡ ଜିଏଡି ପୁନଃ ଅନୁମୋଦନ ନିମନ୍ତେ ପଠାଯିବ। ପରେ ଅଟକଳ ପ୍ରସ୍ତୁତି କରାଯାଇ ପ୍ରଶାସନିକ ଅନୁମୋଦନ ତଥା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଲିଖିତ ଉତ୍ତର ଦେଇଛନ୍ତି। ସେହିଭଳି ଗୋହିରାପଦରରେ ଅଣ୍ଡର ବ୍ରିଜ କିମ୍ବା ଓଭର ବ୍ରିଜ ନିର୍ମାଣ ପାଇଁ ବର୍ତ୍ତମାନ କୋଣସି ପ୍ରସ୍ତାବ ନାହିଁ ବୋଲି କହିଛନ୍ତି।

ବଲାଙ୍ଗୀରରୁ ଫେରିଗଲେ କ୍ରାଇମବ୍ରାଞ୍ଚ ଟିମ୍

ଜାଲ୍ ସାର୍ଟିଫିକେଟ ମାମଲା

■ ୧୫ ଦିନର ତଦନ୍ତ, କାର୍ଯ୍ୟାନୁଷ୍ଠାନ ଶୂନ

ବଲାଙ୍ଗୀର ଅଫିସ,୧୬।୪

ବହୁଚର୍ଚ୍ଚିତ ଜାଲ୍ ସାର୍ଟିଫିକେଟ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମ୍ ୧୫ ଦିନର ତଦନ୍ତ ପରେ ବଲାଙ୍ଗୀରରୁ କ୍ୟାମ୍ପ ଉଠାଇ ନେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ରବିବାର ସକାଳେ କ୍ରାଇମବ୍ରାଞ୍ଚର ୫ ଜଣିଆ ଟିମ୍ ଶନିବାର ବିଳମ୍ବିତ ରାତିରେ କଟକ ଅଭିମୁଖେ ଫେରି ଯାଇଥିବା ନେଇ ସୂଚନା ମିଳିଥିଲା। ଏଭଳି ଖବର ପାଇବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଯାଇଥିଲେ। ତେବେ ସେଠାରେ କ୍ରାଇମବ୍ରାଞ୍ଚ ଟିମ୍‌ର କୌଣସି ସଦସ୍ୟ ନ ଥିଲେ। ପୂର୍ତ୍ତ ବିଭାଗ ଡାକବଙ୍ଗଳା କର୍ମଚାରୀଙ୍କୁ ବିଶେଷ କିଛି ନ କହି କ୍ରାଇମବ୍ରାଞ୍ଚର ୫ ଜଣିଆ ସଦସ୍ୟ ଫେରି ଯାଇଥିବା ଜଣାପଡିଥିଲା। ଏନେଇ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କୁ ଫୋନ୍‌ରେ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ ଫୋନ ରିଂ ହେବା ସତ୍ତ୍ୱେ ସେ ଉଠାଇ ଥିଲେ। ଫଳରେ ତାଙ୍କ ମତାମତ ମିଳି ପାରିନାହିଁ। କ୍ରାଇମବ୍ରାଞ୍ଚ ଟିମ୍ ଫେରିଯିବା ପରେ ଜାଲ୍ ସାର୍ଟିଫିକେଟ ମାମଲାର ଗତି କୁଆଡେ ତାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି ।

ଗତ ମାର୍ଚ୍ଚ ୨୩ ତାରିଖ ଦିନ ବଲାଙ୍ଗୀର ଡାକମଣ୍ଡଳ ଗ୍ରାମୀଣ ଡାକ ସେବକ ପଦ ପାଇଁ ସାର୍ଟିଫିକେଟ ଭେରିଫିକେଶନ ବେଳେ ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ କେତେକ ସାର୍ଟିଫିକେଟ ଜାଲ୍ ବୋଲି ସନ୍ଦେହ କରି ଟାଉନ୍ ଥାନାରେ ରିପୋର୍ଟ କରିଥିଲେ। ବଲାଙ୍ଗୀର ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନା ପୋଲିସ ଏନେଇ ମାମଲା ରୁଜୁ କରି ବଲାଙ୍ଗୀର ରିଲାଏନ୍ସ କୋଟିଂ ସେଣ୍ଟରରେ ଚଢ଼ାଉ କରି ବିପୁଳ ମାତ୍ରାରେ ଜାଲ୍ ସାର୍ଟିଫିକେଟ ଜବତ କରିଥିଲା। ଏହି ମାମଲାରେ ପୋଲିସ ରିଲାଏନ୍ସ କୋଟିଂ ସେଣ୍ଟର ମାଲିକ ମନୋଜ ମିଶ୍ର, ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଥିଲା। ଉକ୍ତ କୋଟିଂ ସେଣ୍ଟରରୁ ଦେଶର ବିଭିନ୍ନ ପ୍ରଦେଶର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ୫ ହଜାରରୁ ଊର୍ଦ୍ଧ୍ୱ ଜାଲ ସାର୍ଟିଫିକେଟ ଜବତ କରିବା ପରେ ଏହା ଏକ ଜାତୀୟ ସ୍ତରର ସ୍କାମ୍ ବୋଲି ଏସ୍‌ପି କୁଶଲକର କହିଥିଲେ। ଏହି ମାମଲାକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଥିଲା। ଜାଲ୍ ସାର୍ଟିଫିକେଟ କାରବାର କରୁଥିବା ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସହ ଶାସକ ଦଳର କେତେଜଣ ନେତା ମନ୍ତ୍ରୀଙ୍କ ସମ୍ପୃକ୍ତି ବିଷୟରେ ଅଭିଯୋଗ ଉଠିବା ପରେ ସରକାର ତରବରିଆ ଭାବେ କ୍ରାଇମବ୍ରାଞ୍ଚକୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଗତ ୧ ତାରିଖ ଠାରୁ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ୫ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ବଲାଙ୍ଗୀର ଆସିଥିଲା। ଅଭିଯୁକ୍ତ ମନୋଜ ମିଶ୍ର, ଆଲୋକ ଉଦ୍‌ଗାତାଙ୍କ ସହ ଅନ୍ୟ ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କୁ ୩ ଦିନଆ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ୍ ପଚରାଉଚରା କରିଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ରନାଥ ସିହ୍ନା ବଲାଙ୍ଗୀରରେ କ୍ୟାମ୍ପ କରିଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅଭିଯୁକ୍ତଙ୍କ ଠାରୁ ମିଳିଛି। ଏଥିରେ ଆର୍ଥିକ କାରବାର ହୋଇଥିବା ଦର୍ଶାଇ ଅଭିଯୁକ୍ତ ମିଶ୍ରଙ୍କ ସମ୍ପତ୍ତି ବ୍ୟାଜାପ୍ତି ଦିଗରେ କ୍ରାଇମବ୍ରାଞ୍ଚ ପଦକ୍ଷେପ ନେଉଥିବା ସୂଚନା ଦିଆଯାଇଥିଲା। ଜାଲ୍ ସାର୍ଟିଫିକେଟ କାରବାର ଏକ ଆନ୍ତଃରାଜ୍ୟ ର୍ୟାକେଟ ହୋଇଥିବାରୁ ଏ ଦିଗରେ ଆବଶ୍ୟକ ପଡିଲେ କ୍ରାଇମବ୍ରାଞ୍ଚ ଟିମ୍ ରାଜ୍ୟ ବାହାରକୁ ଯିବ ବୋଲି କୁହାଯାଇଥିଲା। ଅନେକ ସାଂଘାତିକ ତଥ୍ୟ ଓ ପ୍ରମାଣ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି ଏବଂ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଏସପି କହୁଥିଲେ। ଏହାର କିଛି ଦିନ ପରେ ଉପର ଅଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ବୋଲି କହିଥିଲେ। ମାତ୍ର ୧୫ ଦିନର ତଦନ୍ତ ପରେ କାହାକୁ କିଛି ନ ଜଣାଇ କ୍ରାଇମବ୍ରାଞ୍ଚ ଟିମ୍ ରାତିଅଧିଆ ଫେରିଯାଇଥିବାରୁ କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ଏବେ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ବାସ୍ତବରେ କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଆସିଥିଲା ନା ମାମଲାକୁ ଚପାଇବାକୁ ଆସିଥିଲା ବୋଲି ପ୍ରଶ୍ନ କରାଯାଉଛି।

ଖଡ଼ିଆଳ ସାହୁପଡ଼ାରେ ଡାନ୍ସ କ୍ଲବ ଉଦ୍‌ଘାଟିତ

ଡାନ୍ସ କ୍ଲବ ଉଦ୍‌ଘାଟନରେ ଅତିଥି ଓ କଳାକାର ।

ଖଡ଼ିଆଳ,୧୬।୪(ଡି.ଏନ.ଏ)

ନୂଆପଡା ଜିଲା ଖଡିଆଳ ସାହୁପଡ଼ାଠାରେ ଡାନ୍ସ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମେଜର ଡ. ରାମଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଜତେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମୋତିଲାଲ ବାଗ, ସୋକନାଥ ସେନାପତି, ଅମୂଲ୍ୟ ବାରିକ, ବିଭୂତି ବିଶି ଯୋଗଦେଇ ନୃତ୍ୟର ଉପଯୋଗିତା ଉପରେ ବକ୍ତବ୍ୟ ରଖିଥିଲେ। କ୍ଲବର ସଭାପତି ଦେବୀଲାଲ ସାହୁ ସଭାପତିତ୍ୱ କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ଲବର ଉପସଭାପତି ପ୍ରକାଶ ଝା, ସମ୍ପାଦକ ଅସିର ମେହେର, ସହସମ୍ପାଦକ ମୋହିତ ନାଏକ, ରାଜାଚନ୍ଦ୍ର ବାରିକ, ସଭ୍ୟ ତାରିଣୀ ସାହୁ, କାଂହା ରାୟ, ନରେନ୍ଦ୍ର କୁଅର, ହରପ୍ରିତି କୌର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବହୁ ଛାତ୍ରୀଛାତ୍ର, ଅଭିଭାବକ ଯୋଗଦେଇଥିଲେ।

ମୃତଦେହ ସତ୍କାର କଲେ ଉନ୍ନୟନ ସମିତି

ବୃଦ୍ଧାଙ୍କ ମୃତଦେହକୁ ସତ୍କାର କରାଯାଉଛି।

ଗୁଡହାଣ୍ଡି ଡୋକରୀଚଞ୍ଚରା ଜଗୁଆଳି ମୃତ

କୋକସରା,୧୬।୪(ଡି.ଏନ.ଏ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳି ଗୁଡହାଣ୍ଡି ଡୋକରିଚଞ୍ଚରାରେ ୧୦ ବର୍ଷ ହେବ ବୃଦ୍ଧ ଦମ୍ପତି ଘେନୁ ମାଝୀ (୭୭) ଓ ତାଙ୍କ ସ୍ତ୍ରୀ ମଙ୍ଗଳ ଦେଇ ମାଝୀ (୭୦) ଜଗୁଆଳି ଭାବେ ରହି ଆସୁଥିଲେ। ସେମାନଙ୍କ ପୁଅ ଓ ଝିଅ ଅନ୍ୟ ଜାତିରେ ବିବାହ କରିଥିବା ବେଳେ ଆଜିକୁ ଦୀର୍ଘବର୍ଷ ହେବ ବୃଦ୍ଧା ବାପା ଓ ମାଙ୍କ ସହ କୌଣସି ସମ୍ପର୍କ ନାହିଁ। ସେହି କାରଣରୁ ବୃଦ୍ଧା ଦମ୍ପତିଙ୍କୁ ସାମାଜିକ ବାସନ୍ଦ ମଧ୍ୟ କରାଯାଇଥିବା ଜଣାପଡିଛି। ଏଣୁ ବୃଦ୍ଧାଙ୍କ ମୃତ୍ୟୁ ପରେ ମଧ୍ୟ କେହି ଶବ ପାଖକୁ ଆସି ନ ଥିଲେ। ତେବେ ପଞ୍ଚାୟତରୁ ବାର୍ଦ୍ଧକ୍ୟ ଭତ୍ତା ଓ ରାସନ ପାଉଥିଲେ ଓ ଉନ୍ନୟନ ସମିତି ପକ୍ଷରୁ ମଧ୍ୟ ସହାୟତା ପାଉଥିଲେ। ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ତାଙ୍କୁ କିଛି କିଛି ସାହାଯ୍ୟ କରୁଥିଲେ। ପର୍ଯ୍ୟଟନ ସ୍ଥଳୀ ଭରସାରେ ଜୀବନ ଅତିବାହିତ କରୁଥିଲେ। ତେବେ ବାର୍ଦ୍ଧକ୍ୟ ହେତୁ ରବିବାର ମଧ୍ୟାହ୍ନରେ ବୃଦ୍ଧାମଙ୍ଗଳ ଦେଇଙ୍କ ମୃତ୍ୟୁ ହୋଇଥିବା ବେଳେ ଆତ୍ମୀୟ ପରିଜନ ନିକଟସ୍ଥ ଖଲିଗଡ଼ ଗାଁରେ ରହୁଥିଲେ ମଧ୍ୟ କେହି ଶବ ନିକଟକୁ ଆସି ନଥିଲେ। ଏନେଇ ଗୁଡହାଣ୍ଡି ଡୋକରିଚଞ୍ଚରା ଉନ୍ନୟନ ସମିତିର ସଦସ୍ୟ ସୂଚନା ପାଇ ବୃଦ୍ଧ ଦମ୍ପତି ରହୁଥିବା ଘରକୁ ପହଞ୍ଚି ଥିଲେ। ଉନ୍ନୟନ କମିଟିର ସଭାପତି ଭଦ୍ରେଶ୍ୱର ପାତ୍ର, ଅଇରୀ ନାସନ ଚିନ୍ଦା, ଆଦିତ୍ୟ ପଣ୍ଡା, ନିଲାମ୍ବର ନାଏକ, ଘନଶ୍ୟାମ ନାଏକ, ଜିତେନ୍ଦ୍ର ପ୍ରଧାନୀ,ସଞ୍ଜୟ ସିଙ୍ଗଲ, ରବି ନାରାୟଣ ଦାସ ପ୍ରମୁଖ ସ୍ୱେଚ୍ଛାସେବୀଙ୍କ ସହ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ ପହଞ୍ଚି ବୃଦ୍ଧା ଦମ୍ପତିଙ୍କ ନିକଟ ସମ୍ପର୍କୀୟଙ୍କୁ ଡାକିଥିଲେ। ପରେ ବ୍ଲକ ଉପାଧ୍ୟକ୍ଷ ଜିଲା ପରିଷଦ ସଭ୍ୟ ଓ ଉପସ୍ଥିତ କର୍ମକର୍ତ୍ତା ମାନେ ବୃଦ୍ଧାଙ୍କ ଶବକୁ ଶେଷ ସମ୍ମାନ ଦେଇ ଶେଷ କୃତ୍ୟ କରିଥିଲେ। ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଘେନୁ ମାଝୀଙ୍କୁ ପ୍ରଦାନ କରିଥିଲେ।

ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମରେ ଯୋଗଦେଲେ ନରସିଂହ

ବିଧାୟକ ନରସିଂହ ମିଶ୍ର ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ପଣାବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୬।୪

ସେବା ପରମ ଧର୍ମ । ସେବା ପାଇ ଜଣେ ଯେତିକି ଆଶ୍ୱସ୍ତ ଅନୁଭବ କରେ, ସେବାକାରୀ ତାଠାରୁ ଅଧିକ ଆତ୍ମତୃପ୍ତି ପାଇଥାଏ । ବିଭିନ୍ନ ସରକାରୀ ବେସରକାରୀ ବ୍ୟବସ୍ଥା ସତ୍ତ୍ୱେ ଅନେକ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି । ତେଣୁ ନିଜ ସାମର୍ଥ୍ୟ ମୁତାବକ ସମସ୍ତେ ଜନସେବା ପାଇଁ ଆଗେଇ ଆସନ୍ତୁ ବୋଲି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ରବିବାର ସହଯୋଗ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ। ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଗରିବ ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ ସରକାରୀ ଆହାର କାର୍ଯ୍ୟକ୍ରମ ରବିବାର ଦିନ ବନ୍ଦ ରହେ। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଗରିବ ଜନସାଧାରଣ ରବିବାର ଦିନ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ଦିନ ଗରିବଙ୍କୁ ଖାଇବା ଯୋଗାଇ ଦେବା ଭଳି କାର୍ଯ୍ୟକ୍ରମ ଅତି ପ୍ରଶଂସନୀୟ । ଗରିବ ସେବାକୁ ସବୁ ଧର୍ମରେ ମାଧବ ସେବା ବୋଲି କୁହାଯାଇଛି । ଏହି ଅନୁଷ୍ଠାନ ଏଭଳି ସେବା କାର୍ଯ୍ୟ ଜାରି ରଖିବେ ବୋଲି ବିଧାୟକ ମିଶ୍ର ଆଶା ପ୍ରକାଶ କରିଥିଲେ। ଇଂ ଶ୍ରୀ ଜୈନ ତାଙ୍କ ସ୍ୱର୍ଗତ ପିତା ହରି ନାରାୟଣ ଜୈନଙ୍କ ପୂଣ୍ୟ ତିଥିରେ ଆଜି ଏହି ମହତ୍ କାର୍ଯ୍ୟକ୍ରମର ପୃଷ୍ଠପୋଷକତା କରିଥିଲେ । ଏହି ଅବସରରେ ବିଧାୟକ ମିଶ୍ରଙ୍କୁ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ବିଧାୟକ ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ଦହି ପାଣି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ମନୀଷ ମିଶ୍ର, କଂଗ୍ରେସ ସେବାଦଳ ମୁଖ୍ୟ ଅସିତ ମିଶ୍ର ଓ ଜୁଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରେଡକ୍ରସ କର୍ମୀ ତଥା ଫାଉଣ୍ଡେଶନର ଉପଦେଷ୍ଟା ରାମ ନାରାୟଣ ଦାଶ ସଭା ପରିଚାଳନା କରିଥିଲେ।

ବନ୍ଦ ଘରୁ ଗୁରୁତର ଅବସ୍ଥାରେ ଯୁବକ ଉଦ୍ଧାର

ଲୋଇସିଂହା,୧୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଢୋଲମହୁଲସ୍ଥିତ ଏକ ବନ୍ଦ ଘରୁ ଗୁରୁତର ଅବସ୍ଥାରେ ଜଣେ ଯୁବକଙ୍କୁ ଲୋଇସିଂହା ପୋଲିସ ରବିବାର ସକାଳେ ଉଦ୍ଧାର କରିଛି। ଉଦ୍ଧାର ଯୁବକ ଜଣକ ହେଲେ ଲୋଇସିଂହା ଥାନା ଅନ୍ତର୍ଗତ ରାଣୀପାଲି ଗ୍ରାମର ମାଧବ ମହାକୁର। ଲୋଇସିଂହା ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା-ପଦ୍ମପୁର ରାସ୍ତାରେ ରହିଛି ଢୋଲମହୁଲ । ଢୋଲମହୁଲର ପୁରୁଣା ରେଞ୍ଜ ଅଫିସ ନିକଟସ୍ଥ ଏକ ବନ୍ଦ ଘରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ପଡିଥିବା ଏବଂ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଜଣେ ମହିଳାଙ୍କ ଠାରୁ ପୋଲସି ଖବର ପାଇ ସେଠାରେ ପହଞ୍ଚିଥିଲା। ଯୁବକଙ୍କ ମୁଣ୍ଡ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ଆକ୍ରମଣରେ ସଂପୃକ୍ତ ଯୁବକ ଗୁରୁତର ହୋଇଥିବା ଜାଣିବାକୁ ମିଳିଥିଲା। ତେବେ ସଂପୃକ୍ତ ଯୁବକ ଜଣକ କିପରି ଭାବେ ସେଠାକୁ ଆସିଲେ ଏବଂ କିଏ ଓ କ'ଣ ପାଇଁ ତାଙ୍କୁ ଆକ୍ରମଣ କରି ବନ୍ଦ ଘରେ ପକାଇ ରଖିଥିଲେ ଏନେଇ ତଦନ୍ତ ଚାଲିଥିବା ସ୍ଥାନୀୟ ଥାନା ସୂତ୍ରରୁ ପ୍ରକାଶ।

ବଲାଙ୍ଗୀର ଲିଗ୍ କ୍ରିକେଟ ଉଦ୍‌ଘାଟିତ

ବଲାଙ୍ଗୀର ଲିଗ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ଉପସ୍ଥିତ ଅତିଥି ଓ ଖେଳାଳି।

ବଲାଙ୍ଗୀର ଅଫିସ, ୧୬।୪

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ବଲାଙ୍ଗୀର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରିକନ୍ ମହନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଦିନର ପ୍ରଥମ ମ୍ୟାଚ ସାନ୍‌ଭି ଓ ଏଏଫ୍‌ସିସି ମଧ୍ୟରେ ହୋଇଥିଲା। ଏଥିରେ ସାନ୍‌ଭି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୫୧ ରନ୍ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ମିଶ୍ର ୬୧ ରନ୍ କରି ଅପରାଜିତ ରହିଥିଲେ । ୧୫୨ ରନ୍ ବିଜୟ ଲକ୍ଷ୍ୟକୁ ନେଇ ପଡିଆକୁ ଓହ୍ଲାଇଥିବା ଏଏଫ୍‌ସିସି ଦଳ ୧୪.୧ ଓଭରରେ ୪ ଉଇକେଟ ବିନିମୟରେ ୧୫୪ ରନ୍ କରି ବିଜୟୀ ହୋଇଥିଲେ । ଏଏଫ୍‌ସିସି ଦଳ ପକ୍ଷରୁ ଲକି ଅପରାଜିତ ୫୯ ରନ୍ ଓ ବାଦଲ ଖମାରି ୪୪ ରନ୍ କରିଥିଲେ। ଦ୍ୱିତୀୟ ମ୍ୟାଚ ତୁଷାର ରୟାଲ ଟିମ୍ ଓ ସ୍ୱରାଜ ମଧ୍ୟରେ ଅ

ସଂକ୍ଷେପରେ

ସରକାରୀ ପଲିଟେକ୍‌ନିକ କଲେଜର ବାର୍ଷିକ ଉତ୍ସବ

ବୌଦ୍ଧ/ବଘିଆପଡା,୧୬।୪(ସ୍ୱ.ପ୍ର./ଡି.ଏନ.ଏ.): ବୌଦ୍ଧ ଜିଲା ଗୌଡଦେଇଠାରେ ଥିବା ସରକାରୀ ପଲିଟେକନିକ କଲେଜର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। କଲେଜର ଅଧକ୍ଷ ଜିତେନ୍ଦ୍ର ନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ପାନୀୟ ଜଳ , ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ଅତିଥିମାନେ ବୈଷୟିକ ଶିକ୍ଷାର ନିତାନ୍ତ ଆବଶ୍ୟକତା ରହିଥିବା ନେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରଥମ ବୈଷୟିକ ବହୁଭାଷୀ ପତ୍ରିକା ପ୍ରୋପାଗେସନ ଉନ୍ମୋଚନ ହୋଇଥିଲା। ପତ୍ରିକାର ସମ୍ପାଦକ ଅମିତା ଯସ୍ମିନ ଓ କାର୍ଯ୍ୟକାରୀ ସମ୍ପାଦକ ଏସ.କେ. ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଧାପକ, ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଅଧାପକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ସୋନପୁର,୧୬।୪(ନି.ପ୍ର.): ସୁବର୍ଣ୍ଣପୁର ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ରବିବାର ସମ୍ପନ୍ନ ହୋଇଯାଇଛି । ସହରର ଢେରାପ ସ୍ଥିତ ନୂଆବନ୍ଧ ଓ ପଟାଭାଠାରେ ଥିବା ଗୋବିନ୍ଦ ବନ୍ଧ ଦ୍ୱୟକୁ ୩ କୋଟି ୩ ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟ କରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସୂଚନା ଦେବା ପାଇଁ ନଳିନୀ ଛକ ଓ ବ୍ଲକ ଛକ ଠାରେ ୨୪ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ପୃଥକ ପୃଥକ ଏଲଇଡି ଡିଜିଟାଲ ବୋର୍ଡର ଲୋକାର୍ପଣ କରିଛନ୍ତି। ବୁଢାରଜା ଓ କୁଞ୍ଜ ଛକଠାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଉଚ୍ଚ ଶକ୍ତି ସମ୍ପନ୍ନ ଆଲୋକୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଉଠାଦୋକାନୀଙ୍କ ଥଇଥାନ ପାଇଁ ବ୍ଲକ ଛକ ଠାରେ ୧୨.୫ ଲକ୍ଷ ଟଙ୍କା ବ୍ୟୟରେ ଭେଣ୍ଡିଂ ଜୋନର ଲୋକାର୍ପଣ ସହ ପଟାଭା ୱାର୍ଡ ନଂ ୧୦ ରେ ଅଞ୍ଚଳର ବୟସ୍କ, ଶିଶୁ ତଥା ସର୍ବ ସାଧାରଣଙ୍କ ମନୋରଞ୍ଜନ ଓ ଭ୍ରମଣ ନିମନ୍ତେ ୨୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ମିନିପାର୍କର ଲୋକାର୍ପଣ କରିଥିଲେ । ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାୟକ,ପୌର ଉପାଧକ୍ଷା ମଲିକା ଦାନୀ, ସମସ୍ତ କାଉନସିଲର, ପୌରପରିଷଦ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦାନ କରିଥିଲେ ।

ପରକୀୟା ପ୍ରୀତିରୁ ଯୁବକଙ୍କୁ ହତ୍ୟା

ହତ୍ୟା ଘଟଣାରେ ଗିରଫ ୩ ଅଭିଯୁକ୍ତ ।

- ୩ ଜଣଙ୍କୁ ଗିରଫ କଲା ପୋଲିସ
- ମଦ ପିଇବା ଆଳରେ ଡାକି ନେଇଥିଲେ
- ଯୁବକଙ୍କ ଯୌନାଙ୍ଗ କାଟିଦେଲେ

ସୋହେଲା,୧୬।୪(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ବୁଢ଼ାମାଳ ଗ୍ରାମର ଜଣେ ଯୁବକ ସାନନ୍ଦ ସା(୩୫)ଙ୍କୁ ଶନିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ସାନନ୍ଦଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ବେଳେ ତାଙ୍କ ଯୌନାଙ୍ଗକୁ ମଧ୍ୟ କାଟି ଦେଇଛନ୍ତି। ଏ ନେଇ ରବିବାର ମୃତକଙ୍କ ବାପା ଦଶରଥ ସୋହେଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଢ଼ାମାଳ ଗ୍ରାମର ଅଜୟ ଭୁଏ(୩୨), ଦୁଃଖ ଓରଫ ଦୁଃଖନାଶନ ସାହୁ(୨୫) ଏବଂ ପ୍ରସନ୍ନ ସା(୪୨)। ସେମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ବ୍ଲେଡ୍, ୩ ମୋବାଇଲ ଏବଂ ଖାଲି ମଦ ପାଉଚ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ସୋହେଲା କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ସୋହେଲା ଥାନାରେ ଦଫା ୩୦୨ ଆଇପିସିରେ ଏକ ମାମଲା (ନଂ.୭୫/୨୩) ରୁଜୁ ହୋଇଛି। ପରକ୍ରିୟା ପ୍ରୀତିରୁ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଭିଆଇଥିବା ପୋଲିସ କହିଛି। ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଅଜୟ ତାଙ୍କ ସ୍ତ୍ରୀଙ୍କ ସହ ମୃତ ସାନନ୍ଦଙ୍କ ସମ୍ପର୍କ ରହିଥିବା ସନ୍ଦେହ କରିଥିଲେ। ଏହାପରେ ସେ ସାନନ୍ଦଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ, ଅଜୟ ଅନ୍ୟ ଦୁଇ ଅଭିଯୁକ୍ତ ଦୁଃଖ ଏବଂ ପ୍ରସନ୍ନଙ୍କ ସହ ମିଶି ଶନିବାର ରାତି ପ୍ରାୟ ୯ଟାରେ ମଦ ପିଇବା ପାଇଁ ସାନନ୍ଦଙ୍କୁ ଗୋଟିଏ ଜାଗାକୁ ଡାକିଥିଲେ। ମଦ ପିଇବା ସମୟରେ ଅଜୟ ଏକ ଟାଙ୍ଗିଆରେ ସାନନ୍ଦଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ସେ ଟଳି ପଡ଼ିବା ପରେ ଦୁଃଖ ଏବଂ ପ୍ରସନ୍ନ ସାନନ୍ଦଙ୍କୁ ମାଡ଼ି ବସିଥିଲେ ଏବଂ ଅଜୟ ବ୍ଲେଡରେ ତାଙ୍କ ଯୌନାଙ୍ଗକୁ କାଟି ଦେଇଥିଲେ। ଏହାପରେ ଟାଙ୍ଗିଆକୁ ଏକ ପୋଖରୀ ଭିତରକୁ ଫିଙ୍ଗି ଦେଇ ଅଭିଯୁକ୍ତମାନେ ଘରକୁ ଚାଲିଯାଇଥିଲେ।

ସାନନ୍ଦଙ୍କ ବାପା ଦଶରଥ ରବିବାର ଏ ନେଇ ଏତଲା ଦେବା ପରେ ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇଙ୍କ ତତ୍ତ୍ୱାବଧାନରେ ସୋହେଲା ଥାନା ଆଇଆଇସି ହରିବନ୍ଧୁ ଗଡ଼ତିଆ ଏହାର ତଦନ୍ତ କରିଥିଲେ। ପରକ୍ରିୟା ପ୍ରୀତି ସନ୍ଦେହରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସ ସୁରାକ୍ ପାଇଥିଲା। ଏହାପରେ ମୁଖ୍ୟ ଅଭିଯୁକ୍ତ ଅଜୟଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାର କରିବା ସହ ଅନ୍ୟ ୨ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ପୋଲିସକୁ କହିଥିଲେ। ଏହାପରେ ଅନ୍ୟ ୨ଅଭିଯୁକ୍ତଙ୍କ ଗିରଫ କରାଯାଇଥିଲା ବୋଲି ପୋଲିସ କହିଛି।

ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ

ଶ୍ରୀରାମଙ୍କ ରାଜ୍ୟାଭିଷେକ ଅବସରରେ ଶୋଭାଯାତ୍ରା ।

ବୌଦ୍ଧ,୧୬।୪(ସ୍ୱ.ପ୍ର.)

ବୌଦ୍ଧର ରାମଲୀଳା ଯାତ୍ରା ଉଦ୍‌ଯାପିତ

ଶ୍ରୀରାମ ନବମୀ ଠାରୁ ଦୀର୍ଘ ୧୮ଦିନ ଧରି ବୌଦ୍ଧ ଜିଲାର ସର୍ବପୁରାତନ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ମାରୁତିମଣ୍ଡପଠାରେ ଚାଲି ଆସୁଥିବା ରାମଲୀଳା ଯାତ୍ରା ରବିବାର ଦିନ ଉଦ୍‌ଯାପିତ ହୋଇଛି । ରାମଲୀଳା ଯାତ୍ରାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଲୀଳାକୁ ନାଟକ ମାଧ୍ୟମରେ ରାମଜନ୍ମ ଠାରୁ ରାଜ୍ୟାଭିଷେକ ପର୍ଯ୍ୟନ୍ତ ନାଟକ ପରିବେଷଣ କରାଯାଇଥିଲା । ସମସ୍ତ ନାଟକ ରାମଲୀଳା ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଏହି ଅନୁଷ୍ଠାନର ବ୍ରତୀମାନେ ୧୮ ଦିନ ଧରି ଗୃହ ତ୍ୟାଗୀ ହେବା ସହିତ ଦିନକୁ ଗୋଟିଏ ଓଳି ଅନ୍ନ ଭକ୍ଷଣ କରିବା ଓ ସମସ୍ତ ସୁଖ ସୁବିଧାକୁ ତ୍ୟାଗ କରି ଭୂମିରେ ଶୋଇବା ସହ ନିଷ୍ଠାର ସହିତ ଯାତ୍ରାରେ ଅଭିନୟ ପ୍ରଦର୍ଶନ କରି ଆସୁଥିଲେ। ରାମଲୀଳା ଯାତ୍ରାର ମୁଖ୍ୟ ଆର୍କଷଣ ହେଉଛି ରାବଣ ବଧ । ଗତ ଶନିବାର ଦିନ ରାତି ତମାମ ରାମ ରାବଣଙ୍କ ସମର ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲା ଷ୍ଟାଡିୟମ,ବାଘଗୁଡା ଛକ ଓ ଯାତ୍ରାପଡିଆଠାରେ ଉଭୟ ସେନା ମୁହାଁମୁହିଁ ହୋଇଥିଲେ। ଜିଲା ଷ୍ଟାଡିୟମ, ଯାତ୍ରାପଡିଆ ସମେତ ସହରର ବିଭିନ୍ନ ଛକରେ ଆତସବାଜି କାର୍ଯ୍ୟକ୍ରମ, ମେଲୋଡି , ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ଯାତ୍ରା ପଡିଆଠାରେ ପରିବେଷଣ ହୋଇଥିଲା ନାଟକ ରାବଣ ବଧ । ରାବଣ ବଧ ପରେ ରବିବାର ଦିନ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ହୋଇଥିବା ବେଳେ ଏଥିପାଇଁ ସାରା ସହର ଉତ୍ସବମୁଖର ହୋଇ ପଡିଥିଲା । ଏହି ଅବସରରେ ଯାତ୍ରା ପଡିଆଠାରୁ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ , ଅନୁଜ ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କୁ ସହର ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରା ବେଳେ ଦୁଲ୍‌ଦୁଲି ସହିତ ବିଭିନ୍ନ ଘଣ୍ଟବାଦ୍ୟରେ ସହର କମ୍ପି ଉଠିଥିଲା ।

ବୀରମହାରାଜପୁର ଏଭେଞ୍ଜରକୁ ହରାଇ ବିଶାଲ ୱାରିଅର ବରଘାଟ ଚାମ୍ପିୟନ

ଅମରପାଲି,୧୬।୪(ଡି.ଏନ.ଏ)

ଅତିଥି ଓ ଟ୍ରଫି ସହିତ ଉଭୟ ଦଳର ଖେଳାଳିମାନେ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମରେ ତିନି ଦିନ ଧରି ଚାଲିଥିବା ଚତୁର୍ଥ ନାରାୟଣୀ ଫ୍ଲଡ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବୀରମହାରାଜପୁର ଏଭେଞ୍ଜରକୁ ହରାଇ ବିଶାଲ ୱାରିଅର ବରଘାଟ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ୬ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ବିଶାଲ ୱାରିଅର ବରଘାଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭୫ରନ କରିଥିବା ବେଳେ ବୀରମହାରାଜପୁର ଏଭେଞ୍ଜର ୬୫ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ବରଘାଟ ନିର୍ଦ୍ଧାରିତ ୪ ଓଭର ୪୦ ରନ କରିଥିବା ବେଳେ ବୀରମହାରାଜପୁର ନିର୍ଦ୍ଧାରିତ ୪ ଓଭର ରେ ୩୨ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବିଶାଲ ୱାରିଅର ବରଘାଟ ଚାମ୍ପିୟନ ହୋଇଛି। ପୂର୍ବରୁ ହୋଇଥିବା ପ୍ରଥମ ସେମି ଫାଇନାଲରେ ବୀରମହାରାଜପୁର ଓ କେନଝିରିଆପାଲି ମଧ୍ୟରେ ହୋଇଥିଲା। ଏଥିରେ ବୀରମହାରାଜପୁର ନିର୍ଦ୍ଧାରିତ ୬ ଓଭରରେ ୭୯ ରନ କରିଥିବା ବେଳେ କେନଝିରିଆପାଲି ନିର୍ଦ୍ଧାରିତ ୬ ଓଭରରେ ୬୦ରନ କରି ପରାସ୍ତ ହୋଇଥିଲା।

୪ର୍ଥ ନାରାୟଣୀ ଫ୍ଲଡ ନାଇଟ କ୍ରିକେଟ ଟୁର୍ନାମେଣ୍ଟ

ଫଳରେ ବୀରମହାରାଜପୁର ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନଲ ଗୁରପଙ୍ଗା ଓ ବରଘାଟ ମଧ୍ୟରେ ହୋଇଥିଲା। ଏଥିରେ ଗୁରପଙ୍ଗା ନିର୍ଦ୍ଧାରିତ ୬ ଓଭରରେ ୭୦ରନ କରିଥିବା ବେଳେ ବରଘାଟ ଦଳ ୫ ଓଭରରେ ୭୧ରନ କରି ଫାଇନାଲରେ ପ୍ରବେଶ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ପୂର୍ବତନ ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ, ପୂର୍ବତନ ସମିତି ସଭ୍ୟ ଋଷଭ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରଘାଟର ଅରୁଣଙ୍କୁ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ମ୍ୟାଚ ଏବଂ ବୀରମହାରାଜପୁରର ରାଜ କୁମାରଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ବରଘାଟ ଦଳକୁ ନଗଦ ୮ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅଫ ଦଳକୁ ୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚଗୁଡିକରେ ମକୁନ୍ଦ ଭୁକ୍ତା ଓ ସିଲୁ ବେହେରା ଅମ୍ପାୟାର, ବିକାଶ ସ୍କୋରିଂ ଏବଂ ଅକାସ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

ଆମ୍ବେଡକର ଜୟନ୍ତୀ ପାଳିତ

ଅମରପାଲି,୧୬।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଆମ୍ବେଡ଼କର ସେବା ସଂଘ ଠାରେ ସମ୍ବିଧାନ ପ୍ରଣେତା ଡ.ଭୀମରାଓ ଆମ୍ବେଡ଼କରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘର ସଭାପତି ଅନାଦି ଜଗଦଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ବାଘ ମୁଖ୍ୟବକ୍ତା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସହକାରୀ ଶାଖା ପରିଚାଳକ ଲିଙ୍ଗରାଜ ଲୁହା, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ସାମାଜିକ କର୍ମୀ ଭୋଳାନାଥ ସାଗର, ଏଲଆଇସି ଅଧିକାରୀ ଗୋବିନ୍ଦ ଭରାସାଗର, ଉପଦେଷ୍ଟା ଗଦାଧର ବାଦୀ, ନବୀନ ଭୋଇ, ଗୌର ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷେ ଘର ସମାଜର ସଭାପତି ରାମଚନ୍ଦ୍ର ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ଜଗ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ସମ୍ପାଦକ କର୍ମୁ କଲତା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଉଫୁଲାରେ ରକ୍ତଦାନ ଶିବିର

ଜଣେ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି

ଅମରପାଲି,୧୬।୪(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତ ସଭା ଗୃହଠାରେ ପ୍ରବାଦ ପୁରୁଷ ବିନ୍ଧୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୀବନ ବିନ୍ଧୁ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରକ୍ତଦାନ ଶିବିରକୁ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ଉଦ୍‌ଘାଟନ କରି ନିଜେ ରକ୍ତଦାନ କରିଥିଲେ। ଓଡିଶା ମୋ ପରିବାରର ଜିଲା ସଂଯୋଜକ ରଞ୍ଜିତ ରଥ, ପୂର୍ବତନ ବ୍ଲକ ଅଧକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି , ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ସରପଞ୍ଚ ସଂଘ ସଂପାଦକ ସୂର୍ଯ୍ୟ ନନ୍ଦ, ଆତ୍ମା ସଭାପତି ବିବସତି ପଣ୍ଡା, ବାସୁଦେବ ପଣ୍ଡା, ଯୁଗଳ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ରକ୍ତଦାତାଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ବ୍ଲଡ଼ ବ୍ୟାଙ୍କର କର୍ମଚାରୀମାନେ ଡ଼ା ବିଶନାଥ ରଥଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରି ଥିଲେ। ସ୍ୱେଚ୍ଛାସେବୀ ମଳୟ ଅମାତ, ପିଙ୍କୁ ଗାଇଗରିଆ, ରାଜୀବ ଖେତି, ଆଶିଷ ସାହୁ, ପ୍ରଭଞ୍ଜନ କର୍ମୀ, ଓମ ପଣ୍ଡା, ଚିତ୍ତରଞ୍ଜନ ଦାସ, ଜ୍ୟୋତି ସିଂହ, ଆରୁଣି ରାଜହଂସ ଙ୍କ ସମେତ ୱାର୍ଡ ମେମ୍ବର, ପଞ୍ଚାୟତ କର୍ମଚାରୀ ସହଯୋଗ କରିଥିଲେ।

ରାଜ୍ୟ ସମାଜସେବୀ ମହାସଂଘ ମହାସମ୍ମିଳିନୀରେ ସମ୍ମାନିତ

ସମାଜସେବା କ୍ଷେତ୍ରରେ ସମ୍ମାନିତ ହୋଇଥିବା ବିନିକା ଅଞ୍ଚଳର ସମାଜସେବୀ ।

ବିନିକା,୧୬।୪(ଡି.ଏନ.ଏ.)

ରବିବାର ପୁରୀ ସଂସ୍କୃତି ଭବନଠାରେ ରାଜ୍ୟ ସମାଜସେବୀ ମହାସଂଘ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ସାମାଜିକ କର୍ମୀ ତଥା ସିଦ୍ଧାର୍ଥ ଜୁନିୟର କଲେଜର ପ୍ରିନ୍ସିପାଲ ରେଖା ପଧାନ, ସାମାଜିକ କର୍ମୀ ରାମ ଗୋପାଳ ବାଘ ଓ ବିନିକା ମହାନଦୀ ଯୁବ ସଂଗଠନର ପ୍ରତିଷ୍ଠାତା କ୍ଷୀର ବିଭାରଙ୍କୁ ସମ୍ମାନିତ କରାଯାଇଛି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସମାଜସେବୀ ମହାସଂଘ ଓଡିଶା ତରଫରୁ ପୁଷ୍ପଗୁଚ୍ଛ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।

ନର୍ଲାରେ ହେବ ରେଳ ଓଭର ବ୍ରିଜ୍

ଭବାନୀପାଟଣା,୧୬।୪(ସ୍ୱ.ପ୍ର)

କଳାହାଣ୍ଡି ଜିଲା ନର୍ଲା ଲେବଲ କ୍ରସିଂଠାରେ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା । ବର୍ତ୍ତମାନ ଏନେଇ ସର୍ଭେ କାର୍ଯ୍ୟ ଶେଷ ହୋଇଥିବାବେଳେ ଅନୁମୋଦନ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ପ୍ରକାଶ ଯେ, ନର୍ଲା ବିଧାୟକ ଭୂପିନ୍ଦର ସିଂହ ବିଧାନସଭାରେ ରାଜ୍ୟ ନିର୍ମାଣ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ନର୍ଲାଠାରେ ରେଳ ଓଭର ବ୍ରିଜ ଓ ଗୋହିରାପଦରରେ

ସଂକ୍ଷେପରେ

ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ରାଜଗାଙ୍ଗପୁର,୧୬।୪(ଡି.ଏନ.ଏ.): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସୁମନ କୁମାରୀ। ଅନ୍ୟପକ୍ଷେ ସୁମନଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହ ହତ୍ୟା କରାଯାଇଥିବା ପରିବାର ଲୋକେ ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ରାଜଗାଙ୍ଗପୁର ସହରର ୫ ନମ୍ବର ୱାର୍ଡରେ ରାଜୁ ଯାଦବ ସପରିବାର ବାସ କରନ୍ତି। ୨୦୧୯ରେ ସେ ବିହାର ରାଜ୍ୟ ତିୱାନ ଥାନା ଅଞ୍ଚଳର ସୁମନଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୯ ମାସର ଶିଶୁପୁତ୍ର ଅଛି। ଗତ ୧୪ ତାରିଖ ସନ୍ଧ୍ୟାରେ ସୁମନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ମୃତା ମହିଳାଙ୍କ ପରିବାର ଲୋକେ ରାଗାଙ୍ଗପୁରରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା।

ମୋବାଇଲ ଚୋରି, ଜଣେ ଗିରଫ

ରାଉରକେଲା ଅଫିସ,୧୬।୪: ମୋବାଇଲ ଚୋରି ଅଭିଯୋଗରେ ସେକ୍ଟର-୩ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଡମ୍ବୁରୀ ମାଝୀ(୧୯)। ତାଙ୍କଠାରୁ ମୋବାଇଲ ଜବତ କରିବା ସହ ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣଙ୍କ ଗତ ୧୦ ତାରିଖରେ ଶକ୍ତିନଗର ଅଞ୍ଚଳର ଅଙ୍କିତ ମହାନ୍ତିଙ୍କ ଘରେ ପଶି ମୋବାଇଲ ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇ ରବିବାର ଅଭିଯୁକ୍ତଙ୍କୁ ଖରିଆବାହାଲ ବସ୍ତିରୁ ଗିରଫ କରିଥିଲା।

ଲୁହା ଏଙ୍ଗେଲ, ତାର ଚୋରି ଘଟଣାରେ ୩ ଗିରଫ

ରାଉରକେଲା ଅଫିସ,୧୬।୪: ଲୁହା ଏଙ୍ଗେଲ ଓ ଆଲୁମିନିୟମ ତାର ଚୋରି ଘଟଣାରେ ଛେଣ୍ଡ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧୁସୂଦନପାଲିର ମଣ୍ଟୁ ଭଗତ(୪୨), ସୁରେନ୍ଦ୍ର ସେଠୀ(୨୬) ଓ ରାମସେବକ ଦାସ(୨୯)। ସେମାନଙ୍କଠାରୁ ୯୫ ହଜାର ଟଙ୍କାର ଲୁହା ଏଙ୍ଗେଲ ସହ ୮୩ ହଜାର ଟଙ୍କାର ଆଲୁମିନିୟମ ତାର ଜବତ କରାଯାଇଛି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ଛେଣ୍ଡ କଲୋନୀ ସ୍ଥିତ ଏପିଟିସିଏଲ କାର୍ଯ୍ୟାଳୟ ପାଚେରି ଭାଙ୍ଗି ଏକ ଟାଟା ଏସିଇ (ନଂ.ଓଡି୧୪ଏ/୦୩୨୩) ଯୋଗେ ୮ଶହ କେ.ଜି ଲୁହା ଏଙ୍ଗେଲ ଓ ଆଲୁମିନିୟମ ତାର ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୩।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ଜଣ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଥାନାଧିକାରୀ ବିଜୟ ବିହାରୀ ସୂଚନା ଦେଇଛନ୍ତି।

ଚାକିରି ନାଁରେ ଠକେଇ, ୫ ଗିରଫ

ସୁନ୍ଦରଗଡ, ୧୬।୪ (ଡି.ଏନ୍.ଏ)

ଠକେଇ ମାମଲାରେ ଗିରଫ ୫ ଅଭିଯୁକ୍ତ।

- କମ୍ପ୍ୟୁଟର, ପ୍ରିଣ୍ଟର ଓ ଜାଲ୍ କାଗଜପତ୍ର ଜବତ
- ୫୦ଜଣଙ୍କ ଠାରୁ ଠକି ନେଇଥିଲେ ଟଙ୍କା।
- ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମେଡିକାଲ କଲେଜ କର୍ମଚାରୀ

ସୁନ୍ଦରଗଡ ସରକାରୀ ମେଡିକାଲ କଲେଜରେ ବିଭିନ୍ନ ପଦବୀରେ ଚାକିରି କରାଇଦେବା ନାଁରେ ଠକେଇ ମାମଲାରେ ଟାଉନ ଥାନା ପୋଲିସ ରବିବାର ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ତସଲାଡିହି ଗ୍ରାମର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମାଝୀ, କାଲୋବାହାଲର ଚୈତନ୍ୟ ତନ୍ତୀ, ମହୁଲପାଲିର ମଦନ ଗର୍ଡିଆ, ଶଙ୍କରାର ଜେରକ୍ସ ଦୋକାନୀ ଆଶିଷ ନାଏକ ଏବଂ ସୋମନାଥ ପୃଷ୍ଠେ। ପୋଲିସ ସେମାନଙ୍କ ନିକଟରୁ କମ୍ପ୍ୟୁଟର, ପ୍ରିଣ୍ଟର ଓ ଜାଲ୍ କାଗଜପତ୍ର ଆଦି ଜବତ କରିଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ପ୍ରଥମେ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜରେ ସୁପରଭାଇଜର, ରିଶେପସନିଷ୍ଟ, ସିକ୍ୟୁରିଟି ଗାର୍ଡ ଓ ମେଡିକାଲ ସହାୟକ ପଦବୀରେ ଚାକିରି କରାଇଦେବାକୁ ଗ୍ରାମାଞ୍ଚଳର ବେକାର ଯୁବତୀଯୁବକମାନଙ୍କୁ ପ୍ରଲୋଭନ ଦେଖାଇଥିଲେ। ଏଥିପାଇଁ ସେମାନେ ଯୁବତୀଯୁବକମାନଙ୍କଠାରୁ ୪୦ହଜାରରୁ ଆରମ୍ଭ କରି ଦେଢଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଇଥିଲେ ଏବଂ ଓଡିଶା ସରକାରଙ୍କ ଲୋଗୋ ଥାଇ ମେଡିକାଲ କଲେଜର ଡିନ୍ ପ୍ରଫେସର ଦୈତାରୀ ରାଉରତାୟଙ୍କ ଦସ୍ତଖତ ଜାଲ୍ କରି ନିଯୁକ୍ତିପତ୍ର, ଅଫିସ ନିଯୁକ୍ତି ଆଦେଶନାମା ଓ ପରିଚୟପତ୍ର ପ୍ରଦାନ କରିଥିଲେ। ତେବେ ବନ୍ଧପାଲି ଗ୍ରାମର ଜୟନ୍ତ ଚାନ୍ଦ ତାଙ୍କଠାରୁ ଏଭଳି ଠକେଇ କରି ଟଙ୍କା ଆଦାୟ କରାଯାଇଥିବା ନେଇ ସୁନ୍ଦରଗଡ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଠକେଇ ମାମଲା (ନଂ.୯୧।୨୩) ରୁଜୁ କରିଥିଲା ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟାଉନ ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ମାମଲାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତ ଚୈତନ୍ୟ ତନ୍ତୀ ମେଡିକାଲ କଲେଜର କର୍ମଚାରୀ ବୋଲି ଜଣାପଡିଥିଲା। ମୁଖ୍ୟ ଅଭିଯୁକ୍ତ ତାଙ୍କୁ ହାତ କରି ଅଞ୍ଚଳର ପ୍ରାୟ ୫୦ଜଣଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତ ପରେ ଜଣାପଡିଛି।

ଜଳବାୟୁ ପରିବର୍ତ୍ତନ ରୋକିବା ଲକ୍ଷ୍ୟ

ଅତିଥିମାନଙ୍କ ଗହଣରେ ଉପସ୍ଥିତ କଳାକାରଗଣ।

ରାଉରକେଲା ଅଫିସ,୧୬।୪

ଦେଶର ଜଳବାୟୁ ପରିବର୍ତ୍ତନରେ ପ୍ଲାଷ୍ଟିକ, ରାସାୟନିକ ଓ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଭୂମିକା ରହିଛି। ଭାରତ ସବୁଜିମା ବୃଦ୍ଧି କରି ଜଳବାୟୁ ପରିବର୍ତ୍ତନକୁ କମ୍ କରିବାକୁ ଚେଷ୍ଟା କରୁଛି। ଜଳବାୟୁ ପରିବର୍ତ୍ତନ କାରଣ ଜନିତ ସବୁ ଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇ କିଭଳି ସ୍ଥାୟୀ ଅନୁକୂଳ ପରିବେଶ ଗଠନ ହେବ ତାହା ଭାରତର ଜି-୨୦ ସଭାପତିତ୍ୱର ପ୍ରମୁଖ ଅଭିମୁଖ୍ୟ। ଏହି ପ୍ରସଙ୍ଗକୁ ନେଇ ଗତ ୧୫ତାରିଖ ସନ୍ଧ୍ୟାରେ ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଭୁବନେଶ୍ୱର ବେହେରା ଅଡିଟୋରିୟମ ହଲରେ ଆୟୋଜନ କରିଛି ଜି-୨୦ ଜନଭାଗିଦାରୀ ମହାସମାରୋହ। ଏହି ସମାରୋହରେ ନାଟ୍ୟ ସଂଘ ରିତଭିକ୍‌ର ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ସଂଘର ୨୧ଜଣିଆଁ କଳାକାର ଦଳ ପ୍ଲାଷ୍ଟିକ, ରାସାୟନିକ ପଦାର୍ଥ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ବ୍ୟବହାର ଯାହା ପ୍ରକୃତି ଓ ପରିବେଶ ଉପରେ ଗୁରୁତର ପ୍ରଭାବ ପକାଇଥାଏ ତାକୁ ଚିତ୍ରଣ କରିଥିଲେ। ଏସବୁ ହ୍ରାସ କରିବା ପାଇଁ ଓ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନାଟକ ପରିବେଷଣ ହୋଇଥିଲା। ନାଟକ ଜି-୨୦ର ସଭାପତି ଭାବେ ଭାରତ ପାଖରେ ଥିବା ଅପାର ସୁଯୋଗ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ସମାଜକୁ ବସୁଧୈବ କୁଟୁମ୍ବକମ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ ହାସଲ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲା। ଅନୁଷ୍ଠାନ ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ, ପ୍ରଫେସର ସିଦ୍ଧାର୍ଥ ଜେନା, ପ୍ରଫେସର ରୋହିନ ଧୀମାନ, ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଫେସର ସ୍ନେହାଶିଷ ଚକ୍ରବର୍ତ୍ତୀ ନାଟକକୁ ପ୍ରଶଂସା କରିବା ସହିତ ସମସ୍ତ କଳାକାରଙ୍କୁ ସାଧୁବାଦ ଜଣାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ ନୃତ୍ୟ ମଙ୍ଗଳାଚରଣରୁ ଆରମ୍ଭ ହୋଇ ସମ୍ବଲପୁରୀ ଲୋକନୃତ୍ୟରେ ଶେଷ ହୋଇଥିଲା। ନୃତ୍ୟ ପରିବେଷଣ କରିଥିଲେ ଆର୍‌ଇସି ବିଦ୍ୟାଳୟ ଛାତ୍ରୀମାନେ। ସୁନ୍ଦରଗଡ ଜିଲା ବୀରମିତ୍ରପୁର, ନୂଆଗାଁ ଓ ବିଶ୍ରା ଅଞ୍ଚଳର କଳାକାରମାନେ ଶାସ୍ତ୍ରୀୟ ତଥା ଲୋକନୃତ୍ୟ ବାହାସୁମନ, ମାଗଦେଓ, ବାଲା, ମାର୍ଦାନୀ ଜୁମର, ଅଙ୍ଗନାଇ, ଉଦୁସ୍ସୁ ଆଦି ପରିବେଷଣ କରିଥିଲେ। ସମାରୋହରେ ୫୦ଜଣ ନୃତ୍ୟଶିଳ୍ପୀ ଏବଂ ବାଦ୍ୟଯନ୍ତ୍ର କଳାକାର ଅଂଶଗ୍ରହଣ କରିଥିଲେ। ପ୍ରଫେସର ରାମେଶ୍ୱର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ କୃତୀ କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ନିଟ୍ ପକ୍ଷରୁ ପଥପ୍ରାନ୍ତ ନାଟକ ଓ ନୃତ୍ୟସଙ୍ଗୀତ ଆୟୋଜିତ

ରାଜଭବନରେ ଚମକିଲେ କୁଡ୍ରା ହାଇସ୍କୁଲର ନୃତ୍ୟଦଳ

ପୁରସ୍କାର ଗ୍ରହଣ କରିଥିବା ନୃତ୍ୟଦଳ ଏବଂ ଅନ୍ୟମାନେ।

କୁଡ୍ରା,୧୬।୪(ଡି.ଏନ.ଏ)

ଭୁବନେଶ୍ୱର ସ୍ଥିତ ରାଜଭବନରେ ଶନିବାର ଚଳିତବର୍ଷର ରାଜ୍ୟ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲ୍ଲାକୁ ଶ୍ରେଷ୍ଠ ସ୍କାଉଟ ଗାଇଡ କେମ୍ପୋରି ଭାବେ ପୁରସ୍କୃତ କରାଯାଇଛି। ପରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ସମ୍ମୁଖରେ କୁଡ୍ରା ଉତ୍କୃଷ୍ଟ ଉଚ୍ଚବିଦ୍ୟାଳୟର ସାଂସ୍କୃତିକ ନୃତ୍ୟଦଳ ମନଛୁଆଁ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ରାଜଭବନରେ ଉପସ୍ଥିତ ୬ ଶହରୁ ଊର୍ଦ୍ଧ୍ୱ ଦର୍ଶକଙ୍କୁ ଏହି ନୃତ୍ୟ ବେଶ୍ ଖୁସି ଦେଇଥିଲା। ଏଥିପାଇଁ ରାଜ୍ୟପାଳ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରୋଯୋଜକ ଜିଲା ସ୍କାଉଟ କମିଶନର ବିଭୀଷଣ ବାରିକ, ସହ ପ୍ରୋଯୋଜିକା ଦୀପିକା କେରକେଟାଙ୍କ ତତ୍ତ୍ୱାବଧାନରେ ଏହି ନୃତ୍ୟ ପ୍ରସ୍ତୁତ କରାଯାଇଥିଲା। ନୃତ୍ୟ ଦଳରେ କୁଡ୍ରା ଉଚ୍ଚବିଦ୍ୟାଳୟର ଛାତ୍ରୀ ଶ୍ରୁତି ଲାକଡା, ଲିଜା ବିଲୁଙ୍ଗ, ରାଧିକା ଧନୁୱାର, ମାହି ସୁନ୍ୟାନୀ, ରୋନିତା ଲାକଡା, ମନିସା ବୁଡ, ଅଞ୍ଜଳି ଜୋସିଲା ଜୋଜୋ, ତନୁଶ୍ରୀ କୁଜୁର ପ୍ରମୁଖ ରହିଥିଲେ। ଏହାପୂର୍ବରୁ ଏହି ନୃତ୍ୟ ଦଳ ତାଙ୍କର ସୁନ୍ଦର ନୃତ୍ୟ ପରିବେଷଣ କରି ରାଜ୍ୟ ନୃତ୍ୟ ପ୍ରତିଯୋଗିତା, ରାଜ୍ୟ କେମ୍ପୋରିରେ ଏକାଧିକ ମଡେଲ ଆଣିଛି। କୁଡ୍ରା ଉଚ୍ଚବିଦ୍ୟାଳୟର ନୃତ୍ୟ ଦଳ ଜିଲା ପାଇଁ ଗୌରବ ଆଣିଥିବାରୁ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ, ପୂର୍ବତନ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଆଇପି ବିଦ୍ୟାଧର ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି। ସାଂସ୍କୃତିକ ଦଳ ବିଦ୍ୟାଳୟକୁ ଫେରିବା ପରେ ତାଙ୍କୁ ବିଦ୍ୟାଳୟ ତରଫରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନ ଉତ୍ସବ ଉଦ୍‌ଯାପିତ

ଭବାନୀପାଟଣା,୧୬।୪(ସ୍ୱ.ପ୍ର.)

କଳା-ସାହିତ୍ୟ ଓ ସଙ୍ଗୀତ ପାଇଁ ସମର୍ପିତ କଳାହାଣ୍ଡି ଲେଖକ କଳା ପରିଷଦର ବାର୍ଷିକ ଦୁଇ ଦିନିଆ ସାରସ୍ୱତ ଉତ୍ସବ 'ବିଷୁବ ମିଳନ-୨୩' ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ଓଡିଶା ସଙ୍ଗୀତ ଏକାଡେମୀର ସଚିବ ପ୍ରବୋଧ ରଥ, ବରିଷ୍ଠ ମଞ୍ଚ ଶିଳ୍ପୀ ତଥା ଚଳଚ୍ଚିତ୍ର ଅଭିନେତା ଜଗନ୍ନାଥ ମୁଣ୍ଡ ଓ ନାଟ୍ୟକାର-ନିର୍ଦ୍ଦେଶକ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ନାଟକ ସହ ଜୀବନଚର୍ଯ୍ୟାର ଇତିବୃତ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦ ସମ୍ପାଦକ ଭବନାଥ ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଦର୍ଶକ ଭାବେ ବିଶ୍ୱନାଥ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାମ୍ପ୍ରତିକ ଦୁର୍ନୀତି ବିରୁଦ୍ଧରେ ଲଢୁଥିବା ଗାନ୍ଧିବାଦୀ ମଣିଷ ଓ ଗଣତନ୍ତ୍ରରେ ଥିବା ଚାରୋଟି ସ୍ତମ୍ଭ କିପରି ଟଙ୍କା ଓ ଦୁର୍ନୀତି ଦସ୍ତାବିଜ ଭରା ବ୍ରିଫକେଶ କିପରି ଆନ୍ଦୋଳନକୁ ଓଲଟପାଲଟ କରିଦେଇଛି ତାହାର ଉତ୍ତର ଧରି ନାଟ୍ୟକାର-ନିର୍ଦ୍ଦେଶକ ମନୋଜ ରଥଙ୍କ ନାଟକ 'ବ୍ରିଫକେଶ'ମଞ୍ଚସ୍ଥ ହୋଇ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏଥିରେ ଶୁଭେନ୍ଦୁ ମହାପାତ୍ର, ଶେଷଦେବ ମିଶ୍ର, ରାଜେଶ ଦାଶ, ସୌରଭ ମହାପାତ୍ର, ତ୍ରିବିକ୍ରମ ଷଡ଼ଙ୍ଗୀ, ଅନିଲ ବୈଠାରୁ ଓ ଆର୍ଯ୍ୟା ନାଏକ ଅଭିନୟ କରିଥିବାବେଳେ ସଙ୍ଗୀତରେ ଥିଲେ ଶଶାଙ୍କ ଶେଖର ମହାପାତ୍ର, କରୁଣାକର ଦାଶ, ଚକ୍ରଧର ମହାରଣା, ପ୍ରଶାନ୍ତ ମିଶ୍ର ଓ ସିପ୍ରା। କାର୍ଯ୍ୟକ୍ରମରେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ଡ. ଦାଶରଥି ଆଚାର୍ଯ୍ୟ,ସୁରେନ୍ଦ୍ର ପ୍ରସାଦ ନେଗୀ, ଭାଗିରଥି ବେହେରା, ରାମେଶ୍ୱର ଦାଶ, ଆଶୁଧନ ପୁରୋହିତ, ତାପସ ପଟେଲ, ଶେଷଦେବ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ ପାଳିତ

କିନ୍ନରମାନେ ବିଶ୍ରା ଛକରେ ମିଷ୍ଟାନ୍ନ ବଣ୍ଟନ କରୁଛନ୍ତି।

ରାଉରକେଲା ଅଫିସ,୧୬।୪

ରାଉରକେଲା ବିଶ୍ରା ଛକରେ କିନ୍ନର ମାଁ କଲ୍ୟାଣ ଟ୍ରଷ୍ଟ ତରଫରୁ ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କିନ୍ନରମାନେ ଶନିବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଶ୍ରା ଛକରେ ନୃତ୍ୟଗୀତ ସହ ଲୋକମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହାସହ ଲୋକଙ୍କୁ କିନ୍ନରଙ୍କ ସାମାଜିକ ଅଧିକାର ବିଷୟରେ ସଚେତନ କରାଇଥିଲେ। ରାଉରକେଲା କିନ୍ନର ମାଁ କଲ୍ୟାଣ ଟ୍ରଷ୍ଟର ସମ୍ପାଦିକା ଜୋୟା ତ୍ରିପାଠୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଶ୍ୱଜିତ ରାଉତ, ରାହୁଲ ମହାନ୍ତି, ପୂର୍ଣ୍ଣିମା ମହାନ୍ତି, ଅରଫୋଜ ଅହମ୍ମଦ, ଶ୍ରଦ୍ଧା ଷଡଙ୍ଗୀ, ଅନୁଶ୍ରୀ ଦାଶଙ୍କ ସମେତ ବହୁ କିନ୍ନର ସାମିଲ ହୋଇଥିଲେ।

ନାଗରିକ ସୁରକ୍ଷା କମିଟି ବୈଠକ

ରାଉରକେଲା ଅଫିସ,୧୬।୪

ରାଉରକେଲା ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନ ପରିସରରେ ନାଗରିକ ସୁରକ୍ଷା କମିଟି ପକ୍ଷରୁ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ତାଳଚେର-ବିମଳାଗଡ ରେଳପଥକୁ ତୁରନ୍ତ ନିର୍ମାଣ କରିବା, ରାଉରକେଲାରେ ଏକ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ରାଉରକେଲା ବିମାନବନ୍ଦରକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ଭଳି ପ୍ରସଙ୍ଗରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଅବଗତ କରାଇବା ପାଇଁ ପଦକ୍ଷେପ ନେବାକୁ ଏମ୍‌ପି ଜୁଏଲ ଓରାମଙ୍କୁ ଭେଟି ଅନୁରୋଧ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାସହ ସାଧାରଣ ଲୋକଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା, ନାଗରିକମାନଙ୍କୁ ନେଇ ଜନସଭା ସହ ଯୁବଛାତ୍ର ମହିଳାମାନଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କମିଟିର ଏକ ପ୍ରତିନିଧି ଦଳ ଏମ୍‌ପି ଓରାମଙ୍କୁ ଭେଟି ଉକ୍ତ ବିଷୟରେ ଅବଗତ କରାଇଥିଲେ। ଏମ୍‌ପି ଓରାମ ଏ ନେଇ ଆଗାମୀ ସଂସଦ ଅଧିବେଶନ ସମୟରେ ସମସ୍ତ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ସଞ୍ଜୀବ ମହାନ୍ତି, ଲକ୍ଷ୍ମୀଧର ନାୟକ, ପିତାମ୍ବର ନାୟକ, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀଜଗନ୍ନାଥଙ୍କୁ ତୋଷିବା ପାଇଁ ଜଳଦାନ ଆବଶ୍ୟକ

ରାଉରକେଲା ଅଫିସ,୧୬।୪

ରାଉରକେଲା ଛେଣ୍ଡ ସ୍ଥିତ ଧାମରା ପରିଷଦର ୩୩ତମ ବାର୍ଷିକୋତ୍ସବ ପରିଷଦ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ପାତ କଲେଜର ପ୍ରାକ୍ତନ ଅଧକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଓଡିଶା ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ହରିହର କାନୁନ୍‌ଗୋ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବୈଶାଖ ମାସର ମାହାତ୍ମ୍ୟ ଏବଂ ଓଡିଆ ଜାତିର ଇଷ୍ଟ ଦେବତା ଶ୍ରୀଜଗନ୍ନାଥଙ୍କ କୃପା ବିଷୟରେ ଆଲୋକପାତ କରିଥିଲେ। ବୈଶାଖ ମାସରେ ତୃଷ୍ଣାର୍ଥ ଜୀବମାନଙ୍କୁ ଜଳଦାନ କଲେ ଓଡିଆ ଜାତିର ରାଷ୍ଟ୍ରୀୟ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ତୋଷ ଲଭି କଲ୍ୟାଣ ପ୍ରଦାନ କରିଥାନ୍ତି ବୋଲି କାନୁନଗୋ କହିଥିଲେ। ବିଶ୍ୱରେ ଦିନକୁ ଦିନ ତାପମାତ୍ରା ହୁ ହୁ ହୋଇ ବଢୁଥିବା ବେଳେ ଜୀବଜଗତ ମଧ୍ୟ ସଙ୍କଟମୁହାଁ ହେବାରେ ଲାଗିଛି। ଜଳ ଓ ମୃତ୍ତିକା ଅବକ୍ଷୟ ହେବାରେ ଲାଗିଛି। ଏହିସବୁର ପଛରେ ଗ୍ଲୋବାଲ ୱାର୍

ସଂକ୍ଷେପରେ

କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନ ଉତ୍ସବ ଉଦ୍‌ଯାପିତ

ଭବାନୀପାଟଣା,୧୬।୪(ସ୍ୱ.ପ୍ର.): କଳା-ସାହିତ୍ୟ ଓ ସଙ୍ଗୀତ ପାଇଁ ସମର୍ପିତ କଳାହାଣ୍ଡି ଲେଖକ କଳା ପରିଷଦର ବାର୍ଷିକ ଦୁଇ ଦିନିଆ ସାରସ୍ୱତ ଉତ୍ସବ 'ବିଷୁବ ମିଳନ-୨୩' ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ଓଡିଶା ସଙ୍ଗୀତ ଏକାଡେମୀର ସଚିବ ପ୍ରବୋଧ ରଥ, ବରିଷ୍ଠ ମଞ୍ଚ ଶିଳ୍ପୀ ତଥା ଚଳଚ୍ଚିତ୍ର ଅଭିନେତା ଜଗନ୍ନାଥ ମୁଣ୍ଡ ଓ ନାଟ୍ୟକାର-ନିର୍ଦ୍ଦେଶକ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ନାଟକ ସହ ଜୀବନଚର୍ଯ୍ୟାର ଇତିବୃତ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦ ସମ୍ପାଦକ ଭବନାଥ ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଦର୍ଶକ ଭାବେ ବିଶ୍ୱନାଥ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାମ୍ପ୍ରତିକ ଦୁର୍ନୀତି ବିରୁଦ୍ଧରେ ଲଢୁଥିବା ଗାନ୍ଧିବାଦୀ ମଣିଷ ଓ ଗଣତନ୍ତ୍ରରେ ଥିବା ଚାରୋଟି ସ୍ତମ୍ଭ କିପରି ଟଙ୍କା ଓ ଦୁର୍ନୀତି ଦସ୍ତାବିଜ ଭରା ବ୍ରିଫକେଶ କିପରି ଆନ୍ଦୋଳନକୁ ଓଲଟପାଲଟ କରିଦେଇଛି ତାହାର ଉତ୍ତର ଧରି ନାଟ୍ୟକାର-ନିର୍ଦ୍ଦେଶକ ମନୋଜ ରଥଙ୍କ ନାଟକ 'ବ୍ରିଫକେଶ'ମଞ୍ଚସ୍ଥ ହୋଇ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏଥିରେ ଶୁଭେନ୍ଦୁ ମହାପାତ୍ର, ଶେଷଦେବ ମିଶ୍ର, ରାଜେଶ ଦାଶ, ସୌରଭ ମହାପାତ୍ର, ତ୍ରିବିକ୍ରମ ଷଡ଼ଙ୍ଗୀ, ଅନିଲ ବୈଠାରୁ ଓ ଆର୍ଯ୍ୟା ନାଏକ ଅଭିନୟ କରିଥିବାବେଳେ ସଙ୍ଗୀତରେ ଥିଲେ ଶଶାଙ୍କ ଶେଖର ମହାପାତ୍ର, କରୁଣାକର ଦାଶ, ଚକ୍ରଧର ମହାରଣା, ପ୍ରଶାନ୍ତ ମିଶ୍ର ଓ ସିପ୍ରା । କାର୍ଯ୍ୟକ୍ରମରେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ଡ. ଦାଶରଥି ଆଚାର୍ଯ୍ୟ,ସୁରେନ୍ଦ୍ର ପ୍ରସାଦ ନେଗୀ, ଭାଗିରଥି ବେହେରା, ରାମେଶ୍ୱର ଦାଶ, ଆଶୁଧନ ପୁରୋହିତ, ତାପସ ପଟେଲ, ଶେଷଦେବ ମିଶ୍ର ପ୍ରମୁଖ ସହଯୋଗ କରିଥିବାବେଳେ ବହୁ କଳାକାର ଓ ନାଟକପ୍ରେମୀ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିବାବେଳେ ସଭ୍ୟ ଗୋପାଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ମା' ଦୁର୍ଗା ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ରୁପ୍ରାରୋଡ,୧୬।୪(ଡ଼ି.ଏନ.ଏ .): ଦେବସର ଧାମ (ହରିୟାଣା)ରେ ଆସ୍ଥା ରଖିଥିବା କଳାହାଣ୍ଡି ଜିଲା ଅନ୍ତର୍ଗତ ରୁପ୍ରା ରୋଡ ନିବାସୀ ମୂଳଚନ୍ଦ ଅଗ୍ରୱାଲଙ୍କ ପରିବାର ଦ୍ୱାରା ନବ ନିର୍ମିତ ଦେବସର ମା ଦୁର୍ଗା ମନ୍ଦିର କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ମନ୍ଦିରର ପ୍ରାଣ ପ୍ରତିଷ୍ଠା ଏପ୍ରିଲ ୨୩ ରେ ହେବାକୁ ଅଛି। ଏହି ନବ ନିର୍ମିତ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ହରିୟାଣା (ବିଭାଣି) ରୁ ଅଖଣ୍ଡ ଜ୍ୟୋତି ଏକ ସୁସଜ୍ଜିତ ରଥରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଯାଇଛି। ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ଆୟୋଜିତ ଥିବା ଛପନ ପ୍ରହର ଅଖଣ୍ଡ ନାମ ଯଜ୍ଞ ୧୭ଏପ୍ରିଲରୁ ଆରମ୍ଭ ହୋଇ ୨୪ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ନାମ ଯଜ୍ଞ ପାଇଁ ଅଞ୍ଚଳର ସମସ୍ତ ଗାଁର ସମସ୍ତଙ୍କ ଘରକୁ କଳସ ପଠେଇ ଦିଆ ହୋଇଯାଇଥିବା ବେଳେ ରବିବାର ସନ୍ଧ୍ୟା ୫ରୁ ନିକଟ ସାନ୍ଦୁଲ ନଦୀରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଶୋଭାଯାତ୍ରାରେ ଲାଖ ଗୁଡା, ରୁପ୍ରା ରୋଡ, ବଲସପୁର, ବରଗାଁ, ବିଲାଟ, ଛତାମହୁଲ, ସମସ୍ତ ଗ୍ରାମରୁ ବହୁ ସଂଖ୍ୟା ରେ ମହିଳା ଶ୍ରଦ୍ଧାଳୁ ଯୋଗ ଦେଇ ସମସ୍ତ କଳସକୁ ମନ୍ଦିର ପାଖରେ ଥିବା ପ୍ରହର ମଣ୍ଡପ ପଡିଆରେ ସ୍ଥାପନ କରିଥିଲେ।

ଖପ୍ରାଖୋଲରେ ଆଇଆଇଏମ୍‌ଏର ଛାତ୍ରୀ

କୃଷି ଅଧିକାରୀ ଓ ଆଇଆଇଏମ୍ ଅହମ୍ମଦାବାଦର ଗବେଷଣାରତ ଛାତ୍ରୀମାନେ କପସିପାଲି ଗାଁର ଅଗ୍ରଣୀ ଚାଷୀ କୁନୁ ବରିହାଙ୍କ ସହ ଆଲୋଚନା କରୁଛନ୍ତି।

ଖପ୍ରାଖୋଲ,୧୬।୪(ଡି.ଏନ.ଏ.)

ବର୍ତ୍ତମାନ ସମୟରେ କୃଷି ଉପରେ ପାଣିପାଗ ପରିବର୍ତ୍ତନର ଅନେକ ପ୍ରଭାବ ପଡୁଥିବା ବେଳେ ଚାଷୀ କିପରି ଏହାର ସାମ୍ନା କରୁଛି ସେ ନେଇ ଆଇଆଇଏମଏର ଗବେଷଣା କରୁଥିବା ତିନି ଜଣ ଛାତ୍ରୀ ଖପ୍ରାଖୋଲରେ କେତେଜଣ ଚାଷୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟ ତାଲିମ ଗୃହଠାରେ ଏକ ଆଲୋଚନାଚକ୍ର ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଆଇ ଆଇଏମ ଅହମ୍ମଦାବାଦର ଗବେଷଣାରତ ଛାତ୍ରୀ ଅଞ୍ଜଳୀ, ଦୃଷ୍ଟି ଓ ନିକିତା ଚାଷୀଙ୍କ ସହ ଆଲୋଚନା କରିଥିଲେ। ପାଣିପାଗ ପରିବର୍ତ୍ତନ ଯୋଗୁ

କୃଷି ଓ ପାଣିପାଗ ପରିବର୍ତ୍ତନ ଉପରେ ଚାଷୀଙ୍କ ସହ କଲେ ଆଲୋଚନା

ଚାଷୀ ପ୍ରଭାବିତ ହେଉଥିବାରୁ ଚାଷୀ ତା'ର ପ୍ରତିକାର ପାଇଁ କ'ଣ ସବୁ ପଦକ୍ଷେପ ନେଉଛନ୍ତି। ଚାଷୀ ଜୀବିକା ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି ନା ଭିଟାମାଟିରେ ସରକାରୀ ଯୋଜନାର ଲାଭ ପାଉଛନ୍ତି। ଏହାଛଡା ଉତ୍ପାଦିତ ଫସଲର ବିକ୍ରିବଟା ଉପରେ ଆଲୋଚନା କରିଥିଲେ। ପରେ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଗାଁର ଅଗ୍ରଣୀ ଚାଷୀ କୁନୁ ବରିହାଙ୍କ ମୁଗ, ପିଆଜ, କଦଳୀ, ଚିନାବାଦାମ, ଆଖୁ ଇତ୍ୟାଦି ଚାଷ ଦେଖିବା ସହ ଜୈବିକ ପଦ୍ଧତି ଉପରେ ପଚାରି ବୁଝିଥିଲେ। ଏହି ଅବସରରେ ପାଟଣାଗଡ ଏଡିଓ ବାବୁଲି ଚରଣ ସେଠୀ, ଏଫିଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ଉମେଶ ଗୁପ୍ତା, ବାସନ୍ତୀ ମୁଣ୍ଡା, ମକରଧ୍ୱଜ ସାହୁ, ଉମାକାନ୍ତ ପ୍ରଧାନଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ଭ ସ୍ଥାପନ

ଅଷ୍ଟପ୍ରହର ନାମଯଜ୍ଞ ନିମିତ୍ତ ଶୁଭଖମ୍ଭ ସ୍ଥାପନ କରାଯାଉଛି।

ବେହେରା,୧୬।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମ ପଞ୍ଚାୟତସ୍ଥିତ ବାଙ୍କିମୁଣ୍ଡା ଗ୍ରାମରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ନିମିତ୍ତ ଶୁଭଖମ୍ଭ ସ୍ଥାପନ ହୋଇଯାଇଛି। ଦମ୍ପତି ରୁକ୍ମଣି ପୂଝାରୀ ଓ ମଞ୍ଜୁଳା ପୂଝାରୀ କର୍ତ୍ତା ରୂପରେ, ପଣ୍ଡିତ ନାରାୟଣ ତିୱାରୀ ଓ ଜ୍ୟୋତିର୍ବିଦ ଭୂପେଶ ତିୱାରୀ ପୂଜକ ଭାବେ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ସର୍ବପ୍ରଥମେ ଦଣ୍ଡପାଟର ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ନାମଯଜ୍ଞ ବେଦୀରେ ବ୍ରାହ୍ମଣ ସମେତ ଦନ୍ତେଶ୍ୱରୀ ପୂଜକ ଉତ୍କଳ ସିଂହ ପୂଝାରୀଙ୍କ ଉପସ୍ଥିତିରେ ଶୁଭ ମୂହୂର୍ତ୍ତରେ ଶୁଭଖମ୍ଭ ସ୍ଥାପନ ପୂର୍ବକ ଧର୍ମ ଧ୍ୱଜ ଟଙ୍ଗା ଯାଇଥିଲା। ଗ୍ରାମବାସୀ ରବିବାରଠାରୁ ନାମଯଜ୍ଞ ଦିନ ପର୍ଯ୍ୟନ୍ତ ଆଇଁସ ଓ ମଦ୍ୟପାନ ସମ୍ପୂର୍ଣ୍ଣ

ନାମଯଜ୍ଞ ପର୍ଯ୍ୟନ୍ତ ଆଇଁଷ ଓ ମଦ୍ୟପାନ ସମ୍ପୂର୍ଣ୍ଣ ବର୍ଜନ ପାଇଁ ଗ୍ରାମବାସୀଙ୍କ ସଂକଳ୍ପ

ବର୍ଜନ ପାଇଁ ସଂକଳ୍ପ କରିଥିଲେ। ଗ୍ରାମର ଗୌନ୍ତିଆ ଚିତ୍ତରଞ୍ଜନ ପୂଝାରୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ତିୱାରୀ, ସଭାପତି ଧନପତି ପୂଝାରୀ, ସମ୍ପାଦକ ଉତ୍କଳ ସିଂ ପୂଝାରୀ, ମଙ୍ଗଲୁ ପୂଝାରୀ, ହରଦୁ ସିଂ ଗୋପାଳ, କେତୁ ପୂଝାରୀ, କ୍ଷୀରସିନ୍ଧୁ ଗୋପାଳ, ଅଭିରାମ ମାଝୀ, ଚେକିତାନ ପୂଝାରୀ ସମେତ ଗ୍ରାମର ମହିଳା ସଦସ୍ୟା ଉପସ୍ଥିତ ରହି ପୂଜନ କାର୍ଯ୍ୟରେ ସହଯୋଗ କରିଥିଲେ। ଆସନ୍ତା ଏପ୍ରିଲ ୨୨ରେ କଳସ ଯାତ୍ରା ଓ ଅଧିବାସ,୨୩ ଏପ୍ରିଲରେ ନାମଯଜ୍ଞ ଓ ଅନ୍ନଛତ୍ର ଓ ୨୪ରେ ନାମସମ୍ପନ୍ନ ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ପୂର୍ଣ୍ଣାହୁତି ହେବ।

ତାଲୁକ ଆଇନ ସେବା ସମିତିର କାର୍ଯ୍ୟକ୍ରମ

ବିଚାରପତି ରାଜକିଶୋର ମହାପାତ୍ର ଲୋକଙ୍କୁ ଆଇନ ସମ୍ପର୍କରେ ସଚେତନ କରୁଛନ୍ତି।

ଟିଟିଲାଗଡ଼,୧୬।୪ (ଡି.ଏନ.ଏ)

ଟିଟିଲାଗଡ ବ୍ଲକର ଭୁଷଲାଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ପୋଲିସ ମାମଲା, ଜାମିନ, ସମନ, ଅପିଲ, ଆଇନ ସହାୟତା ପାଇବା ଅଧିକାର ଉପରେ ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଟିଟିଲାଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ମହାପାତ୍ର ଯୋଗଦେଇ ଆଇନ ଜାଣିଲେ କିପରି ଉପକୃତ ହୋଇପାରିବ ସେନେଇ ଲୋକଙ୍କୁ ସଚେନତ କରିଥିଲେ। ଏହି ଅବସରରେ ସେ ପରିବାରରେ ବୋହୂଙ୍କୁ ନିଜ ଝିଅ ପରି ସ୍ନେହ କଲେ ଘରୋଇ ହିଂସା ରୋକାଯାଇ ପାରିବ ବୋଲି ଉପସ୍ଥିତ ମହିଳାଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମିତିର ଫ୍ରଣ୍ଟ ଅଫିସ ରିଟେନର ରାଜେଶ ବାବୁ, ବରିଷ୍ଠ ଆଇନଜୀବୀ ସୁଶାନ୍ତ ଦୀପ, ଜୟନ୍ତ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖି ଥିଲେ। ଜୀବର୍ଦ୍ଧନ ଛତ୍ରିଆ, ସୁଶାନ୍ତ ବନଛୋର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ବନଛୋର, ପ୍ରଧାନଶିକ୍ଷକ ହିମରଞ୍ଜନ ମିଶ୍ର, ୱାର୍ଡସଭ୍ୟ ମୁରଲି ବନଛୋର, ସାମାଜିକ କର୍ମୀ ବିଶ୍ୱନାଥ ବନଛୋର, ରବୀନ୍ଦ୍ର ବନଛୋର, ବିପିନ ବନଛୋର, ବୈବସ୍ତୁତ ବନଛୋର, ହେମନ୍ତ ବନଛୋର, ଭାଗିରଥୀ ବନଛୋରଙ୍କ ସମେତ ସ୍ଥାନୀୟ ମହିଳା ଗୋଷ୍ଠୀ ସଦସ୍ୟା, ଆଶା କର୍ମୀ ଉପସ୍ଥିତ ଥିଲେ।

୨ କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୧୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲଠାରେ ବ୍ଲକ ଶାରୀରିକ ଶିକ୍ଷୟିତ୍ରୀ ଶିକ୍ଷକ ସଂଘ ପକ୍ଷରୁ ଅବସର ନେଇଥିବା ୨ ଜଣ କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ରବିବାର ଦିଆଯାଇଛି। ସଭାରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ କପିଲେଶ୍ୱର କୁମ୍ଭାର ଅଧ୍ୟକ୍ଷତାକରିଥିଲେ। ଏଥିରେ ନିକଟରେ ଅବସରଗ୍ରହଣ କରିଥିବା ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ ଓ ବବଜା ହାଇସ୍କୁଲର କ୍ରୀଡା ଶିକ୍ଷକ ରାଜେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କୁ ବ୍ଲକ ସଂଘ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯିବା ସହ ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଥିଲା। ସଭା କାର୍ଯ୍ୟକୁ ସମ୍ପାଦକ ଶ୍ୟାମସୁନ୍ଦର ମେହେର ପରିଚାଳନା କରିଥିଲେ। ଜ୍ୟୋତି ମହାନନ୍ଦ, ପ୍ରଫୁଲ୍ଲ ପାତ୍ର, ପୁରନ୍ଦର ସେଠ,ସତ୍ୟ ପଟେଲ, ଅଚ୍ୟୁତ ପଟେଲ, ଶିବପ୍ରସାଦ ବିଶି, ସରୋଜ ରାଉତ, ବୀର ମହେନ୍ଦ୍ର ଖମାରୀ ପ୍ରମୁଖ କ୍ରୀଡା ଶିକ୍ଷକ ଉପସ୍ଥିତ ଥିଲେ।

ମୁଖ୍ୟ ରାସ୍ତା କଡ଼ରେ ବିରାଟ ଶୁଖିଲା ଗଛ

ରାସ୍ତା କଡରେ ଥିବା ଶୁଖିଲା ଗଛ।

ଲାଠୋର,୧୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ମୁଖ୍ୟରାସ୍ତାରେ ଦୁଇ ଗୋଟି ବିରାଟ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲେ ମଧ୍ୟ ତାକୁ କାଟି ସଫା କରିବା ଦିଗରେ କେହି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଖପ୍ରାଖୋଲ ଲାଠୋରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଝି ମାଲପଡ଼ା ଗ୍ରାମଠାରେ ଏହି ଶୁଖିଲା ଗଛ ରହିଛି। ଗଛ କାଟି ଦେବାର ଆବଶ୍ୟକତା ଥିବା ବେଳେ କଟା ଯାଉ ନ ଥିବାରୁ ବେଳେବେଳେ ଗଛରୁ ଶୁଖିଲା ଡ଼ାଳ ଖସି ପଡୁଛି। ଏହାଛଡା ଜୋରରେ ବର୍ଷା ପବନ ହେଲେ ଅଧିକ ବିପଦ ରହିଛି । ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ବହୁ ସଂଖ୍ୟାରେ ଯାନବାହାନ ଯିବା ଆସିବା କରୁଛି । ଏହାଛଡା ନିକଟରେ ରହିଥିବା ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ଏବଂ ସାହାଜପାଣି ସେବାଶ୍ରମକୁ ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ଯିବା ଆସିବା କରୁଛନ୍ତି। କେତେବେଳେ ଡାଳ ଖସି ପଡ଼ି ଜନ ଜୀବନ କ୍ଷତି ହେବ ତାହା କହି ହେବ ନାହିଁ। ଏନେଇ ମାଲପଡ଼ା ସରପଞ୍ଚ ଗୋପାଳ ମେହେରଙ୍କୁ ପଚାରିବାରେ ଆମେ ଖପ୍ରାଖୋଲ ବିଡିଓଙ୍କୁ ଯୋଗାଯୋଗ କରି ଶୀଘ୍ର ଗଛ ଦୁଇଟି କାଟିବାର ବ୍ୟବସ୍ଥା କରୁଛୁ ବୋଲି କହିଥିଲେ।

ଜିଲା ଷାଠିଏ ଘର ଡୁମାଲ ସମାଜ ଆଞ୍ଚଳିକ ମହାସଭା

ଲୋଇସିଂହା,୧୬।୪(ଡି.ଏନ.ଏ.)

ଆଞ୍ଚଳିକ ମହାସଭାରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଦୁମଦୁମି ଗ୍ରାମରେ ଜିଲା ଷାଠିଏ ଘର ଡୁମାଲ ସମାଜର ଆଞ୍ଚଳିକ ମହାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବା କର୍ଲିପା, କନ୍ଦାଜୁରୀ ମାହେଶ୍ୱରୀ ପୀଠର ୨୦ ଜଣ ଦେହୁରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ସ୍ଥଳରେ ବେଜୀମାନଙ୍କ ଦ୍ୱାରା ଉମା ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ସଭାରେ ଲିଙ୍ଗ ମେର୍ଲି ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସଭାପତି ଲମ୍ବୋଦର ମହାକୁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଇନ୍ଦ୍ରମଣି ବାରିକ, ସ୍ଥାନୀୟ ଗ୍ରାମ୍ୟ ସଭାପତି ଗୋପାଳ ଗେଜୋ, ଜୟମଣ୍ଡଳ କର୍ମୀ, ପ୍ରଦେଶୀ କଲତା, ଦଣ୍ଡଦାରୀ ପଧାନ, ଶଶୀଭୂଷଣ ମହାକୁର, ମୀନକେତନ ଡାଙ୍ଗ, ସଞ୍ଜୟ ମହାକୁର, ଶଙ୍କର୍ଷଣ ଭୋଇ, ନାରାୟଣ କମ୍ପା, ବନମାଳୀ ପାତ୍ର, ଦୁଃଖୀଶ୍ୟାମ ମହାକୁର, ହୃଷୀକେଶ ଛୁରିଆ, ଟେଙ୍ଗନୁ ବଘାର, ହରେକୃଷ୍ଣ ମହାକୁର, ଦନାର୍ଦ୍ଦନ ମେର୍ଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜର ରୀତିନୀତି, ଚାଲିଚଳଣ,ଐତିହ୍ୟ, ସଂସ୍କୃତି, ପରମ୍ପରା ଉପରେ ଆଲୋଚନା କରାଯାଇଥିଲା। ସମାଜରୁ କୁସଂସ୍କାର ଦୂରୀକରଣ ଉପରେ ଗୁରୁତ୍ୱାରୋପ ଦିଆଯାଇଥିଲା। ଜିଲା ସଭାପତିଙ୍କ ବିନା ଅନୁମତିରେ ସମାଜର କେତେକ ବ୍ୟକ୍ତି ବିଶେଷ ଏକାଧିକ ସଂଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏପରି ସଂଗଠନ ସମାଜକୁ ବିଶୃଙ୍ଖଳିତ କରୁଥିବା ଅଭିଯୋଗ କରି ସଭାରେ ଜିଲା ସଭାପତି ଏବଂ କାର୍ଯ୍ୟକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୁଦମା ବଘାର ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ସୁବଳ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଖଡ଼ିଆଳ,୧୬।୪(ଡି.ଏନ.ଏ)

ନୂଆପଡା ଜିଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଦିଲୀପ କୁମାର ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବରେ ନ୍ୟାସନାଲ ମହାବିଦ୍ୟାଳୟ ନୂଆପଡା ଅଧ୍ୟକ୍ଷ ଶିବ ପ୍ରଶାଦ ସା, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ଭୋକ୍ତା, ଅନ୍ୟତମ ଅତିଥି ବିନୋଦ ବିହାରୀ ପାଢ଼ୀ ସମ୍ପାଦକ, ଉପସଭାପତି ନରେନ୍ଦ୍ର ମେହେର ମଞ୍ଚାସୀନ ହୋଇଥିଲେ। ଅତିଥି ପରିଚୟ ଗରୁଡେଶ୍ୱର ଗହୀର ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ପ୍ରଧାନ ଆଚାର୍ଯ୍ୟ ଭୋକ୍ତା। ମଞ୍ଚ ପରିଚାଳନା କରିଥିଲେ ଗୁରୁମା ବୀଣାପାଣି ଦର୍ଜି। ସଙ୍କୁଳ ପ୍ରମୁଖ ଧ୍ରୁବ ପାତ୍ର ଯୋଗଦାନ କରିଥିଲେ। ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରବୀନ୍ଦ୍ର ସାହୁ, ବୃନ୍ଦାବନ ସିଂ ବାବୁ, କ୍ଷେତ୍ରମୋହନ ହୋତା, ଲାବଣ୍ୟ ବନଛୋର, ସୌମ୍ୟ ବିଶି, ଗଣେଶ ଗହୀର, ବ୍ରହ୍ମାନନ୍ଦ ବନଛୋର, ସତ୍ୟଦେ ବଛା, ମାଧୁରୀ ସାହୁ, ରଶ୍ମିତା ବେହେରା, ନିଶା ଗୁପ୍ତା, ସସ୍ମିତା ପ୍ରଧାନ, ସସ୍ମିତା

ସଂକ୍ଷେପରେ

ଲଟାମରା ଔଷଧ ଖାଇ ଆତ୍ମହତ୍ୟା

ବରପାଲି,୧୬।୪(ଡି.ଏନ.ଏ.): ବରପାଲି ଥାନା ତେତେଲପାଲି ଗ୍ରାମରେ ଲଟାମରା ଔଷଧ ଖାଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗୋପାଳ ସେଠ (୫୫)। ବରପାଲି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬।୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି। ରବିବାର ଗୋପାଳ କ୍ଷେତକୁ ଯାଇ ସେଠାରେ ଲଟାମରା ଔଷଧ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

ରାବଣ ଦରବାର: ସମ୍ବର୍ଦ୍ଧିତ ହେଲେ ବରିଷ୍ଠ କଳାକାର

ବାଉଁଶୁଣୀ,୧୬।୪ (ଡି.ଏନ.ଏ.): ବୌଦ୍ଧ ଜିଲା ସଦର ବ୍ଲକ ଖଲିଆପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଗ୍ରାମରେ ମହାବୀର ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ରାବଣ ଦରବାରରେ ପ୍ରତିଦିନ ଦରବାର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶନିବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଉଁଶୁଣୀର ବର୍ଷିୟାନ କଳାକାର ଅବସରପ୍ରାପ୍ତ ଶିକ୍ଷକ ଧନଞ୍ଜୟ ପାତ୍ର ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ତାଙ୍କ ଦ୍ୱାରା ପରିବେଷିତ ଉଚ୍ଚକୋଟୀର ରାବଣ ସଂଳାପ ଉପସ୍ଥିତ ଦର୍ଶକଙ୍କୁ ଅଭିଭୂତ କରିଥିଲା । କମିଟି ଦ୍ୱାରା ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବର୍ଷିଆନ କଳାକାର ପାତ୍ର ବାଉଁଶୁଣୀରେ ୫୦ ବର୍ଷରୁ ଅଧିକ ସମୟ ଧରି ରାବଣ ଓ ମହିରାବଣ ଭୂମିକାରେ ଅଭିନୟ କରି ଆସିଛନ୍ତି । ଏହାସହ ସେ ବର୍ତ୍ତମାନ ନାଟ୍ୟ ନିର୍ଦ୍ଦେଶକ ଭାବେ ବିଭିନ୍ନ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ରହିଛନ୍ତି ।

ନଗରପାଳଙ୍କ ପିତୃ ବିୟୋଗ

ବରପାଲି,୧୬।୪(ଡି.ଏନ.ଏ.): ବରପାଲି ନଗରପାଳ ଦିନେଶ ଗହାରଙ୍କ ପିତା ନାରାୟଣ ପ୍ରସାଦ ଗହାରଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଗହାର କିଛି ଦିନ ତଳେ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବୁର୍ଲାରୁ ତାଙ୍କ ମରଶରୀର ଆସିବା ପରେ ବରପାଲି ପୋଷ୍ଟ ଅଫିସ ସମ୍ମୁଖ ବାସ ଭବନରେ ରଖାଯାଇଥିଲା। ବରପାଲିର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ପରେ ଏକ ଶୋଭାଯାତ୍ରାରେ କେନାଲ ନିକଟ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୬।୪

ବରଗଡ଼ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲା ଶିଶୁ ମଙ୍ଗଳ ସମିତିର ଚତୁର୍ଥ ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାମାଜିକ ତଦାରଖ ବିବରଣୀ ଶେଷ କରିବା, ଜିଲାର ଶିଶୁଯତ୍ନ ଅନୁଷ୍ଠାନଗୁଡ଼ିକରେ ଅତ୍ୟାବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି, ଜିଲାର ବିଭିନ୍ନ ବିଭାଗକୁ ନେଇ ଏକ ବୈଠକ ଆୟୋଜନ ଏବଂ ଶିଶୁମାନଙ୍କ ସୁରକ୍ଷାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁଯତ୍ନ ଅନୁଷ୍ଠାନଗୁଡ଼ିକର ଶିଶୁମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣରୁ ବଞ୍ଚିତ ଶିଶୁମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ୪ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବା ଆଦି ବିଭିନ୍ନ ଦିଗ ଉପରେ ମଧ୍ୟ ବୈଠକରେ ଆଲୋକପାତ କରାଯାଇଥିଲା। ବୈଠକରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ, ସଦସ୍ୟ ନିରଞ୍ଜନ ବିଶ୍ୱାଳ, ରାଧା ଅଗ୍ରୱାଲ, ମମତା ମେହେର, ସନ୍ତୋଷିନୀ କର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା, ଆନୁଷ୍ଠାନିକ ଶିଶୁ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ଅତିରିକ୍ତ ଜିଲାପାଳ ଏବଂ ଅନ୍ୟମାନେ ।

ପୋଲିସ ସାଜିଛି ବିଜେଡି କର୍ମୀ : କଂଗ୍ରେସ

ଅଭିଯୋଗ ଭିତ୍ତିହୀନ କହିଲା ପୋଲିସ

ସରଣ୍ଡା,୧୬।୪(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ କାଣ୍ଡପାଲିଠାରେ ରବିବାର କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ଯୋଗଦେଇ ଅଭିଯୋଗ କରିଥିଲେ, ରେଙ୍ଗାଲିକ୍ୟାମ୍ପଠାରେ ଅତାବିରା ପୋଲିସ ପକ୍ଷରୁ ଶନିବାର ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସବୁ ଦଳର ପ୍ରତିନିଧିଙ୍କୁ ନ ଡାକି କେବଳ ବିଜେଡି କର୍ମୀଙ୍କୁ ନେଇ ଆୟୋଜନ କରାଯାଇଥିଲା। ବିଜେଡିର ଜଣେ ଯୁବନେତାଙ୍କ ନାମରେ ଏନ୍‌ଏସି ନିର୍ବାଚନ ଦିନ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ତାଙ୍କୁ ଗିରଫ କରିବା ପରିବର୍ତ୍ତେ ପୋଲିସ ସାଙ୍ଗରେ ବସାଇ କି ସଚେତନତା ବାର୍ତ୍ତା ଦେଉଥିଲା ବୋଲି ମହାନନ୍ଦ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଏନ୍‌ଏସି ସଭାପତି ଅଭିନାଶ ପ୍ରଧାନ, ଜିତୁ ଭୋଇ, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ କଂଗ୍ରେସର ଏପରି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି ଅତାବିରା ଆଇଆଇସି ଅନିଲ କୁମାର ପ୍ରଧାନ। ସେ କହିଛନ୍ତି, ଆମେ ସମସ୍ତଙ୍କୁ ଖବର ଦେଇଥିଲୁ। କିଏ ଆସିଲା ନ ଆସିଲା ସେଥିପାଇଁ ଆମ ପୋଲିସ ସମିତି ଦାୟୀ ନୁହଁ। ସାଇବର ଠକେଇ ଉପରେ ଶହ ଶହ ମହିଳା ପୁରୁଷ ସଚେତନ ହୋଇଛନ୍ତି। ସଚେତନତାମୂଳକ କାର୍ଯ୍ୟକ୍ରମରେ ସେମାନଙ୍କ ଏପରି ଅଭିଯୋଗ ଦୁର୍ଭାଗ୍ୟଜନକ ବୋଲି ଆଇଆଇସି ପ୍ରଧାନ କହିଛନ୍ତି। ଅନ୍ୟପଟେ ଅତାବିରା ସହର ଯୁବ ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା କହିଛନ୍ତି, କଂଗ୍ରେସର ଏପରି ଅଭିଯୋଗ ଭିତ୍ତିହୀନ। ଜଣଙ୍କ ନାଁରେ ଅଭିଯୋଗ ହୋଇଗଲେ ସେ ଦୋଷୀ ନୁହଁ। କଂଗ୍ରେସର ବିଜୟୀ କାଉନସିଲରଙ୍କ ନାଁରେ ବହୁ ଆପରାଧିକ ମାମଲାରେ ଚାର୍ଜସିଟ୍ ହୋଇଛି। ତେଣୁ ସେ ଇସ୍ତଫା ଦିଅନ୍ତୁ ବୋଲି ପଣ୍ଡା କହିଛନ୍ତି।

ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

କେଜ୍ରିୱାଲଙ୍କୁ ସିବିଆଇ ସମନକୁ ବିରୋଧ

ଆପ୍ କର୍ମୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି ।

ବରଗଡ଼ ଅଫିସ୍,୧୬।୪

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସିବିଆଇ ସମନ କରିବା ଘଟଣାକୁ ବିରୋଧ କରାଯାଇଛି। ଏହି କ୍ରମରେ ରବିବାର ଆପ୍‌ର ବରଗଡ଼ ଜିଲା ଶାଖା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଦଳର କାର୍ଯ୍ୟକର୍ତ୍ତା, ସମର୍ଥକ ଏକାଠି ହୋଇ ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି କରିବା ସହିତ ଆଦାନୀ ଘୋଟାଲାର ତଦନ୍ତ ପାଇଁ ଦାବି କରିଥିଲେ। ଦଳର ଜିଲା ଆବାହକ ଭବାନୀ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମେରିୟମ ବାର୍ଲା, ଅବିନାଶ ବାଗ, ସତ୍ୟବ୍ରତ ସାହୁ, ଜୟକ୍ରିଷ୍ଣା ଛୁରିଆ, ଯଦୁମଣି ପ୍ରଧାନ, ଭାରତ ମହାନନ୍ଦ, ସୁବଳ କହରା, ଗୌତମ ମହାନନ୍ଦ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଯାଦବ ସାଂସ୍କୃତିକ ସମାଜର କାର୍ଯ୍ୟକାରିଣୀ ବୈଠକ

ବରପାଲି,୧୬।୪(ଡି.ଏନ.ଏ.)

ବରପାଲି ଜୟଗୋପାଳ କଲ୍ୟାଣ ମଣ୍ଡପରେ ରବିବାର ବରଗଡ ଜିଲା ଯାଦବ ସାଂସ୍କୃତିକ ସମାଜର କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭଗବାନ ଶ୍ରୀକୃଷ୍ଣ ଓ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବା ପରେ ସଭା ଆରମ୍ଭ ହୋଇଥିଲା। ଉତ୍କଳ ଯାଦବ ମହାସଭା ଉପସଭାପତି ଧନସିଂ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରସାନନ୍ଦ ଥପା ସ୍ୱାଗତ ଭାଷଣ ଦେଇଥିବା ବେଳେ କେଶବ ଜାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିରୋଜ ପୋଡ଼, ନାରାୟଣ ଗହୀର, ପଟାରୀ ବଗର୍ତ୍ତି ଓ ସାଇଧର ପାଣ୍ଡେଙ୍କ ବିୟୋଗରେ ଦୁଇ ନିରବ ପ୍ରାର୍ଥନା କରାଯାଇଥିଲା। ମନଫୁଲ ଭୋଇ, ଅମୃତଲାଲ ବନଛୋର, ରାମନାରାୟଣ ଭୋଇ, ପ୍ରଦୀପ ଥପା, ଖାଡିଆ ବଗର୍ତ୍ତି, ଗୋବିନ୍ଦ ଯୁଆଡି, କୁଞ୍ଜବିହାରୀ ରାଉତଙ୍କ ସମେତ ସମସ୍ତ ବ୍ଲକ ସଭାପତି ନିଜ ନିଜ ମତବ୍ୟକ୍ତ କରିଥିଲେ। ଜିଲାସ୍ତରୀୟ ମହାସଭା କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ମୋହନ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ। ବରପାଲି ବ୍ଲକ ଯାଦବ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ନାମଯଜ୍ଞରେ ପଣ୍ୟାଗାର ନିଗମ ଅଧ୍ୟକ୍ଷ

ପାଇକମାଳ,୧୬।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ପଞ୍ଚାୟତ ସାଲେପାଲି ଗାଁରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଓ ୧୬ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଉତ୍ସବରେ ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ମହେନ୍ଦ୍ର କୁମାର ବଢେଇ ଯୋଗ ଦେଇଥିଲେ। ସାଲେପାଲି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ନରସିଂହ ପ୍ରଧାନ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ମାଣ୍ଡିଆଡ଼ିପା ପଞ୍ଚାୟତ ଅନ୍ତର୍ଗତ ବୈଦପାଲି ଗ୍ରାମରେ ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପନୀ ଉତ୍ସବରେ ପଣ୍ୟଗାର ନିଗମ ଅଧ୍ୟକ୍ଷ ବଢେଇ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ।

ପାଇକମାଳ ପୋଲିସର ଜନସମ୍ପର୍କ ଶିବିର

ପାଇକମାଳ,୧୬।୪ (ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ କେରମେଲାବାହଲ ପଞ୍ଚାୟତ ହରଡାଟାଲ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଇକମାଳ ପୋଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଏସ୍‌ପି ପ୍ରହଲାଦ ସହାୟ ମୀନା ମୁଖ୍ୟ ଅତିଥି, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଡା. ଶିବଶଙ୍କର ସାହୁ ଯୋଗ ଦେଇ ୧୪୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ। ପ୍ରେମଚାନ୍ଦ ନାୟକ, ଦେବାନନ୍ଦ ସାହୁ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗ୍ରାମର ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ର ଓ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଥିଲା। ଏହାପରେ ଭେଙ୍ଗରାଜପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ ବରଗଡ ଏସ୍‌ପି ମୀନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୧୭୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ନିରଞ୍ଜନ ଗହିର ସଭାପତିତ୍ୱ କରିଥିବା ବେଳେ ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଢେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ଆଇ ବିମଲ ଲାକ୍ରା, ସୁଶାନ୍ତ ପଣ୍ଡା, ଏଏସ୍‌ଆଇ ମୋହନ ବାଗ, ବିଜୟ କନ୍ଦେର, ହାବିଲଦାର ନିରାକାର ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

ଲରମ୍ଭାରେ ଅମ୍ବିକା ଦିବସ ପାଳନ

ଅମ୍ବିକା ଦିବସରେ ରଙ୍ଗୋଲି ପ୍ରତିଯୋଗିତା କରାଯାଉଛି।

ଅତାବିରା,୧୬।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର-୧ରେ ଅମ୍ବିକା ଦିବସ ପାଳିତ ହୋଇଛି। ଏଥିରେ ୧୦ରୁ ୧୯ବର୍ଷ ବୟସ୍କା କିଶୋରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ ଲିଜା ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଯାଞ୍ଚ କମିଟି ସଭ୍ୟା ଧୀରେଶ୍ୱରୀ ପଣ୍ଡା, ସରପଞ୍ଚ ସାବିତ୍ରୀ ପଣ୍ଡା, ଅଙ୍ଗନୱାଡ଼ି କେନ୍ଦ୍ର-୨ର କର୍ମୀ ଅନୁସୂୟା ଭୋଇ, ଅଙ୍ଗନୱାଡ଼ି କେନ୍ଦ୍ର-୩ର କର୍ମୀ ଗୀତାଞ୍ଜଳି ତରିଆ, ସହାୟିକା ଗୁରିମତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିଷ୍କାର, ପରିଚ୍ଛନ୍ନତା ପାଇଁ ୭ ପ୍ରଣାଳୀରେ ହାତ ଧୋଇବା ଉପରେ ଅବଗତ କିଶୋରୀମାନଙ୍କୁ କରାଯାଇଥିଲା।

ତପୋବନ ଆଶ୍ରମରେ ସତ୍‌ସଙ୍ଗ

ତପୋବନ ଆଶ୍ରମରେ ସ୍ୱାମୀଜୀମାନଙ୍କୁ ସ୍ୱାଗତ କରାଯାଉଛି ।

ବରଗଡ଼ ଅଫିସ୍,୧୬।୪

ବରଗଡ଼ ତପୋବନ ଆଶ୍ରମରେ ରବିବାର ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱାସ୍ତା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟ ପ୍ରେମାନନ୍ଦ, ସ୍ୱାମୀ ସତ୍ୟ ବେଦାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ତପୋବନ ପରିବାର ତରଫରୁ ସ୍ୱାମୀ ନିତ୍ୟ ବୋଧାନନ୍ଦ, ତୀର୍ଥବାସୀ ଦେବତା, ଗୌରାଙ୍ଗ ନାଏକ ସ୍ୱାମୀଜୀଙ୍କୁ ମାଲ୍ୟାର୍ପଣ ସହିତ ସ୍ୱାଗତ କରିଥିଲେ। ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ତପୋବନ ନାମର ଐତିହ୍ୟ, ବର୍ତ୍ତମାନ ସମୟରେ ଯୋଗ ଓ ସାଧନାର ଆବଶ୍ୟକତା, ବାଧାବିଘ୍ନ ସତ୍ତ୍ୱେ ସତ୍‌କାର୍ଯ୍ୟ ପାଇଁ ଆଗକୁ ବଢ଼ିବାର ଉଦ୍ୟମତା ଆଦିକୁ ନିଜ ଆଶୀର୍ବଚନରେ ସ୍ଥାନ ଦେଇଥିଲେ। ପ୍ରୀତମ ସିଂ, ଚନ୍ଦ୍ରଶେଖର, କ୍ଷୀରୋଦ ପ୍ରଧାନ, ତସବୀର ସାହୁ, କଳ୍ପନା ମିଶ୍ର, ବବିତା ନାଏକ, ବିଜୟ କୁମାର ମିଶ୍ର ସହଯୋଗ କରିଥିଲେ।

ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ

ବରଗଡ଼ ଅଫିସ୍,୧୬।୪: ବରଗଡ଼ ବ୍ଲକ ଅନ୍ତର୍ଗତ ଏନ୍. ଜାମପାଲିରେ ନୂତନ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତିସଭ୍ୟ ପ୍ରମୋଦ ପ୍ରଧାନ, ସରପଞ୍ଚ ସଞ୍ଜୁ ରାୟ, ପୂର୍ବତନ ସରପଞ୍ଚ ଅକ୍ଷୟ ରାୟ, ଜମୁର୍ଡ଼ା ସରପଞ୍ଚ ପଦ୍ମଲୋଚନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ନବୋଦୟ ସ୍କୁଲରେ ଜି-୨୦ ଜନଭାଗୀଦାରି କ୍ରିକେଟ ମ୍ୟାଚ୍

ପାଇକମାଳ,୧୬।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟରେ ରବିବାର ଅନ୍ତରାଷ୍ଟ୍ରୀୟ ଆର୍ଥିକ ସହଯୋଗର ପ୍ରମୁଖ ମଞ୍ଚ ଜି-୨୦ର ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁସାରେ ବିଦ୍ୟାଳୟର ସମସ୍ତ ଛାତ୍ରମାନଙ୍କୁ ନେଇ ଏକ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୨୨ଜଣ ବିଦ୍ୟାର୍ଥୀଙ୍କୁ ଦୁଇଟି ଦଳରେ ବିଭକ୍ତ କରାଯାଇ କ୍ରିକେଟ ମ୍ୟାଚ୍ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଖେଳଶିକ୍ଷକ ଗିରିଶ ଚନ୍ଦ୍ର ବେହେରା, ବିଜୟ କୁମାର ଦ୍ୱିବେଦୀ, ମନୋଜ କୁମାର ବେହେରା ଓ ସଙ୍ଗୀତା ମେହେତା। ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ୍ ହୋଇଥିଲା।

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ର ଏବଂ ଅତିଥିଗଣ।

ମହିଳାଙ୍କ ୧୨.୨୫ ଲକ୍ଷ ଋଣ ଟଙ୍କା ଆତ୍ମସାତ୍

ସୋନପୁର,୧୬।୪(ନି.ପ୍ର.)

ମହିଳାଙ୍କ ଋଣ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ନିଉ ଅପର୍ଚୁନିଟି କନ୍‌ସଲଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ ସୋନପୁର ଶାଖାର ପ୍ରାକ୍ତନ ପରିଚାଳକ ବିଭୁ ରଞ୍ଜନ ଦେହୁରୀ(୩୧)ଙ୍କୁ ସୋନପୁର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ବିଭୁ ରଞ୍ଜନଙ

ସଂକ୍ଷେପରେ

ଟ୍ୟାଙ୍କର ଚାପାରେ ଶିକ୍ଷକଙ୍କ ମୃତ୍ୟୁ

କୁଚିଣ୍ଡା,୧୬।୪(ଡି.ଏନ.ଏ.): ମହୁଲପାଲି ଥାନା କୁଚିଣ୍ଡା-ବାମରା ରାଜ୍ୟ ରାଜପଥ ସେଗାପଡା ବ୍ରିଜ ଡାଇଭର୍ସନରେ ଶନିବାର ତେଲ ଟ୍ୟାଙ୍କର ଚାପାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଚିଣ୍ଡା ଥାନା ଖଣ୍ଡୋକଟା ଗ୍ରାମର ନିତ୍ୟାନନ୍ଦ ସୋହେଲା(୫୦)। ନିତ୍ୟାନନ୍ଦ କେଶାଇବାହାଲ ହାଇସ୍କୁଲରେ ଶିକ୍ଷକତା କରୁଥିଲେ। ଶନିବାର ସ୍କୁଲ କାମସାରି ଅପରାହ୍ନ ପ୍ରାୟ ୨ଟା ସମୟରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେଗାପଡା ବ୍ରିଜ ଡାଇଭର୍ସନରେ ବିପରୀତ ଦିଗରୁ ଆସୁଥିବା ଏକ ତୈଳ ଟ୍ୟାଙ୍କର ତାଙ୍କ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଟ୍ୟାଙ୍କରଟିକୁ କେଶାଇବାହାଲ ପେଟ୍ରୋଲ ପମ୍ପରେ ଛାଡି ଫେରାର ହୋଇଯାଇଥିଲେ। ଖବର ପାଇ ମହୁଲପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇଥିଲା। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ତୈଳ ଟ୍ୟାଙ୍କରକୁ ଜବତ କରି ତଦନ୍ତ କରୁଛି।

କୁସୁମୀରେ ଆମ୍ବେଡ୍କର ଜୟନ୍ତୀ

କୁଚିଣ୍ଡା,୧୬।୪(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀଠାରେ କୁଚିଣ୍ଡା ଆଦିବାସୀ କଲ୍ୟାଣ ସଂଘ ଓ କୁସୁମୀ ଆଦିବାସୀ ସଂଘ ପକ୍ଷରୁ ଶନିବାର ଆମ୍ବେଡ୍କର ଜୟନ୍ତୀ ପାଳିତ ହୋଇଯାଇଛି। ଆଦିବାସୀ କଲ୍ୟାଣ ସଂଘ ସଭାପତି କରୁଣାକର କିଷାନଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଓକିଲ ସଂଘ ସଭାପତି ପ୍ରମୋଦ ଛୁରିଆ ମୁଖ୍ୟଅତିଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ୍ବେଡ୍କରଙ୍କ ଜୀବନୀ ଏବଂ ଦେଶପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ କୁସୁମୀ ଲ୍ୟାମ୍ପ୍ସ ସଭାପତି ବିପ୍ରଚରଣ ବାଘ, ଅଚ୍ୟୁତ ନାଏକ, ଓକିଲ ପ୍ରଫୁଲ୍ଲ ବାରିକ, ମନୋଜ ପଟେଲ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ବିଭୂତି ନାଏକ ଧନ୍ୟବାଦ ଦେଇଥିଲେ।

ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବେଲପାହାଡ,୧୬।୪(ଡି.ଏନ.ଏ.): ବେଲପାହାଡ଼ ଗୁମାଡେରାର ଅବସରପ୍ରାପ୍ତ ଶିକ୍ଷକ ଶିବ ଶଙ୍କର ମିଶ୍ରଙ୍କ ୮୮ବର୍ଷ ବୟସରେ ରବିବାର ଦେହାନ୍ତ ହୋଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନିପୁଅ, ଝିଅ, ନାତିନାତୁଣି ଉପସ୍ଥିତ ଥିଲେ। ଲିଲାରି ନାଲା ପମ୍ପ ହାଉସ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଶିବଶଙ୍କର ୧୯୬୮ରୁ ୧୯୭୧ ପର୍ଯ୍ୟନ୍ତ କୋଲାବିରା ହାଇସ୍କୁଲ ଓ ପରେ ୧୯୭୨ରୁ ୧୯୯୬ ପର୍ଯ୍ୟନ୍ତ ବେଲପାହାଡ଼ ରିଫ୍ରାକଟୋରିଜ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଭାବରେ ଅଧ୍ୟାପନା କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସହର ମୁଖ୍ୟରାସ୍ତାରେ ଚାଲି ଚାଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜିଲାପାଳ, ଆଇଜି ଓ ଏସ୍‌ପି । .

ସ୍ୱତନ୍ତ୍ର ବସ୍ ଯୋଗେ କେନ୍ଦ୍ରକୁ ଯାଉଛନ୍ତି ପରୀକ୍ଷାର୍ଥୀ ।

କର୍ଫ୍ୟୁ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଆଇଜି

ସମ୍ବଲପୁର,୧୬।୪(ବ୍ୟୁରୋ)

ହନୁମାନ ଜୟନ୍ତୀ ଶୋଭାଯାତ୍ରା ଓ ବାଇକ୍ ରାଲି ସମୟରେ ଘଟିଥିବା ହିଂସା ଘଟଣାରେ ସମ୍ବଲପୁର ଜିଲାରେ ଜିଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଲଗାଯାଇଛି। ୩ଦିନ ହେଲା ସହରରେ କର୍ଫ୍ୟୁ ଲାଗି ରହିଥିବାବେଳେ ଇଣ୍ଟରନେଟ ସେବା ମଧ୍ୟ ବନ୍ଦ କରିଦିଆଯାଇଛି। ଏହାକୁ ନେଇ ସହରବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନେଟ୍ ସେବା ବନ୍ଦ ଯୋଗୁ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ପ୍ରଭାବିତ ହେଉଛନ୍ତି। ଏପରିସ୍ଥଳେ ଜିଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଏସ୍‌ପି ବାଟୁଲା ଗଙ୍ଗାଧର ରବିବାର ସହର ମୁଖ୍ୟ ରାସ୍ତା ଉପରେ ଚାଲି ଚାଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ଛକରେ ମୁତୟନ ହୋଇଥିବା ପୋଲିସ ଫୋର୍ସ ସହିତ ଆଲୋଚନା କରିଛନ୍ତି। ଜିଲାପାଳ ଦାସ ଓ ଆଇଜି କୁମାର ଜନସାଧାରଣଙ୍କୁ ଶାନ୍ତି ଫେରାଇଆଣିବା ପାଇଁ ଅନୁରୋଧ କରିଛନ୍ତି। ଏସ୍‌ପି ଗଙ୍ଗାଧର କହିଛନ୍ତି, ସହରରେ ସ୍ୱାଭାବିକ ପରିସ୍ଥିତି ଫେରିଆସୁଛି। ସେଭଳି ଘଟଣା ଘଟିନାହିଁ। ପୋଲିସ ବ୍ୟାପକ ପ୍ରସ୍ତୁତି କରିଛି। ପ୍ରଭାବିତ ଲୋକ ଓ ଭୟଭୀତ ପରିବାର ସହ ପୋଲିସ ଆଲୋଚନା କରି ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଖୁବ୍ ଶୀଘ୍ର ପୂର୍ବବସ୍ଥା ଫେରିଆସିବ ବୋଲି ସେ କହିଥିଲେ। ଅନ୍ୟପଟେ ଜିଲାରେ ରବିବାର ୟୁପିଏସ୍‌ସି ପରୀକ୍ଷା ଆୟୋଜନ ହୋଇଥିଲା। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ରେଳ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରୁ ପରୀକ୍ଷାର୍ଥୀଙ୍କୁ ନେବାଆଣିବା ପାଇଁ ପୋଲିସ ବସ୍ ବ୍ୟବସ୍ଥା କରିଥିଲା। ପରୀକ୍ଷାରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିଲା।

ଜିଲା ପ୍ରଶାସନ ଓ ହିଣ୍ଡାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଜମନକିରା, ୧୬।୪(ଡି.ଏନ.ଏ.)

ଜମନକିରା ବ୍ଲକ କେନାଢ଼ିପା ଉଚ୍ଚ ବିଦ୍ୟାଳୟରେ ରବିବାର ପ୍ରଶାସନ ଓ ହିଣ୍ଡାଲ୍‌କୋ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ମୋଟ ୭୮୫ ରୋଗୀଙ୍କ ମାଗଣାରେ ଚିକିତ୍ସା କରାଯାଇଛି। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତା ଭୋଇ, ସିଏସ୍‌ଆର୍ ସୁକାନ୍ତ ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏଥିରେ ବ୍ଲକ ପ୍ରଶାସନର ଏପିଓ ମନୋଜ କୁମାର ଭୋଇଙ୍କ ସମେତ କର୍ମଚାରୀ ସହଯୋଗ କରିଥିବା ବେଳେ ବିଡ଼ିଓ ପ୍ରସନ୍ନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

ରୋଗୀମାନେ ନାମ ପଞ୍ଜୀକରଣ କରୁଛନ୍ତି।

ଶାନ୍ତି ପାଇଁ ଆହ୍ୱାନ ଦେଲେ ସମୂହ ସାମାଜିକ ଅନୁଷ୍ଠାନ

ମାରୱାଡି ଧର୍ମଶାଳାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ସମ୍ବଲପୁର,୧୬।୪(ବ୍ୟୁରୋ)

ହନୁମାନ ଜୟନ୍ତୀ ଉପଲକ୍ଷେ ଗତ ବୁଧବାର ସମ୍ବଲପୁର ସହରରେ ବାଇକ୍ ଶୋଭାଯାତ୍ରା ସମୟରେ ହିଂସା ଭଳି ଘଟଣା ଘଟିଥିଲା। ୫ଦିନ ପରେ ମଧ୍ୟ ସହରରେ ସ୍ୱାଭାବିକ ଅବସ୍ଥା ଫେରିପାରି ନାହିଁ। ଏହାକୁ ନେଇ ଗେଇଟି ରୋଡସ୍ଥିତ ମାରୱାଡି ଧର୍ମଶାଳାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ୨୫ରୁ ଊର୍ଦ୍ଧ୍ୱ ସାମାଜିକ ସଙ୍ଗଠନର ସଦସ୍ୟ ଯୋଗଦେଇଥିଲେ। ବୈଠକ ପରେ ସଦସ୍ୟମାନେ ସହରବାସୀଙ୍କୁ ଶାନ୍ତି ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ। ପ୍ରଶାନ୍ତ ପଟ୍ଟଯୋଶୀ, ସରୋଜ କୁମାର ଦାସ, ପରଭେଜ ଅଲ୍ଲିଖାନ, ବିପିନ ବିହାରୀ ପଣ୍ଡା, ପ୍ରମୋଦ କୁମାର ଅଗ୍ରୱାଲ, ସଞ୍ଜୟ କୁମାର ଠାକୁର, ଅମିତ କୁମାର ସ୍ୱାଇଁ, ଦେବରାଜ ପଟେଲ, ସୁବ୍ରତ ପଣ୍ଡା, ରଞ୍ଜିତ ସିଂ ହୁଡା, ଯତିନ୍ଦର ଶର୍ମା, ମନୋଜ କୁମାର ସାହୁ, ଓକିଲ ଖାନ, ସପନ ମିଶ୍ର, ରୁଦ୍ରନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

୨ କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୧୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲଠାରେ ବ୍ଲକ ଶାରୀରିକ ଶିକ୍ଷୟିତ୍ରୀ ଶିକ୍ଷକ ସଂଘ ପକ୍ଷରୁ ଅବସର ନେଇଥିବା ୨ ଜଣ କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ରବିବାର ଦିଆଯାଇଛି । ସଭାରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ କପିଲେଶ୍ୱର କୁମାର ଅଧ୍ୟକ୍ଷତାକରିଥିଲେ। ଏଥିରେ ନିକଟରେ ଅବସରଗ୍ରହଣ କରିଥିବା ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗ ଓ ବବଜା ହାଇସ୍କୁଲର କ୍ରୀଡା ଶିକ୍ଷକ ରାଜେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କୁ ବ୍ଲକ ସଂଘ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯିବା ସହ ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇଥିଲା।

ଅଧାରେ ରହିଲା ପୋଲିସ ବଡ଼ବାବୁଙ୍କ ରାତ୍ରିଯାପନ

ସମ୍ବଲପୁର,୧୬।୪(ବ୍ୟୁରୋ)

ସମ୍ବଲପୁର ଜିଲାର ପୋଲିସ ବିଭାଗର କେତେଜଣ ବଡବାବୁ ବିଭିନ୍ନ ଘଟଣା ଓ ପ୍ରସଙ୍ଗକୁ ନେଇ ସମାଲୋଚନାର ଶିକାର ହୋଇଆସୁଛନ୍ତି। ଏବେ ଜଣେ ବଡବାବୁଙ୍କ ରାତ୍ରଯାପନ ଅଧାରେ ରହିଯିବା ନେଇ ଆଲୋଚନା ଜୋର ଧରିଛି। ଏହାକୁ ନେଇ ଖୋଦ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଯେତିକି ଚର୍ଚ୍ଚା କରୁଛନ୍ତି ବାହାରେ ମଧ୍ୟ ଆଲୋଚନାର ପ୍ରସଙ୍ଗ ହୋଇଛି। ଏପ୍ରିଲ ୧୨ରେ ବାଇକ୍ ଶୋଭାଯାତ୍ରାରେ ହିଂସା ଖବର ପାଇବା ପରେ ବଡବାବୁ ଜଣକ ସହର ଭିତରକୁ ଧାଇଁଆସିଥିଲେ। ହେଲେ ତାଙ୍କ ଦ୍ୱାରା କିଛି ହୋଇପାରିଲା ନାହିଁ। ଶୋଭାଯାତ୍ରାରେ ପଥରମାଡ଼, ପୋଡ଼ାଜଳା ଭଳି ଘଟଣା ଘଟି ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ କେତେଜଣ ଅଧିକାରୀ କ୍ଷୋଭ ପ୍ରକାଶ କରିଥିଲେ ବି ମୁହଁ ଖୋଲି ପାରୁନାହାନ୍ତି। ଏପ୍ରିଲ ୧୨ରେ ଉକ୍ତ ବଡବାବୁ ଜଣଙ୍କ ନିକଟସ୍ଥ ଅଭୟାରଣ୍ୟକୁ ବୁଲିବାକୁ ଯାଇଥିଲେ। ସେଠାରେ ରାତ୍ରଯାପନ କରିବାକୁ ଯୋଜନା କରିଥିଲେ। ଶୋଭାଯାତ୍ରାର ଅନ୍ୟ ଅଧିକାରୀଙ୍କ ସହ ବାବୁଙ୍କ ଉପରେ ଆଇନଶୃଙ୍ଖଳା ଦାୟିତ୍ୱ ଥାଇ ମଧ୍ୟ ସେ ବୁଲିବାକୁ ଯାଇଥିଲେ। ଏତେ ବଡ ଘଟଣା ଘଟିବା ନେଇ ଜିଲା ପୋଲିସକୁ କେବଳ ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ସମାଲୋଚନା କରାଯାଉଛି। ବିଭିନ୍ନ ଦଳ ଓ ସଙ୍ଗଠନର କର୍ମକର୍ତ୍ତା ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। ଉକ୍ତ ବଡବାବୁ ଜଣଙ୍କ ଉପସ୍ଥିତ ରହି ନିୟନ୍ତ୍ରଣ ଭାର ନେଇଥିଲେ ଏଭଳି ଅଘଟଣକୁ ଏଡାଇ ଦିଆଯାଇ ପାରିଥାନ୍ତା ବୋଲି ସବୁଠାରେ ଆଲୋଚନା ହେଉଛି।

ଅଠରବର୍ଗ କନ୍ଧ ଜମିଦାର ସମାଜର ମହାସଭା

ଦେବଗଡ଼, ୧୬।୪(ଡି.ଏନ.ଏ.)

ଦେବଗଡ଼ ପୌରାଞ୍ଚଳର ଶ୍ରୀ ଶ୍ରୀ ଝାଡେଶ୍ୱର ମହାଦେବ ମନ୍ଦିର ପରିସରରେ ରବିବାର ବାମଣ୍ଡା ଷ୍ଟେଟ ଅଠରବର୍ଗ କନ୍ଧ ଜମିଦାର ସମାଜର ପଞ୍ଚବାର୍ଷିକ ମହାସଭା ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଅର୍ଜୁନ ଦେହୁରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଉପସଭାପତି ଘନଶ୍ୟାମ ଦେହୁରି ଓ ସଂଯୋଜକ ସଞ୍ଜୟ କାଲୋ ପ୍ରମୁଖ ସମାଜର ନୀତିନିୟମ, ପ୍ରଚଳିତ ପରମ୍ପରା ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସମାଜର ବହୁ ସଦସ୍ୟ ଉପସ୍ଥିତ ରହି କିଭଳି ଭାବେ ସମାଜର ସାମଗ୍ରିକ ବିକାଶ ହୋଇ ପାରିବ ସେ ନେଇ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଶେଷରେ ସମ୍ପାଦକ ହୃଷୀକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସଭାରେ ଯୋଗଦେଇଥିବା ଅତିଥିମାନେ।

ମା' ଦୁର୍ଗା ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ରୁପ୍ରାରୋଡ,୧୬।୪(ଡି.ଏନ.ଏ .)

ଦେବସର ଧାମ (ହରିୟାଣା)ରେ ଆସ୍ଥା ରଖୁଥିବା କଳାହାଣ୍ଡି ଜିଲା ଅନ୍ତର୍ଗତ ରୁପ୍ରା ରୋଡ ନିବାସୀ ମୂଳଚନ୍ଦ ଅଗ୍ରୱାଲଙ୍କ ପରିବାର ଦ୍ୱାରା ନବ ନିର୍ମିତ ଦେବସର ମା ଦୁର୍ଗା ମନ୍ଦିର କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ମନ୍ଦିରର ପ୍ରାଣ ପ୍ରତିଷ୍ଠା ଏପ୍ରିଲ ୨୩ ରେ ହେବାକୁ ଅଛି। ଏହି ନବ ନିର୍ମିତ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ହରିୟାଣା (ବିଭାଣି) ରୁ ଅଖଣ୍ଡ ଜ୍ୟୋତି ଏକ ସୁସଜ୍ଜିତ ରଥରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଯାଇଛି। ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ଆୟୋଜିତ ଥିବା ଛପନ ପ୍ରହର ଅଖଣ୍ଡ ନାମଯଜ୍ଞ ୧୭ଏପ୍ରିଲରୁ ଆରମ୍ଭ ହୋଇ ୨୪ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଗରିବଙ୍କୁ ୫ ଟଙ୍କାରେ ମିଲ୍ ଦେଲା ହାପ୍ପି ଟୁ ହେଲ୍ପ ଫାଉଣ୍ଡେଶନ

ସହଯୋଗର ହାତ ବଢାଇଲେ ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ

ଦେବଗଡ଼,୧୬।୪(ଡି.ଏନ.ଏ.)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ରୋଗୀଙ୍କ ସମ୍ପର୍କୀୟ, ସହାୟକ ଏବଂ ଗରିବ ଲୋକଙ୍କ ପାଇଁ ସାମାଜିକ ଅନୁଷ୍ଠାନ 'ହାପ୍ପି ଟୁ ହେଲ୍ପ ଫାଉଣ୍ଡେସନ' ଗତ ମାର୍ଚ୍ଚ ୨୬ ତାରିଖ ରବିବାରଠାରୁ ୫ଟଙ୍କିଆ ମିଲର ବ୍ୟବସ୍ଥା ଶୁଭାରମ୍ଭ କରିଥିଲା । ୧୬ ତାରିଖ ରବିବାର ଏହା ଚତୁର୍ଥ ପାଳିରେ ପହଞ୍ଚି ଥିବାବେଳେ ଗତ ତିନି ପାଳି ଭଳି ବହୁ ରୋଗୀଙ୍କ ସମ୍ପର୍କୀୟ, ସହାୟକ ଏବଂ ଗରିବ ଲୋକ ଏହାର ଲାଭ ଉଠାଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ହାପ୍ପି ଟୁ ହେଲ୍ପ ଫାଉଣ୍ଡେସନ'ର ଏଭଳି ପ୍ରୟାସକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଏଥିପାଇଁ ଜିଲାର ଜଣେ ପରେ ଜଣେ ସହଯୋଗର ହାତ ବଢାଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମର ପ୍ରଥମ ପାଳିରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖସ୍ଥ ଆହାର କେନ୍ଦ୍ର ସମ୍ମୁଖରେ 'ହାପ୍ପି ଟୁ ହେଲ୍ପ ଫାଉଣ୍ଡେସନ' ପକ୍ଷରୁ ଏହି ୫ଟଙ୍କିଆ ମିଲର ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ଫିତାକାଟି ଶୁଭାରମ୍ଭ କରିବାସହ ଏକ ବର୍ଷର ପାରିଶ୍ରମିକ ୬୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ଗତ ୨ ତାରିଖ ଦ୍ୱିତୀୟ ପାଳିରେ ଜିଲା ପରିଷଦ ସଦସ୍ୟା ତିଲେଇବଣି ଜୋନ-୨ର ପୁଷ୍ପାଞ୍ଜଳି ସାମଲ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନୁରୂପ ଭାବେ ଗତ ୯ ତାରିଖ ତୃତୀୟ ପାଳିରେ ଜିଲା ପରିଷଦ ସଦସ୍ୟା ବାରକୋଟ ଜୋନ-୩ ଗୀତାଞ୍ଜଳି ପାଣି ଓ ଦେବଗଡ ପୌର ପରିଷଦ ୩ ନମ୍ବର ୱାର୍ଡର କାଉନସିଲର ବାସନ୍ତୀମଣି ମାଝୀ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଚତୁର୍ଥ ପାଳି ପାଇଁ କଣ୍ଟଳ ସେବା ସମବାୟ ସମିତିର ସଭାପତି ତଥା ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା ୭ହଜାର ଟଙ୍କା ପ୍ରଦାନ କରିବା ସହ ମିଲ ପରିବେଷଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ହାପ୍ପି ଟୁ ହେଲ୍ପ ଫାଉଣ୍ଡେସନ'ର ସଭାପତି ଶୁକଦେବ ଭଞ୍ଜ, ସମ୍ପାଦକ ଆଲୋକ କୁମାର ଅମାନ୍ତ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ନାୟକ, ରାଜକିଶୋର ଦାଶ, ପିକୁନ ଜତିନ, ଶୈଳେନ୍ଦ୍ର ତ୍ରିନେଦ, ସୁଦାମ ଚରଣ ପୃଷ୍ଟି, ପ୍ରତିଶ ମହାପାତ୍ର, ଦୀପନ କୁମାର ନାୟକ, ସୁଶାନ୍ତ କୁମାର, ବିକାଶ ନାୟକ, ଦୀପକ ଷଣ୍ଢ, ଚନ୍ଦନ ଦେବ, ଭୁବନ ମୋହନ ନାଏକ, ଆଲୋକ ଗୁରୁ, ସଞ୍ଜୟ ଥାପ୍ପା ଓ ରାଜୁ ମାଟିଆରୀଙ୍କ ସମେତ 'ହାପ୍ପୀ ଟୁ ହେଲ୍ପ ଫାଉଣ୍ଡେସନ'ର ପ୍ରାୟ ସମସ୍ତ ସଦସ୍ୟ, ଉପଦେଷ୍ଟା ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ହାପ୍ପି ଟୁ ହେଲ୍ପ ଫାଉଣ୍ଡେଶନ ପକ୍ଷରୁ ୫ଟଙ୍କାରେ ମିଲ୍ ବିତରଣ କରାଯାଉଛି।

ତଦନ୍ତର ତଥ୍ୟ ଲୁଚାଉଛି କ୍ରାଇମବ୍ରାଞ୍ଚ

ସମ୍ବଲପୁର,୧୬।୩(ବ୍ୟୁରୋ)

ଜାନୁୟାରୀ ୨୯ରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେଡିର ଟାଣୁଆ ନେତା ନବ କିଶୋର ଦାସଙ୍କୁ ଝାରସୁଗୁଡ଼ା ଜିଲା ଗାନ୍ଧୀଛକଠାରେ ସ୍ଥାନୀୟ ଫାଣ୍ଡିରେ କାର୍ଯ୍ୟରତ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଅତି ନିକଟରୁ ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କରିଥିଲେ। ଘଟଣା ପରେ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେଇଥିଲେ। କ୍ର

ପୁଞ୍ଜି ବଜାରରେ ଉତ୍ସାହ

ଶୀର୍ଷ ୧୦ରୁ ୭ କମ୍ପାନୀଙ୍କ ବଜାର ପୁଞ୍ଜି ୬୭,୮୫୯ କୋଟି ବୃଦ୍ଧି

ନୂଆଦିଲ୍ଲୀ,୧୬।୪

ଗତ କିଛି ମାସ ହେବ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସହ ବଜାରରେ ମାନ୍ଦାବସ୍ଥା ଜାରି ଯୋଗୁ ପୁଞ୍ଜି ବଜାରରେ ଆଶା ଓ ଆଶଙ୍କା ଦେଖାଦେଇଥିଲା। ଏପରିକି ଶେୟାର ବଜାରରେ ମଧ୍ୟ କ୍ରମାଗତ କାରବାର ପରିବର୍ତ୍ତନ ଘଟୁଥିଲା। ଫଳରେ ପୁଞ୍ଜି ବଜାରରେ ପଞ୍ଜୀକୃତ କମ୍ପାନୀଗୁଡିକର ନିବେଶ ସେହି ପରିମାଣରେ କାରବାର କରିଥିଲା। ଏପରିକି ଗତ ସପ୍ତାହର କାରବାର ପୂର୍ବ ସପ୍ତାହଠାରୁ ଭଲ ରହିଥିବା ଯୋଗୁ ସେନସେକ୍ସର ଶୀର୍ଷ ୧୦ କମ୍ପାନୀ ମଧ୍ୟରୁ ୭ କମ୍ପାନୀର ମୋଟ ବଜାର ପୁଞ୍ଜିରେ ସାମୂହିକ ରୂପେ ୬୭,୮୫୯.୭୭ କୋଟି ଟଙ୍କାର ବୃଦ୍ଧି ହୋଇଛି। ଏହି ଅବଧି ମଧ୍ୟରେ ସବୁଠୁ ଅଧିକ ଲାଭ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏଚଡିଏଫସି ବ୍ୟାଙ୍କକୁ ହୋଇଥିବା ଜଣାପଡିଛି। ଏପରିକି ଗତ ସପ୍ତାହ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କ ମାର୍କେଟ୍ କ୍ୟାପ ୧୭,୧୮୮.୨୫ କୋଟି ଟଙ୍କା ବଢି ୬,୨୭,୯୪୦.୨୩ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏଚଡିଏଫସି ବ୍ୟାଙ୍କର ବଜାର ପୁଞ୍ଜି ୧୫,୦୬୫.୩୧ କୋଟି ଟଙ୍କା ବଢି ୯,୪୪,୮୧୭.୮୫ କୋଟି ଟଙ୍କା ହୋଇଥିବା ବେଳେ ଏସଡିଏଫସିର ମୋଟ

ବଜାର ପୁଞ୍ଜି ୧୦,୫୫୭.୮୪ କୋଟି ଟଙ୍କା ବଢି ୫,୧୧,୪୩୬.୫୧ କୋଟି ଟଙ୍କାରେ ରହିଛି। ଅପରପକ୍ଷରେ ଆଇଟିସିର ମୂଲ୍ୟାଙ୍କନ ୧୦,୧୯୦.୯୭ କୋଟି ଟଙ୍କା ବଢି ୪,୯୧,୪୬୫.୯୬ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ରିଲାଏନ୍ସ ଉଦ୍ୟୋଗର ମୋଟ ବଜାର ପୁଞ୍ଜି ୯,୯୧୧.୫୯ କୋଟି ଟଙ୍କା ବଢି ୧୫,୯୩,୭୩୬.୦୧ କୋଟି ଟଙ୍କା ହୋଇଛି। ସେହିଭଳି ଏସବିଆଇର ବଜାର ମୂଲ୍ୟ ୪,୬୪୦ କୋଟି ଟଙ୍କା ବଢି ୪,୭୫,୮୧୫.୬୯ କୋଟି ଟଙ୍କା ଏବଂ ଭାରତୀ ଏୟାରଟେଲର ବଜାର ପୁଞ୍ଜି ୩୦୫.୦୧ କୋଟି ଟଙ୍କା ବଢି ୪,୨୭,୪୧୬.୦୮ କୋଟି ଟଙ୍କାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ ସେନସେକ୍ସର ଶୀର୍ଷ ୧୦ କମ୍ପାନୀ ମଧ୍ୟରୁ ରିଲାଏନ୍ସ, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚଡିଏଫସି, ଆଇଟିସି, ଏସବିଆଇ ଏବଂ ଭାରତୀ ଏୟାରଟେଲର ଶେୟାର ଲାଭରେ ରହିଥିଲା ବେଳେ ଟାଟା କନସଲଟାନ୍ସି, ହିନ୍ଦୁସ୍ଥାନ ୟୁନିଲିଭର ଏବଂ ଇନଫୋସିସର ଶେୟାର ବଜାର ମୂଲ୍ୟରେ ହ୍ରାସ ହୋଇଥିଲା।

ୱି୨୦ ଫ୍ୟାନ୍ ଫେଷ୍ଟ ଚାଲେଞ୍ଜ

ନୂଆଦିଲ୍ଲୀ,୧୬।୪

ଦେଶର ପ୍ରମୁଖ ଟେଲିକମ୍ ବ୍ରାଣ୍ଡ୍ ୱି ପକ୍ଷରୁ ଏକ ଅଭିନବ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଛି। ଏପରିକି ୱି ୨୦ ଫ୍ୟାନ୍ ଫେଷ୍ଟ ଚାଲେଞ୍ଜରେ ଅଂଶଗ୍ରହଣ କରିବା ଲାଗି କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯାଉଛି, ଯେଉଁଥିରେ ସେମାନଙ୍କୁ ପ୍ରତି ମ୍ୟାଚ୍ ଦିନରେ କମ୍ପାନୀ ସ୍ମାର୍ଟଫୋନ୍ ଜିତିବାର ସୁଯୋଗ ପ୍ରଦାନ କରୁଛି। ବିଶେଷକରି କମ୍ପାନୀ ତା'ର ଗ୍ରାହକମାନଙ୍କ ଲାଗି ରିୱାର୍ଡ ଜିତିବାର ସୁଯୋଗ ଆଣି ଦେଇଛି। ସେହିଭଳି ଦୀର୍ଘ ଦୁଇ ମାସ ବ୍ୟାପୀ ଉକ୍ତ ପ୍ରତିଯୋଗିତାରେ ୱି ପକ୍ଷରୁ ଗ୍ରାହକଙ୍କୁ ପ୍ରତିଦିନ ସ୍ମାର୍ଟଫୋନ୍ ପ୍ରଦାନ କରାଯିବ। ପୁନଶ୍ଚ ଜଣେ ମେଗା ବିଜେତାଙ୍କୁ ଟି୨୦ ଚାମ୍ପିୟନ୍‌ଶିପ୍‌ର ଫାଇନାଲ୍ ମ୍ୟାଚ ଦେଖିବା ଲାଗି ୨ଟି ଟିକେଟ ଦିଆଯାଉଛି ବା ଜିତିବାର ସୁବର୍ଣ୍ଣ ସୁଯୋଗ ପାଇବେ ବୋଲି ୱି ପକ୍ଷରୁ ସୂଚନା ଦିଆଯାଇଛି।

ପିଏନ୍‌ବି କଟକ ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୧୬।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି)ର କଟକ ମଣ୍ଡଳ ନୂତନ ମଣ୍ଡଳ ମୁଖ୍ୟ ଭାବେ ଜଗବନ୍ଧୁ ପାଢୀ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଢୀ ଏହା ପୂର୍ବରୁ କୋଲକାତା ଜୋନ୍‌ରେ ଭିଜିଲାନ୍ସ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏପରିକି ୧୯୯୩ରେ ପାଢୀ ପିଏନବିରେ ଯୋଗ ଦେଇଥିଲେ। ପାଢୀ ବିଶେଷ କରି ପଶ୍ଚିମବଙ୍ଗ, ଓଡିଶା, ବିହାର, ଚେନ୍ନାଇ ଓ ଛତିଶଗଡ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ସଫଳତାର ସହ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ଦୀର୍ଘ ୩୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୧୧ବର୍ଷ ଶାଖା ସ୍ତରରେ ଏବଂ ୧୯ ବର୍ଷ ପ୍ରଶାସନିକ ଓ ଅଡିଟ୍ କାର୍ଯ୍ୟାଳୟରେ କାମ କରିଛନ୍ତି। ପାଢୀ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ରିଟେଲ୍, କୃଷି, ଏମ୍‌ଏସ୍‌ଏମ୍‌ଇ, ରିକଭରୀ ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ

ଜଗବନ୍ଧୁ ପାଢୀ

ଅଧିକ ଗୁରୁତ୍ୱ ଦେବା ସହିତ ଉତ୍କୃଷ୍ଟ ଗ୍ରାହକ ସେବା ଏବଂ ଅଧିକରୁ ଅଧିକ ଗ୍ରାହକମାନଙ୍କୁ ପିଏନ୍‌ବି ସହ ଯୋଡିବା ପାଇଁ ଉଦ୍ୟମ କରିବେ ବୋଲି ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପିଏନ୍‌ବି କଟକ ମଣ୍ଡଳ ଅଧିନରେ ଥିବା କଟକ, ଢେଙ୍କାନାଳ, ଅନୁଗୁଳ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ବ୍ୟାଙ୍କର ୬୯ଟି ଶାଖା ରହିଛି।

ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୬।୪

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡିଶା ୟୁନିଟ ଝାରସୁଗୁଡାଠାରେ ଏକ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା। ବିଶେଷ କରି ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପାଇଁ ମାତୃ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଏବଂ ନବଜାତକ ଯତ୍ନ ଉପରେ ଏକ ଦିନିକିଆ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏପରିକି ସ୍ଥାନୀୟ ବୃନ୍ଦାମାଳ ଗ୍ରାମରେ ଥିବା ବେଦାନ୍ତର ଆଧୁନିକ ଅଙ୍ଗନୱାଡି ନନ୍ଦଘରଠାରେ ଉକ୍ତ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା) ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଗ୍ରାମୀଣ ଗୋଷ୍ଠୀମାନଙ୍କରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କମ୍ପାନୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ଏପରିକି ଆମର ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି କମ୍ପାନୀ ଓଡ଼ିଶାରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପଦକ୍ଷେପ ଆରମ୍ଭ କରିଛୁ। ବିଶେଷ କରି ଅଣ ସଂରକ୍ଷିତ ଅଞ୍ଚଳରେ ବେଦାନ୍ତର ସାମାଜିକ ପ୍ରଭାବ ଓ ପ୍ରୟାସ ଜରିଆରେ ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟକୁ ଅଧିକ ପ୍ରୋତ୍ସାହିତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ସେହିଭଳି ମହିଳା ଏବଂ ଶିଶୁ ବିକାଶର ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ କେନ୍ଦ୍ର ଭାବେ ଉଭା ହୋଇଥିବା କମ୍ପାନୀର ନନ୍ଦଘର ଉକ୍ତ ପ୍ରୟାସର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶେଷ କରି ମେଡିକାଲ୍ ଚେକ୍ ଅପ୍ ସହିତ ମା ଏବଂ ନବଜାତ ଶିଶୁମାନଙ୍କ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ସହାୟତା ସେମାନଙ୍କର ସୁସ୍ଥତାକୁ ନିଶ୍ଚିତ କରାଇଥାଏ।

ବେଦାନ୍ତର ନନ୍ଦଘର ଜରିଆରେ ଆଶାୟୀ ତଥା ନୂତନ ମାତୃତ୍ୱ ଲାଭ କରିଥିବା ମା ମାନଙ୍କ ପାଇଁ ନିୟମିତ ସୂଚନାପୂର୍ଣ୍ଣ ଅଧିବେଶନ ତଥା ସ୍ୱାସ୍ଥ୍ୟ ଶିବିର କମ୍ପାନୀର ଝାରସୁଗୁଡା କାର୍ଯ୍ୟ କ୍ଷେତ୍ର ଅଞ୍ଚଳରେ ଆୟୋଜନ କରାଯାଇଥାଏ। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ୩୦,୦୦୦ ରୁ ଅଧିକ ମହିଳାଙ୍କ ନିକଟରେ ଉକ୍ତ ସେବା ଓ ସୁବିଧା ପହଞ୍ଚିଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏମ୍‌ଜିର ସ୍ମାର୍ଟ ଇଭି-କମେଟ ପ୍ରଦର୍ଶିତ



ନୂଆଦିଲ୍ଲୀ,୧୬।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଏମଜି ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ଅଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସ୍ମାର୍ଟ ଇଲେକଟ୍ରିକ ଭେହିକିଲ (ଇଭି) କମେଟ'ର ଉତ୍ପାଦନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀର ଗୁଜରାଟସ୍ଥିତ ହାଲୋଲ କାରଖାନାରୁ ପ୍ରଥମ ୟୁନିଟ ପ୍ରସ୍ତୁତ କରିବା ସହ ତା'ର ସ୍ମାର୍ଟ ଇଭି-କମେଟ ଉତ୍ପାଦନ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଏପରିକି ବିଶ୍ୱସ୍ତରରେ ପ୍ରଶଂସିତ ଜିଏସ ଇଭି ପ୍ଲାଟଫର୍ମ ଉପରେ ଆଧାରିତ ଏମଜି କମେଟ ଏକ ନବୋନ୍ମେଷୀ ଏବଂ ଭବିଷ୍ୟତର ଡିଜାଇନ ପରିଭାଷାକୁ ପରିସ୍ଫୁଟ କରୁଛି, ଯାହା ନିଶ୍ଚିତ ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ।

ଏ ସମ୍ପର୍କରେ ଏମ୍‌ଜି ମୋଟରର ଚିଫ୍ ଅପରେଟିଂ ଅଫିସର ବିଜୁ ବଲେନ୍ଦ୍ରନ କହିଛନ୍ତି, ଆମେ ନବୋନ୍ମେଷୀ ଏବଂ ଦୀର୍ଘସ୍ଥାୟୀ ଗମନାଗମନ ସମାଧାନ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ଏମଜି କମେଟକୁ ନେଇ ଗାଡି ଚାଳନାର ଅନେକ ଉପଭୋଗ୍ୟ ବୈଶିଷ୍ଟ୍ୟ ଥିବା ଏକ ଭବିଷ୍ୟବାସୀ ଏବଂ ପ୍ରାକ୍ଟିକାଲ ସହରାଞ୍ଚଳ ଇଭି ଆମେ ଗ୍ରାହକଙ୍କୁ ଯୋଗାଇ ଦେଇପାରିବୁ।

ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ସିଏସ୍‌ଆର୍ ଅଭିଯାନ

ଭୁବନେଶ୍ୱର,୧୬।୪

ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ (ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍) ପକ୍ଷରୁ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟିକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ବିଶେଷ କରି ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର କର୍ପୋରେଟ ସୋସିଆଲ ରେସପନସିବିଲିଟି (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଉକ୍ତ ଆମ୍ବୁଲାନ୍ସ ଦିଆଯାଇଛି। ଏପରିକି ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ସିଏସଆର ଅଭିଯାନ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ସଞ୍ଜିବନୀ ଯୋଜନା ଅଧୀନରେ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ୍‌ର କନିଗୁମା, କେରପାଇ ଓ ସିଲେଟ୍ ପଞ୍ଚାୟତର ପ୍ରକଳ୍ପ ଅଧୀନ ଅଞ୍ଚଳ ପାଇଁ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟିକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ସେହିଭଳି ଆଦିବାସୀ ଲୋକଙ୍କ ମଧ୍ୟରେ ରୋଗ ଚିହ୍ନଟ ପାଇଁ ୟୁରିନ୍ ଆନାଲାଇଜର ଓ ଡବ୍ଲୁବିସି ଆନାଲାଇଜର ଭଳି ମେଡିକାଲ୍ ଉପକରଣ ମଧ୍ୟ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ୱାଇ ବିଶ୍ୱନାଥ ଗୌଡ଼ ଉକ୍ତ ଆମ୍ବୁଲାନ୍ସ ଓ ମେଡିକାଲ୍ ଉପକରଣକୁ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆକ୍ୱିନାସ୍ ଏଡାସେରିଙ୍କୁ ପ୍ରଦାନ କରିଥିଲେ। ଏପରିକି ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟ ଭବାନୀପାଟଣାଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହସ୍ତାନ୍ତର କରାଯାଇଥିଲା।

ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ୱାଇ ବିଶ୍ୱନାଥ ଗୌଡ଼ କହିଥିଲେ ଆଦିବାସୀ ଲୋକଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଲକ୍ଷ୍ୟରେ ଏହା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ ଇଷ୍ଟ ସେଣ୍ଟ୍ରାଲ୍ ଜୋନ୍‌ର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଖୋରା, କଳାହାଣ୍ଡି ଜିଲା ସିଡିଏମ୍‌ଓ ପିଏଚ୍‌ଓ ଡା. ଗିରିଶ ଚନ୍ଦ୍ର ରାଉତ, ଡିପିଏମ୍ ଏନ୍‌ଏଚ୍‌ଏମ୍ ଅବନୀ ରଞ୍ଜନ, ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ଭୁବନେଶ୍ୱରର ଏରିଆ ମ୍ୟାନେଜର ସୁମନ୍ତ କୁମାର ପାଣିଗ୍ରାହୀ ଓ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ସିଏସ୍‌ଆର୍ ବିଭାଗ ପୂର୍ବାଞ୍ଚଳର ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଏନ୍‌ଜିଓ ଓ ଭବାନୀପାଟଣାର ସ୍ଥାନୀୟ ବାସିନ୍ଦା ମଧ୍ୟ ଯୋଗ ଦେଇଥିଲେ।

ଫୁରସତ୍

ପ୍ରେମ ମଣିଷକୁ ଦୀର୍ଘାୟୁ କରେ

ନ୍ୟୁୟର୍କ

ପ୍ରତିଟି ମଣିଷ ଦୀର୍ଘ ଦିନ ବଞ୍ଚିବାକୁ ଚାହେଁ। ହେଲେ ବର୍ତ୍ତମାନ ମଣିଷର ଜୀବନଶୈଳୀ ପାଇଁ ଦିନକୁ ଦିନ ବୟସ କମି କମି ଯାଉଛି। ହେଲେ ଜଣେ ୧୦୯ ବର୍ଷୀୟ ବ୍ୟକ୍ତି ନିକଟରେ ତାଙ୍କ ଜନ୍ମଦିନ ଜଣେ ବେଲି ଡ୍ୟାନ୍ସରଙ୍କ ସହ ପାଳିଛନ୍ତି। ମୋରୀ ମାର୍କଅଫ୍ ଏବେ ମଧ୍ୟ ଯୁବାବସ୍ଥା ଅନୁଭବ କରୁଥିବା କହିଛନ୍ତି। ସେ ତାଙ୍କ ଜୀବନକାଳ ମଧ୍ୟରେ ୨ଟି ମହାମାରୀ ଏବଂ ଗୋଟଏ ବିଶ୍ୱଯୁଦ୍ଧ ଦେଖିଛନ୍ତି। ତାଙ୍କ ସୁସ୍ଥ ଜୀବନ ବିଷୟରେ ସେ କିଛିଟା କଥା ସମସ୍ତଙ୍କ ସହ ଶେୟାର କରିଛନ୍ତି। ଯାହା ଫଳରେ ସେ ଏତେ ବର୍ଷ ପର୍ଯ୍ୟନ୍ତ ବଞ୍ଚିଛନ୍ତି। ସେ କହିଛନ୍ତି, ଜୀବନର ସବୁ ମୁହୂର୍ତ୍ତକୁ ବଞ୍ଚିବାକୁ ଚେଷ୍ଟା କରିଛନ୍ତି। କେତେ ଥର ତାଙ୍କୁ ମୃତ୍ୟୁର ସାମ୍ନା କରିବାକୁ ପଡିଛି, ହେଲେ ସେ ସେଥିରୁ ବଞ୍ଚି ଯାଇଛନ୍ତି।

କିନ୍ତୁ ସେ ସମ୍ପୃକ୍ତ ଘଟଣା ବିଷୟରେ ଅଧିକ ଚିନ୍ତା କରନ୍ତିନି। ଯେପର୍ଯ୍ୟନ୍ତ ମଣିଷକୁ କୌଣସି ରୋଗ ନ ହୋଇଛି, ସେ ବିଛଣାରେ ବେଶୀ ସମୟ ବିତାଇବା କଥା ନୁହେଁ। ସବୁବେଳେ ଆକ୍ଟିଭ୍ ରହିବା ଉଚିତ୍। ମୋରୀଙ୍କ ସ୍ତ୍ରୀ ମଧ୍ୟ ୧୦୩ ବର୍ଷ ବଞ୍ଚିଥିଲେ। ସେମାନେ ଏକାଠି ପ୍ରତିଦିନ ୩.୨ ମାଇଲ ବାଟ ପାଦରେ ଚାଲିଥା'ନ୍ତି। ସେ ଏବଂ ତାଙ୍କ ଝିଅ କେବେ ବି ଭିଟାମିନ୍ ବଟିକା ଖାଇନାହାନ୍ତି। ତାଙ୍କୁ ଯାହା ଖାଇବାକୁ ଇଚ୍ଛା ହୁଏ, ସେ ତାହା ଖାଇଥା'ନ୍ତି। ସେଥିପ୍ରତି ସେ ଏତେ ଧ୍ୟାନ ଦିଅନ୍ତିନି। ହେଲେ ୧୬ ବର୍ଷ ବୟସରେ ଧୂମପାନ ଅଭ୍ୟାସ ପାଇଁ ତାଙ୍କ ଜିଭ କର୍କଟରେ ପୀଡିତ ହେବାକୁ ପଡିଥିଲା। ଏଥିସହ ସେ ୬ ବର୍ଷ ବୟସରୁ ଏଯାଏଁ କେବେ ପାଠ ପଢିବା ଛାଡ଼ିନାହାନ୍ତି। ସେ ଗରିବ ପରିବାରର ହୋଇଥିଲେ ମଧ୍ୟ ତାଙ୍କୁ କେବେ ଭୋକିଲା ରହିବାକୁ ପଡିନି। ଛୋଟବେଳୁ ସେ ବୁଟ୍ ପଲିସି, ଖବରକାଗଜ ବିକିବା ଆଦି କାମ କରିଛନ୍ତି। ନିଜର ଭଲପାଇବା ଗୁଣ ସହ ଅନ୍ୟମାନଙ୍କୁ ମଧ୍ୟ ଭଲପାଇବା ଦେଉଛନ୍ତି। କାରଣ ଭଲପାଇବା ଯୋଗୁ ସବୁବେଳେ ମୁହଁରେ ହସ ଆସିଥାଏ।

ବୟଫ୍ରେଣ୍ଡ୍ ସହ ଗ୍ରୀଷ୍ମଛୁଟିରେ ଜାହ୍ନବୀ



ମୁମ୍ବାଇ: ବଲିଉଡ୍‌ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ତାଙ୍କ ବୟଫ୍ରେଣ୍ଡ ଶେଖର ପାହାଡ଼ିଆଙ୍କୁ ରବିବାର ସକାଳେ ମୁମ୍ବାଇ ବିମାନବନ୍ଦରରେ ଏକାଠି ଦେଖିବାକୁ ମିଳିଛି। ଦୁହେଁ ଗ୍ରୀଷ୍ମଛୁଟି କଟାଇବାକୁ ଯାଉଥିବା ଜଣାପଡ଼ିଛି। ଜାହ୍ନବୀ ସୁଟବୁଟ୍‌ରେ ଥିବାବେଳେ ଶେଖର ସାଧାରଣ ପୋଷାକରେ ଥିଲେ। ତେବେ ଏହି ମାସ ଆରମ୍ଭରେ ଦୁହିଁଙ୍କୁ ତିରୁପତି ବାଲାଜୀ ମନ୍ଦିରରେ ଏକାଠି ଦେଖିବାକୁ ମିଳିଥିଲା। ଉଭୟ ଠାକୁରଙ୍କୁ ଦର୍ଶନ କରିବା ପାଇଁ ତିରୁମାଲାରେ ପହଞ୍ଚିଥିଲେ। ଶେଖରଙ୍କ ଜନ୍ମଦିନରେ ଉଭୟ ପ୍ରଭୁ ବାଲାଜୀଙ୍କୁ ପ୍ରାର୍ଥନା କରିଥିଲେ। ଏବେ ଉଭୟଙ୍କ ପ୍ରେମକୁ ନେଇ ବି- ଟାଉନରେ ଖୁବ୍ ଚର୍ଚ୍ଚା ଲାଗି ରହିଛି। ଶେଖର ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ସିନ୍ଦେଙ୍କ ନାତି। ପୂର୍ବରୁ ଦୁହିଁଙ୍କ ମଧ୍ୟରେ କିଛି ଦିନ ପାଇଁ ବ୍ରେକ୍‌ଅପ ହୋଇଥିଲା, ହେଲେ ଏବେ ସେମାନେ ଏକାଠି ହୋଇଛନ୍ତି। ଆସନ୍ତା ଅକ୍ଟୋବର ୬ରେ ରିଲିଜ୍ ହେବାକୁ ଥିବା ନିର୍ଦ୍ଦେଶକ ନୀତୀଶ ତିୱାରୀଙ୍କ ଫିଲ୍ମ 'ବୱାଲ'ରେ ଜାହ୍ନବୀଙ୍କୁ ଦେଖିବାକୁ ମିଳିବ। ତାଙ୍କ ସହ ବଲିଉଡ୍ ଅଭିନେତା ବରୁନ ଧୱନ ସ୍କ୍ରିନ ଶେୟାର କରିବେ। ଏଥିସହ ଜାହ୍ନବୀ ଫିଲ୍ମ 'ଏନ୍‌ଟିଆର୍-୩୦' ଜରିଆରେ ଟଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେଥିରେ ସେ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ନଜରକୁ ଆସିବେ।

ପୃଥିବୀକୁ ଆସିଲା ମହାକାଶୀୟ ଟମାଟୋ

ନୂଆଦିଲ୍ଲୀ

ମହାକାଶରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନରେ ଫଳିଥିବା ଟମାଟୋ ଶନିବାର ପୃଥିବୀକୁ ଫେରିଛି। ଏନେଇ ନାସା ଘୋଷଣା କରିଛି। ମହାକାଶଯାନ ସ୍ପେସ୍ ଏକ୍ସ ସିଆର୍‌ଏସ୍-୨୭ ଜରିଆରେ ଏହାକୁ ପୃଥିବୀକୁ ଭାରତୀୟ ସମୟ ରାତି ୮ଟା ୧୫ରେ ଅଣାଯାଇଛି। ଏହି ଯାନ ପାଖାପାଖି ୨ ହଜାର କିଲୋ ଓଜନ ବହନ କରିପାରେ। ମହାକାଶ କେନ୍ଦ୍ରର ପ୍ରୟୋଗଶାଳାରେ ଏହି ଟମାଟୋ ୧୦୪ ଦିନ ମଧ୍ୟରେ ୩ ଥର ଅମଳ ହୋଇଥିଲା। ଟମାଟୋ ପୃଥିବୀକୁ ଆସିବା ପରେ ନାସାର କେନେଡି ସ୍ପେସ୍ ସେଣ୍ଟର ଫ୍ଲ

ସରକାରୀ ଔଷଧ ବିତରଣ ନ କରି ପୋଡ଼ିଦେଲେ

ଔଷଧଗୁଡିକୁ ପୋଡ଼ାଯାଇଥିବା ଜଣାଯାଇଛି । ଏହି ଔଷଧ ମଧ୍ୟରେ କିଛି ଓଆର୍‌ଏସ୍ ପ୍ୟାକେଟ୍, ଥଣ୍ଡା ପାଇଁ ଲିଭୋସେଟ୍ରିଜିନ୍ ସିରପ୍ ଓ ଆଣ୍ଟି ବାୟୋଟିକ୍ ରହିଛି । ଡାକ୍ତରଖାନା କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୋଲେରୋ ସାହାଯ୍ୟରେ ବିଭିନ୍ନ ଗ୍ରାମାଞ୍ଚଳରେ ବୁଲି ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ଜରିଆରେ ସାଧାରଣ ଜନତାଙ୍କୁ ମାଗଣାରେ ସରକାରୀ ଔଷଧ ବିତରଣ କରାଯାଇଥାଏ । ତେବେ ଏହି ଔଷଧଗୁଡ଼ିକ କିଏ କାହିଁକି ବାହାରେ ପୋଡିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଡାକ୍ତରଖାନାର ଭରପ୍ରାପ୍ତ ଅଧିକାରୀ ଦେବବ୍ରତ ଜେନା ବସ୍ତାରେ ନ ଥିବା ଯୋଗୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ ।

ବସ୍ତା, ୧୬।୪(ଡି.ଏନ.ଏ.): ସ୍ୱାସ୍ଥ୍ୟସେବାରୁ ଯେପରି କେହି ବଞ୍ଚିତ ନ ରହିବେ ସେଥିଲାଗି ସରକାର ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି । ହେଲେ ଅନେକ ସ୍ଥାନରେ ଏହାକୁ ବିତରଣ କରା ନ ଯାଇ ପରବର୍ତ୍ତୀ ସମୟରେ ପୋଡ଼ି ଦିଆଯାଉଥିବା ନଜରକୁ ଆସୁଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ବସ୍ତା ଡାକ୍ତରଖାନାଠାରୁ ୪୦୦ ମିଟର ଦୂର ରାମଚଣ୍ଡୀ ମନ୍ଦିର ନିକଟରେ । ଏଠାରେ ବହୁ ପରିମାଣରେ ସରକାରୀ

idco Your partner in growth ISO 9001 & 14001 Corporation NEW OPPORTUNITIES

ODISHA OFFICE OF THE CHIEF GENERAL MANAGER (P&C)
IDCO, IDCO TOWERS, BHUBANESWAR-751022

No. CAD-181
Tender Call Notice No. H.O./P&C/EST-E-1748/01/2021/11210 Dated: 13.04.2023

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Sl. No.	Name of Work	Value of Work (Approx.)	Period of Completion
1	Laying of treated water rising main from Odisha Biotech farm Junction to Odisha Adarsha Vidyalaya at Andharua, Bhubaneswar	Rs.75.10 lakh	03 (Three) Calendar Months

1. Other details

Procurement Officer	Bid Identification No.	Availability of Tender Online for Bidding	
		From	To
1	2	3	4
Chief General Manager (P&C), IDCO, IDCO Towers, Bhubaneswar-751022	Bid Id No. P&C/ EST/E-05/2023-24	17.00 hours of 20.04.2023	17.00 hours of 06.05.2023

Further details can be seen from the e-Procurement Portal: **www.tendersodisha.gov.in.** Corrigendum or addendum if any will not be published in Newspapers and can only be seen in the e-Procurement portal **www.tenderodisha.gov.in** as well as IDCO website: **www.idco.in.**

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0010/2324

boyanika No.PP-05

EXPRESSION OF INTEREST

No.1073 **Dt.13.04.2023**

Offers are invited from the interested house/shop owners to let out their house/shop for opening of Boyanika showroom at **Singhadwar, Puri.** The last date and time of submission of offers is **24.04.2023 at 2.00 P.M.** Refer our website **www.boyanika.com** for details.

OIPR-31004/11/0003/2324 **Sd/- Managing Director**

PANCHAYAT SAMITI OFFICE
TANGARPALI, DIST.: SUNDARGARH
No. 923 Date: 14.04.2023

CORRIGENDUM

No. i-72: As desired by Tender Committee, the bidders can submit Security Deposit in the shape of TDR in additional to as mentioned in Tender Call Notice No. 716 dated 27.03.2023.
Hereby, the last date of receipt of tender paper is extended upto Dt.24.04.2023 (1.00 P.M.) and the tender paper will be opened on Dt.26.04.2023 at 10.00 A.M.
All other terms and conditions shall stand as notified.

Sd./- Block Development Officer
Tangarpali
OIPR-19342/11/0001/2324

OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 01/2023-24
No. 538 **Date: 13.04.2023**

No. B-75: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.20.04.2023 at 05.00 P.M. of Dt.06.05.2023 upto 05.00 P.M. The bidders must possess Compatible Digital Signature Certificate of Class II or III. Bids received online shall be opened Dt.08.05.2023 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0004/2324

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
CENTRAL WORKSHOP, RASULGARH
Bhuabeswar-751010 (Odisha),
Tel- 0674-2580107, E-mail: gmocclcws@gmail.com
No. CAD-179:- **(GSTIN: 21AAACO2571K2ZM)**

"e"- Procurement Notice No. 03/OCCL/2023-24 (on-line)

Type of work : Supply of casting materials for Radial gate for spillway of Ghatakeswar Multipurpose Project.
Total No. of work : 01 (One).
Period of supply : 120 (One hundred twenty) days.

Procurement Officer	Bid Identification No.	Cost of Tender document (Including GST) through online transfer system	Availability of tender (On-line)	Submission of Bid (On-line)
General Manager (Mech.), OCC Ltd., Central Workshop, Rasulgarh, Bhubaneswar	OCCL-MECH/ CWS/ 01 /2023-24	Rs.7080/- (Non-refundable)	17.04.2023 10.00AM to 27.04.2023 5.00 PM	17.04.2023 10.00AM to 27.04.2023 5.00 PM

Date of opening of the Technical Bid : 28.04.2023 at 11.30 A.M.
Further details can be seen from the Govt, website (**www.tendersodisha.gov.in**)
Amendment / corrigendum / cancellation, if any shall be posted on-line only.

Sd./- General Manager (Mech.)
OIPR-34120/11/0005/2324 **OCC Ltd., Bhubaneswar**

See Career Appointment on every **Wednesday & Saturday**

OFFICE OF THE COLLECTOR AND DISTRICT MAGISTRATE, KHORDHA
(Revenue Section)
No. 4901 **Date: 11.04.2023**

Quotation Call Notice

No. F-12:- The selection of agency for drone survey work on hiring basis to be used for creation of a libray folder of drone footage taken on a daily basis at three different hours of the day and to ensure that these footages are preserved for a construable length of time to aid effective monitoring up to 200 meter (may be extended up to 1 KM) from HTL in Chilika lake under Khordha district.

The detail quotation call notice can be downloaded from District website i.e. www.khordha.nic.in

Sd./- Collector & District Magistrate, Khordha
OIPR-24351/11/0004/2324

OFFICE OF THE PANCHAYAT SAMITI, KUSUMI
At/P.O.: Kusumi, Dist.: Mayurbhanj, Odisha
E-Mail: ori-Kusumi@nic.in

No. i-76: Sealed tenders are invited from interested "C & B" Class contractors registered with the Govt. for execution of Civil work under **Panchayat Samiti, Kusumi, Mayurbhan**. The eligible criteria and the details of the tender documetns which can be downloaded from the website **www.mayurbhanj.nic.in**. Interested bidders fulfilling the eligibility criteria may submit their proposals to the **O/o. BDO, Kusumi only through Courier/Speed Post/Registered Post only**. Other mode of communication will not be entertained.

1. Sale of Tender Papers: **17.04.2023 to 28.04.2023 upto 5.00 P.M.**
2. Last date of receipt of tender paper: **29.04.2023 upto 5.00 P.M.**
3. Date of opening of tender papers at Meeting Hall, Kusumi Block, Kusumi, Mayurbhanj: **03.05.2023 at 11.00 A.M.**
4. Mode of Receipt: **Through Courier/Speed Post/Registered Post** only to O/o. **BDO, Kusumi, At/P.O.: Kusumi, Dist.: Mayurbhanj**.
5. Envelope should be **superscribed** with the name of the works for which tender paper is being submitted **otherwise will be rejected**.
6. The tender paper **received after due date or time** will liable for **rejection**.

Authority reserves the right to reject all or any of the tender without assigning any reason thereof. Again the authority will not held responsible for any postal delay.

Sd./- Block Development Officer, Kusumi
Mayurbhanj
OIPR-19354/11/0002/2324

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR
No.B-68 **E-mail: eeroads.khr@rediffmail.com**
No. 1836 **Invitation for Bids** **Date: 13.04.2023**

Bid Identification No. S.E. (RNB) KHARIAR-01/2023-24

1	The Executive Engineer, Kheriar (R&B) Division, Kheriar on behalf of Governor of Odisha invites Percentage rate **composite** bids in **double cover system** in **ONLINE MODE** only.	
2	Nature of work	Building Work.
3	No. of work	01 No. Building Work.
4	Tender Paper Cost	10,000/- to be remit online only.
5	Class of Contractor	As specified in the notice for the respective work.
6	Availability of Bid Documents in the website	10.00 hours of 21.04.2023 to 17.00 Hours of 06.05.2023
7	Date of opening of Technical Bid	Dt.08.05.2023 at 11.30 hours
8	EMD/Bid Security	As specified in the notice to be remitted online only
9	The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.	

Sd./- Executive Engineer, Kheriar (R&B) Division, Kheriar
OIPR-34062/11/0004/2324

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION, CUTTACK
MAHANADI BIHAR, CUTTACK- 753004
Govt. of Odisha e-procurement Notice
Bid Identification No. RWSSCTC1/2023-24

No.O-46:- The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

1	Nature of work	:	RPWS to Ballavpur under Salepur Block
2	No. of tender	:	01 No.
3	Tender paper cost	:	Rs.6,000/-
4	Value of work	:	Rs.36.46 Lakh
5	Class of contractor	:	'B' & 'C' Class
6	Date and time of availability of bid document in portal	:	11 hour of 18.04.2023 to 28.04.2023 upto 17 hours
7	Date & time of seeking tender clarification	:	27.04.2023 upto 17 hours
8	Date & time of opening of tender	:	29.04.2023 at 11.30 hours in the Office of the Superintending Engineer, RWS&S Division, Cuttack
9	Time of completion	:	06 months
10	The bidders have to participate in online bidding only. Further details can be seen from the website https://www.tendersorissa.gov.in		

Sd./- Superintending Engineer, RWS&S Division, Cuttack
OIPR-25022/11/0001/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]

TENDER CALL NOTICE

Bid Identification No. SC (R&B)-GM-II-03/2023-24, No.4338, Dated 12.04.2023

No. B-77:-
1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 02 Nos.
4) Tender Cost : Rs.10,000/-
5) Class of Contractor : 'B' class
6) Availability of bid documents in the website : From 21.04.2023 10.00 AM to 03.05.2023 4.00 P.M.
7) Date of opening of Bid : 04.05.2023 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in**

(Sd./-T.K.Panigrahy)
Superintending Engineer, Ganjam (R&B) Division No.II
OIPR-34080/11/0003/2324

GOVERNMENT OF ODISHA No.A-35
Office of the Superintending Engineer, Berhampur Irrigation Division, Berhampur
Phone/FAX No. 0680 2281983, e-mail: eebam_irr@yahoo.com
e-Procurement Notice No. e-BEID-01/2023-24

1. Name of the Scheme : **Critical, State Plan, Restoration & Road works for the F.Y. 2023-24**
2. Total No. of Works : **45 (Forty Five) Nos. of Individual works.**
3. Estimated Cost : **Varies from Rs.6.71 Lakhs to Rs.44.36 Lakhs.**
4. Period of Completion : **Six months.**
5. Other details as follows :

Sl. No.	Procurement Officer	Bid Identification No.	Period of availability of Bids online	Period of submission of Bids online	Date and Place of opening of Bids online
1	2	3	4	5	6
1 to 45	Superintending Engineer, Berhampur Irrigation Division, Berhampur	e-BEID-1/ 2023-24 to e-BEID-45/ 2023-24	From 18.04.2023 (10.00 A.M.) to 27.04.2023 (5.30 P.M.)	From 18.04.2023 (10.00 A.M.) to 27.04.2023 (5.30 P.M.)	28.04.2023 (11.00 A.M.) in the Office of the Superintending Engineer, Berhampur Irrigation Division

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site **www.tendersorissa.gov.in**. Any addendum/Corrigendum/cancellation of the tender can be seen in the above website only.

OIPR-32025/11/0001/2324 **Sd./- Superintending Engineer, Berhampur Irrigation Division**

OFFICE OF THE SUPERINTENDING ENGINEER
RURAL WORKS DIVISION NO.-I, KEONJHAR
'e' Procurement Notice for Road Works
Identification No. Online NCB- 01/2023-24

No.O-52:- 1. Name of the work: 1 No. Road & 1 No. Bridge work. 2. Total number of work: 2 Nos. 3. Estimated cost: Rs.68.14 Lakhs & 93.05 Lakhs. 4. Class of contractor: As per Annexure. 5. Period of completion: As per Annexure. 6. Other details:

Procurement Officer	Bid Identification No.	Availability of tender online for bidding		Last date & time of seeking tender clarification	Date & time of opening of tender in O/o S.E., R.W. Division-I, Keonjhar	
		From	To		Technical bid	Financial bid
1	2	3	4	5	6	7
Superintending Engineer, Rural Works Division-I, Keonjhar	Road Online NCB No.01	Dt.18.04.23 at 11.00 A.M.	Dt.26.04.23 upto 5.00 P.M.	Dt.25.04.23 upto 5.00 P.M.	Dt.27.04.23 at 11.00 A.M.	Will be intimated later

Further details can be seen from the Website **www.tenderorissa.gov.in**
OIPR-25110/11/0002/2324 **Sd./- Superintending Engineer, R.W. Division-I, Keonjhar**

GOVERNMENT OF ODISHA No.A-29
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, MECHANICAL DIVISION, ROURKELA - 769004, DIST.: SUNDERGARH
E-mail: eemech.rkl@gmail.com
e-Procurement Notice (Bid Identification No. SE/RMD/01/2023-24 Dt.11.04.2023)

1. Name of the Work : Supply, Fabrication, Erection, Testing and Commissionin of Hydraulic Gates of Check Dams under Minor Irrigation Division, Sundergarh
2. No. of Works : 10 (Ten Nos.)
3. Category of Executors : SSI Units registered under DIC/NSIC/ MSME for Irrigation Shutters/Hydro Mechanical Gates.
4. Bid Identification No. : SE/RMD-01/2023-24 Dt.11.04.2023
5. Estimated Cost : Rs.846147.00, Rs.847108.00, Rs.847108.00, Rs.606754.00, Rs.606754.00, Rs.627636.00, Rs.624492.00, Rs.631428.00, Rs.633463.00, Rs.631975.00 (Excluding 18% GST)
6. Period of Completion of Work : Thirty Calendar Days
7. Date & time of availability of Bid documents in the portal : From Dt.18.04.2023 (10.00 A.M.) to Dt.27.04.2023 (5.30 P.M.)
8. Last date/time for receipt of Bid in the Portal : Dt.28.04.2023 (upto 5.30 P.M.)
9. Date and place of opening of Bid in the O/o. the undersigned) : Dt.29.04.2023 (11.00 A.M. onwards)
10. Name of the Officer Inviting : Superintending Engineer, Mechanical Division, Rourkela

Further details can be seen from the e-procurement portal **https://tendersodisha.gov.in**.

Sd./- Superintending Engineer (M)
Mechanical Division, Rourkela
OIPR-32064/11/0001/2324

GOVERNMENT OF ODISHA No. A-28
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, EASTERN CIRCLE-I, CUTTACK
Email id: seeccuttack@gmail.com
'e' Procurement Notice No. ACE, EC-I/03 of 2023-24 (Online)

The Additional Chief Engineer, Eastern Circle-I, Cuttack on behalf of the Governor of Odisha invites Online tenders through e-procurement portal for execution of work. The bid should be submitted by eligible Service Provider Agency through Online mode in the Govt. website: **www.tendersodisha.gov.in**. The bidders should have necessary portal enrolment (with own Digital Signature Certificate).
Bids in online mode **www.tendersodisha.gov.in** invited under double cover system from reputed and experienced Service Provider Agency for engagement of different categories of personnel on outsourcing basis for Odisha State Maritime Museum, Jobra, Cuttack. The details of the bidding process are as follows:

1	Name of Work	:	Providing Supervisor, Security Guard, Gardener (Mali), Sweeper & Attendant for Odisha State Maritime Museum, Jobra, Cuttack. **Bid Identification No. ACE, EC-I OSMM 01 of 2023-24**
2	Total No. of Package	:	1 No. package
3	Tender Paper Cost (Non-refundable)	:	Rs.10,000.00/- (Online)
4	EMD	:	Rs.1,31,200.00 (Online)

5. Bid details are as follows:

Procurement Officer	Bid Identification No.	Class of Contractor	Availability of Tender Online for Bidding		Date of Opening of Technical Bid (Cover-I)
			From	To	
Additional Chief Engineer, Eastern Circle-I, Cuttack	ACE, EC-I OSMM 01 of 2023-24	Service Provider Agency	19.04.2023 at 10.00 hrs.	03.05.2023 upto 17.30 hrs.	04.05.2023 at 11.30 hrs.

Other terms and conditions can be seen from the Govt. website **www.tendersodisha.gov.in**.
All corrigendum/cancellation of tender if any, will only be uploaded in the above website.
The bids can also seen in the OSMM, Jobra, Cuttack website **http://odishastatemaritimemuseum.org** but online bidding can only be done in the e-procurement portal **www.tendersodisha.gov.in**.

OIPR-32370/11/0003/2324 **Sd./- Additional Chief Engineer, Eastern Circle-I, Cuttack**

OFFICE OF THE DISTRICT MANAGER No.CAD-175
ODISHA STATE CIVIL SUPPLIES CORPORATION LTD., BALANGIR
Phone No. 9438200035, email id- csobalangir@gmail.com
Tender Call Notice No.2213 dated 13.04.23 for Level-I Transport Contractor, No.2214 dated 13.04.23 for Handling Contractor and from No. 2215 to 2230 dated 13.04.23 for Level-II Transport Contractor in Bolangir District for the biennial 2023-25

Activities	Calendar for different activities	
	For Level-I Transport Contractor and Handling Contractor	For Level-II Transport Contractors
Availability of tender document	15.04.2023	17.04.2023
Pre-bid conference date, time and venue	20.04.2023, 9.00 A.M. Office of CSO, Bolangir	20.04.2023, 9.00 A.M., Office of CSO, Bolangir
Last date of online submission of complete tender documents with enclosures	02.05.2023, 5.00 P.M.	03.05.2023, 5.00 P.M.
Date, time and venue for opening of technical bid by the tender committee	03.05.2023, 8.30 A.M. Conference Hall of Collectorate	04.05.2023, 8.30 A.M., Conference Hall of Collectorate
Date, time and venue of submission of original documents in support of scanned copies uploaded in the portal for verification committee	03.05.2023, 11.30 A.M., Conference Hall of Collectorate	04.05.2023, 12.00 P.M., Conference Hall of Collectorate
Date and time of financial bid opening by the tender committee (Only of technically qualified bidders)	03.05.2023, 11.30 A.M., Conference Hall of Collectorate	04.05.2023, 12.00 P.M., Conference Hall of Collectorate
Venue of the opening of technical & financial bid	Conference Hall of Collectorate, Bolangir	
Name and address of the officer inviting tender	District Manager, OSCSC Ltd., Bolangir	

Tender documents and other details can be seen from www.tendersodisha.gov.in, www.oscsc.in & www.foododisha.in. Amendments / corrigendum / cancellation / re-tender etc., if any shall be published only in the above websites.
OIPR-07031/11/0002/2324 **Sd./- District Manager, OSCSC Ltd., Bolangir**

NOTICE
No. 2302 **Date 13.04.23**
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

No. E-33:- In pursuance to Advt.1306, dt-19.07.2022 of CDM & PHO Sundargarh, objections are invited from the candidates for the post of **District Programme Coordinator (DPC) and Senior Treatment Supervisor (STS) under NHM, Sundargarh**. For this, provisional database of candidates has been prepared as per the documents submitted by the candidates and hoisted in the official website i.e. **www.Sundergarh.nic.in**. Candidates are requested to login the website and submit their objections, if any, through Regd. Post/ Speed Post/Courier only on or before **27.04.2023 upto 1.00 P.M.** to the **Office of the CDM & PHO, Sundargarh District Headquarter Hospital, Sundargarh, Pin Code-770001.** No fresh documents in any form shall be accepted, except documents relating to correction of typographical error if any.

Sd./- Chief District Medical & PHO
cum District Mission Director
OIPR-10100/11/0003/2324 **Sundargarh**

NOTIFIED AREA COUNCIL, KHALLIKOTE, GANJAM
PIN No. - 761030, Tele: 06810 256333 (O), Email: nackhallikote@gmail.com
Letter No. 910 **Date: 15.04.2023**

DETAILS SHORT QUOTATION CALL NOTICE

No. C-96: Sealed quotations are invited from individual Farms/Fabrication Units for **"Development of Economic Corridor at SH-30 (Khallikote-Boirani-Aska Road) Provisioning with Vending Zone, Illumination, Open Space Development and Food Court at Khallikote NAC"** as per requirement. The quotation paper can be available from the NAC Office, Khallikote from **11.00 A.M. of Dt.17.04.2023 to 1.00 P.M. of Dt.25.04.2023** during office hours with payment of quotation paper cost amounting to **Rs.6,000/- (Rupees Six Thousand only)** by cash. Interested parties can drop their willingness by Quotation paper obtained from NAC, Khallikote office on or before **3.00 P.M. of Dt.25.04.2023**. Quotationers are required to quote their rates inclusive all taxes complete and submitted their PAN, GST Clearance, TIN etc. & deposit EMD amount **Rs.20,000/- (Rupees Twenty Thousand Only)** by Cash or D.D. or in shape of Pledge in favour of E.O., NAC, Khallikote. The quotation shall be opened at **4.00 P.M. on Dt.25.04.2023** in the presence of the quotationer or their authorized representative in the office chamber of Executive Officer, NAC, Khallikote. The office is not responsible for absence of any quotationer or their representative during the opening of quotations. The authority reserves the right to reject any or all the quotations without assigning any reason thereof.

QUOTATION DETAILS

Sl. No.	Product Description	Unit	Qnty.	Rate (Excluding GST)	Amount (Including GST)
1	Supplying, fitting fixing of M.S. Angles of approved specification and approved quality with cost, conveyance, royalties and taxes of all materials, all labour and T&P required for the work etc. complete including of all civil works with paver platform and Illumination all surrounding of Open space development for Food Court in all respect as per the direction of Engineer-in-Charge. **Details of Items for Food Court Mentioned at below:** 3.00 Mtr. × 3.00 Mtr. hexagon shape (3 Nos. individual of Shop) of Food Court with MS Angler, Pipe for Trusses, Angler perlin for support, G.I. sheet for periphery of surrounding wall with openable door with all accessories, Krill sheet for roof with protection of sunshade, Painting two coats over a coat of primer of MS square pipe and GI Sheet of any approved paint and other assessories with completion of including of all civil works with paver platform and Illumination all surrounding of Open space development for (Size 16.00 Mtr. × 12.00 Mtr.) and 3 Nos. of Stainless Steel Fixed Table (Dia 1.00 Mtr.) with 12 Nos. of Stainless Steel Fixed Tools (Dia 0.300 Mtr.)	No.	01		

OIPR-13110/11/0001/2324 **Sd./- Executive Officer, Notified Area Council, Khallikote**

ODISHA PUBLIC SERVICE COMMISSION, CUTTACK
NOTICE
No. 3472/PSC Dt.15.04.2023
1E-08-2021-22 (DR-III)

No. D-15: It is for information of all concerned that the Written Examination for the post of **Post Graduate Teachers under Science Streams** in Group-B State Service for newly created 10 Nos. of Kalinga Model Residential Schools (KMRSs) & Biju Pattnaik Adarsha Bidyalaya under ST & SC Development Department pursuant to **Advt. No. 21 of 2021-22** will be held **on 30.04.2023 (Sunday)** in Cuttack Zone as per the following programme.

TIME TABLE

Date	Session	Time	Subject	
30.04.2023	**Session - I** (Forenoon)	09.30 A.M. to 10.30 A.M. (9.30 A.M. to 10.50 A.M. for PwD Candidates) Duration - 1 hour	**Part - A**	**(Compulsory Subject)**
			(i)	General English
			(ii)	Computer Aptitude
			(iii)	Pedagogy
			(iv)	General Knowledge
	Session - II (Forenoon)	11.30 A.M. to 01.30 P.M. (11.30 A.M. to 2.10 P.M. for PwD Candidates) Duration - 2 hours	**Part - B**	**(Concerned Optional Subject)**
			(i)	Physics
			(ii)	Chemistry
			(iii)	Biology
			(iv)	Mathematics
			(v)	Computer Science

CUTTACK ZONE

Sl. No.	Name of the Examination Centres	Total No. of Candidates Allotted
1.	DAV Public School (North Block) Sector - 6, CDA, Cuttack	432
2.	DAV Public School (South Block) Sector - 6, CDA, Cuttack	432
3.	Saraswati Shishu Vidya Mandir, Tulasipur, Cuttack	513
4.	Saraswati Shishu Vidya Mandir, College Square, Cuttack	480

2. The candidates are requied to download the **"Admission Certificate"** & **"Instruction to Candidates"** from website of the Commission **(www.opsc.gov.in) from 24.04.2023 onwards**. The list of candidates admitted to the examination along with their respective Roll Numbers and examination centre allotted are available in the website of the Commission **(www.opsc.gov.in) from 24.04.2023 onwards.**

OIPR-12002/11/0006/2324 **Sd./- Secretary**

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଅଭିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଭେଙ୍କଟେଶ୍‌ଙ୍କ ଶତକ ସତ୍ତ୍ୱେ କୋଲକାତା ପରାସ୍ତ

ମୁମ୍ବାଇ ଇଣ୍ଡିଆନ୍ସର ଦ୍ୱିତୀୟ ବିଜୟ

ମୁମ୍ବାଇ, ୧୬।୪

ଭେଙ୍କଟେଶ ଆୟାରଙ୍କ ଶତକ ସତ୍ତ୍ୱେ କୋଲକାତା ନାଇଟ ରାଇଡର୍ସ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ନିକଟରୁ ହାରି ଯାଇଛି। ନାଇଟ ରାଇଡର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୮୫ ରନ କରିଥିବାବେଳେ ମୁମ୍ବାଇ ୧୭.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ସ୍ପର୍ଶ କରିଥିଲା। କୋଲକାତା ପରାଜିତ ହୋଇଥିଲେ ହେଁ ଶତକୀୟ ଇନିଂସ ପାଇଁ ଭେଙ୍କଟେଶ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଚଳିତ ଆଇପିଏଲ୍‌ରେ ମୁମ୍ବାଇର ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ କୋଲକାତାର ତୃତୀୟ ପରାଜୟ।

ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ୧୧ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭେଙ୍କଟେଶ୍ ଦୃଢ଼ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିବାବେଳେ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ କୋଲକାତା ଇନିଂସ ୧୮୫/୬ରେ ସୀମିତ ରହି ଯାଇଥିଲା। ୫୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଭେଙ୍କଟେଶ୍ ୬ ଚୌକା ଓ ୯ ଛକା ସହାୟତାରେ ୧୦୪ ରନ ସଂଗ୍ରହ କରିଥିଲେ। ଚଳିତ ଆଇପିଏଲ୍‌ରେ ଏହାଥିଲା ଦ୍ୱିତୀୟ ଶତକ। ପୂର୍ବ ମ୍ୟାଚ ଗୁଡ଼ିକରେ ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଚର୍ଚ୍ଚାରେ ରହିଥିବା ରିଙ୍କୁ ସିଂ (୧୮ ରନ), ଶାର୍ଦ୍ଦୁଲ ଠାକୁର (୧୩), ଅଧିନାୟକ ନୀତୀଶ ରାଣା (୫) ଏଠାରେ ଫେଲ ମାରିଥିଲେ। ନୀତୀଶଙ୍କୁ ଆଉଟ କରିବାପରେ ହ୍ରିତିକ ଶୋକେନ ବିଦାୟ ପଥ ଦେଖାଇଥିଲେ। ଫଳରେ ନୀତୀଶ ଉତ୍ତେଜିତ ହୋଇ ପଡ଼ିଥିଲେ। ମୁମ୍ବାଇର ଅଧିନାୟକ ଦାୟିତ୍ୱ ତୁଲାଉଥିବା ସୂର୍ଯ୍ୟକୁମାର ଯାଦବ ଏବଂ ଅଭିଜ୍ଞ ସ୍ପିନର ପୀୟୂଷ ଚାୱଲାଙ୍କ ହସ୍ତକ୍ଷେପ ଯୋଗୁ ସ୍ଥିତି ନିୟନ୍ତ୍ରଣାଧିନ ରହିଥିଲା। ମୁମ୍ବାଇ ବୋଲରଙ୍କ ମଧ୍ୟରେ ହ୍ରିତିକ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

ପାକସ୍ତଳୀରେ ଯନ୍ତ୍ରଣା ଯୋଗୁ ରୋହିତ ଶର୍ମା ଏହି ମ୍ୟାଚରେ ନେତୃତ୍ୱ ନେଇ ନ ଥିଲେ କି ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇ ନ ଥିଲେ। ତେବେ ସେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଆସି ବ୍ୟାଟିଂ ସମୟରେ ଇନିଂସ ଓପନ କରିଥିଲେ। ମୁମ୍ବାଇ ରୋହିତ ଓ ଇଶାନ କିଶନଙ୍କ ସହାୟତାରେ ଦ୍ରୁତ ଆରମ୍ଭ କରିଥିଲା। ଦୁହେଁ ଓପନିଂ ଯୋଡ଼ିରେ ୨୯ ବଲ୍‌ରୁ ୬୫ ରନ ସଂଗ୍ରହ କରି ଦଳର ଅଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲେ। ରୋହିତ ୨୦ ରନରେ ଆଉଟ ହୋଇଥିବାବେଳେ ଏଠାରେ ଫର୍ମକୁ ଫେରି କିଶନ ୫୮ (୨୫ ବଲ, ୫ ଚୌକା, ୫ ଛକା) ଓ ସୂର୍ଯ୍ୟକୁମାର ୪୩ (୨୫ ବଲ, ୪ ଚୌକା, ୩ ଛକା) ରନ ସ୍କୋର କରିଥିଲେ। ମିଡିଲ ଅର୍ଡରରେ ତିଳକ ବର୍ମା ୩୦ (୨୫ ବଲ, ୩ ଚୌକା, ୧ ଛକା) ରନ କରିଥିଲେ। ଟିମ୍ ଡାଭିଡ ୨୪ (୧୩ ବଲ, ୧ ଚୌକା, ୨ ଛକା) ରନରେ ଅପରାଜିତ ରହି ୨.୨ ଓଭର ପୂର୍ବରୁ ଦଳକୁ ଜିତାଇଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ସୂୟାଶ ଶର୍ମା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

ଶତକ ହାସଲପରେ ଭେଙ୍କଟେଶ୍ ଆୟାର।

ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୮୫/୬ (ଭେଙ୍କଟେଶ୍ ଆୟାର-୧୦୪, ଆନ୍ଦ୍ରେ ରସେଲ-୨୧*, ହ୍ରିତିକ ଶୋକେନ-୨/୩୪, ପୀୟୂଷ ଚାୱଲା-୧/୧୯, କାମେରନ ଗ୍ରୀନ୍-୧/୨୦, ରିଲେ ମେରେଡିଥ୍-୧/୪୦, ଡୁଆନ ଜାନସେନ-୧/୫୩)। ମୁମ୍ବାଇ ଇଣ୍ଡିଆନ୍ସ ୧୭.୪ ଓଭରରେ ୧୮୬/୫ (ଇଶାନ କିଶନ-୫୮, ସୂର୍ଯ୍ୟକୁମାର ଯାଦବ-୪୩, ତିଳକ ବର୍ମା-୩୦, ଟିମ୍ ଡାଭିଡ-୨୪*, ସୂୟାଶ ଶର୍ମା-୨/୨୭, ଲୋକି ଫର୍ଗୁସନ-୧/୧୯, ଶାର୍ଦ୍ଦୁଲ ଠାକୁର-୧/୨୫, ବରୁଣ ଚକ୍ରବର୍ତ୍ତୀ-୧/୩୮)।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ବାଙ୍ଗାଲୋର ବନାମ ଚେନ୍ନାଇ
ସ୍ଥାନ:ବେଙ୍ଗାଲୁରୁ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ

ପ୍ରତିଦ୍ୱନ୍ଦ୍ୱିତା କରିବେନି ବ୍ରିଜ ଭୂଷଣ

ଗୋଣ୍ଡା (ଉତ୍ତର ପ୍ରଦେଶ), ୧୬।୪ (ପି.ଟି.): ଭାରତୀୟ ଭାରୋତ୍ତୋଳନ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନ ମେ' ୭ ତାରିଖରେ ହେବ। ହେଲେ ଏଥିରେ ସଭାପତିପଦବୀ ପାଇଁ ଲଢ଼ିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ବ୍ରିଜ ଭୂଷଣ ଶରନ ସିଂ। କିନ୍ତୁ ସଂଘ ମଧ୍ୟରେ ତାଙ୍କୁ ନୂଆ ଭୂମିକାରେ ଦେଖିବାକୁ ମିଳିପାରେ ବୋଲି କହିଛନ୍ତି। ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଥିଲା। ଏକ ସରକାରୀ ପ୍ୟାନେଲ ଏହାର ତଦନ୍ତ କରୁଛି। ପ୍ୟାନେଲ ରିପୋର୍ଟକୁ ସେ ଅପେକ୍ଷା କରିଛନ୍ତି। ସେକ୍ରେଟାରି ଜେନେରାଲ ଭିଏନ୍ ପ୍ରସୁଦ ଡବ୍ଲ୍ୟୁଏଫ୍‌ଆଇର ସାଧାରଣ ପରିଷଦ ଓ କାର୍ଯ୍ୟନିର୍ବାହୀ କମିଟି ବୈଠକ ପରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା। ବ୍ରିଜ ଭୂଷଣ କ୍ରମାଗତ ୩ଥର ୪ ବର୍ଷିଆ କାର୍ଯ୍ୟକାଳ ଶେଷ କରିଛନ୍ତି। କ୍ରୀଡ଼ା ଆଚରଣ ବିଧି ଅନୁସାରେ ଜଣେ ୧୨ ବର୍ଷ ଧରି ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ରହିବା ପରେ ଏହି ପଦବୀ ପାଇଁ ଆଉ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ।

ନୀତୀଶ-ହ୍ରିତିକ୍ କନ୍ଦଳ ପଦାରେ ପଡ଼ିଲା

ହ୍ରିତିକ୍ ଶୋକିନ

ନୀତୀଶ ରାଣା

ମୁମ୍ବାଇ, ୧୬।୪ (ପି.ଟି.): ଭାରତୀୟ ଘରୋଇ ସର୍କିଟରେ ଦୁଇ ଖେଳାଳିଙ୍କ ମଧ୍ୟରେ ରହିଥିବା ଶତ୍ରୁତା ଆଇପିଏଲ୍ ଷ୍ଟେଜରେ ଦେଖିବାକୁ ମିଳିଛି। କ୍ରିକେଟର ଦ୍ୱୟ ହେଲେ କୋଲକାତା ନାଇଟ ରାଇଡର୍ସ ଅଧିନାୟକ ନୀତୀଶ ରାଣା ଓ ମୁମ୍ବାଇ ଇଣ୍ଡିଆନ୍ସର ହ୍ରିତିକ୍ ଶୋକିନ। ଏହି ଘଟଣା ୱାଙ୍ଖଡେ ଷ୍ଟାଡିୟମରେ ସେମାନଙ୍କ ମ୍ୟାଚର ୯ମ ଓଭରରେ ଘଟିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ବୋଲର କେକେଆର ଅଧିନାୟକଙ୍କୁ ଆଉଟ କରିବା ପରେ ତାଙ୍କୁ ଆକ୍ଷେପ କରି କିଛି କହିଥିଲେ। ତାହା ଶୁଣି ପ୍ୟାଭିଲିୟନ ଆଡକୁ ମୁହାଁଉଥିବା ରାଣା ଟ୍ରାକ୍‌ରେ ଅଟକି ଯାଇଥିଲେ ଏବଂ ବୁଲି ପଡ଼ି ବୋଲରଙ୍କୁ ଲକ୍ଷ୍ୟ କରି କିଛି ଟିପ୍ପଣୀ ଦେଇଥିଲେ। ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଯିବାରୁ ମୁମ୍ବାଇ ଇଣ୍ଡିଆନ୍ସର କାମଚଳା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଗେମ୍‌ର ସବୁଠାର ସିନିୟର ଖେଳାଳି ପୀୟୂଷ ଚାୱଲା ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ସମ୍ଭାଳିଥିଲେ। ସୂଚନାଯୋଗ୍ୟ, ଘରୋଇ କ୍ରିକେଟରେ ରାଣା ଓ ଶୋକିନ୍ ଉଭୟେ ଦିଲ୍ଲୀ ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। କିନ୍ତୁ ଉଭୟେ ଡ୍ରେସିଂ ରୁମ୍‌ରେ ପରସ୍ପର କେବେ କଥା ହୋଇ ନ ଥାନ୍ତି। ରବିବାର ମ୍ୟାଚରେ ବ୍ୟାଟିଂରେ ରାଣାଙ୍କ ପ୍ରଦର୍ଶନ ଭଲ ନ ଥିଲା। ସେ ୧୦ ବଲ୍‌ର ସାମ୍ନା କରି ମାତ୍ର ୫ ରନ କରିବାରେ ସମର୍ଥ ହୋଇଥିଲେ। ଅନ୍ୟପକ୍ଷରେ ଶୋକିନ୍‌ଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ତାଙ୍କ ୪ ଓଭର ବୋଲିଂରେ ୩୯ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ତନ୍ମଧ୍ୟରେ କେକେଆର ଅଲରାଉଣ୍ଡର ଶାର୍ଦ୍ଦୁଲ ଠାକୁରଙ୍କ ଉଇକେଟ ସାମିଲ। ପୁନଶ୍ଚ ସେ କାମେରନ ଗ୍ରିନ୍‌ଙ୍କ ବୋଲିଂରେ ଏନ. ଜଗଦିଶନଙ୍କ କ୍ୟାଚ ନେଇ ତାଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ।

ଆଇପିଏଲ୍‌ରେ ପ୍ରଥମ ବାପପୁଅ ସଚିନ ତେନ୍ଦୁଲକର-ଅର୍ଜୁନ

ମୁମ୍ବାଇ, ୧୬।୪

ପ୍ରଶଂସକମାନଙ୍କର ଦୁଇ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ରବିବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳି ତାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପଦାର୍ପଣ କରିଛନ୍ତି। ଏହି ବଡ଼ ମୁକାବିଲାରେ ଅର୍ଜୁନ ମୁମ୍ବାଇ ଇଣ୍ଡିଆନ୍ସର ବୃତାନ୍ତ ଏକାଦଶରେ ସ୍ଥାନ ପାଇଥିଲେ। ସିଜନର ପ୍ରଥମ ୩ଟି ମ୍ୟାଚ ଖେଳିଥିବା ଅର୍ଶାଦ ଖାଁଙ୍କ ସ୍ଥାନରେ ତାଙ୍କୁ ଦଳରେ ପ୍ରବେଶ ମିଳିଛି। ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ପସନ୍ଦ ଭାରତୀୟ ପେସ୍ ବୋଲିଂ ବିକଳ୍ପ ସନ୍ଧାନରେ ଥିଲା। ଟିମ୍ ମ୍ୟାନେଜମେଣ୍ଟ ସଦ୍ୟତମ ଖେଳାଳି ଭାବେ ଅର୍ଜୁନଙ୍କୁ ପସନ୍ଦ କରିଛି। ବୁମ୍‌ରାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ପ୍ରଥମେ ସନ୍ଦୀପ ୱାରିୟର୍ସଙ୍କୁ ପସନ୍ଦ କରାଯାଇଥିଲା। କିନ୍ତୁ ସେ ଏପର୍ଯ୍ୟନ୍ତ ଖେଳିବା ସୁଯୋଗ ପାଇନାହାନ୍ତି। ଅର୍ଜୁନଙ୍କୁ ରୋହିତ ଶର୍ମା କ୍ୟାପ୍ ପ୍ରଦାନ କରିଥିଲେ। ରବିବାର ମ୍ୟାଚରେ ସେ ପ୍ରଥମ ଓଭର ବୋଲିଂ କରିଥିଲେ ଏବଂ ୪ ରନ ଦେଇଥିଲେ।

ସଚିନ ତେନ୍ଦୁଲକର

ଅର୍ଜୁନ (ଡାହାଣ)ଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ ପ୍ରଦାନ କରୁଛନ୍ତି ରୋହିତ ଶର୍ମା।

ଘଟଣାକ୍ରମେ ଆଇପିଏଲ୍ ଖେଳିବାରେ ଅର୍ଜୁନ ଓ ସଚିନ ତେନ୍ଦୁଲକର ପ୍ରଥମ ପିତା-ପୁତ୍ର ଯୋଡ଼ି ହେବାର ଗୌରବ ଅର୍ଜନ କରିଛନ୍ତି। ସଚିନ ମଧ୍ୟ ଅତୀତରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଛନ୍ତି। ସେ ଥିଲେ ଦଳର ପ୍ରଥମ ଅଧିନାୟକ। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୦ରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ସେହି ସିଜନରେ ସଚିନ ଅରେଞ୍ଜ କ୍ୟାପ ହାସଲ କରିଥିଲେ। କିନ୍ତୁ ତାଙ୍କ ଦଳ ଟାଇଟଲ ମୁକାବିଲାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ଠାରୁ ହାରିଯାଇଥିଲା। ପରବର୍ତ୍ତୀ ବର୍ଷ ଏହି କିମ୍ବଦନ୍ତୀ ଭାରତୀୟ କ୍ରିକେଟର ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ତାଙ୍କ ଶେଷ ଗେମ୍ ଚାମ୍ପିୟନ୍ସ ଲିଗ୍‌ରେ ରାହୁଲ ଦ୍ରାଭିଡ୍‌ଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିଥିଲେ। ମୁମ୍ବାଇ ଦଳ ଏହି ମ୍ୟାଚରେ ବିଜୟ ଲାଭ କରିଥିଲା । ବର୍ତ୍ତମାନ ସେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ମ୍ୟାନେଜମେଣ୍ଟରେ ମେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି।

ଅର୍ଜୁନଙ୍କ ସମ୍ପର୍କରେ କହିବାକୁ ଗଲେ, ସେ ପ୍ରଥମେ ମୁମ୍ବାଇରୁ ଗୋଆ ଯାଇ ଘରୋଇ ସିଜନରେ ପାଦ ଦେଇଥିଲେ। ରଣଜୀ ଟ୍ରଫି ପଦାର୍ପଣରେ ସେ ଏକ ଶତକ ହାସଲ କରିଥିଲେ। ୨୦୨୨-୨୩ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟରେ ସେ ୭ ମ୍ୟାଚ ଖେଳି ୧୦ ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଆଉ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଡୁଆନ ଜାନସେନ୍ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି। ଡୁଆନ ହେଉଛନ୍ତି ମାର୍କୋ ଜାନସେନ୍‌ଙ୍କ ଯମଜ ଭ୍ରାତା।

ଯାଆଁଳା ଭାଇ ଡୁଆନ-ମାର୍କୋ ଜାନସେନ

ମୁମ୍ବାଇ, ୧୬।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଇତିହାସରେ ଦୁଇ ଭାଇ ଖେଳିବାର ଅନେକ ନଜିର ରହିଛି। ମାତ୍ର ପ୍ରଥମ ଯାଆଁଳାଭାଇ ଚଳିତ ସଂସ୍କରଣରେ ଖେଳିଛନ୍ତି। ସେ ହେଲେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଓ ଡୁଆନ ଜାନସେନ। ବାମହାତୀ ଦ୍ରୁତବୋଲର ମାର୍କୋ ଜାନସେନ ୨୦୨୧ରୁ ଆଇପଏଲ୍‌ରେ ଖେଳି ଆସୁଛନ୍ତି। ଇତିମଧ୍ୟରେ ସେ ୧୨ଟି ମ୍ୟାଚ ଖେଳି ୧୩ଟି ଉଇକେଟ ନେଇ ସାରିଛନ୍ତି। ଚଳିତ ସଂସ୍କରଣରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମାର୍କୋ ଜାନସେନ୍ କିନ୍ତୁ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ସେ ପ୍ରଥମ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି। ୨୦୦୦ ମେ'୧ରେ ଦକ୍ଷିଣ ଆଫ୍ରିକା ନର୍ଥ ୱେଷ୍ଟର କ୍ଲେକ୍ସ୍‌ଡର୍ପଠାରେ ଦୁଇ ଭାଇଙ୍କର ଜନ୍ମ। ମାର୍କୋଙ୍କ ପରି ଡୁଆନ ମଧ୍ୟ ଜଣେ ବାମହାତୀ ଦ୍ରୁତ ବୋଲର। ସେ ନିଜର ପ୍ରଥମ ଆଇପିଏଲ୍ ମ୍ୟାଚରେ ୪ ଓଭର ବୋଲିଂ କରି ୫୩ ରନ ବିନିମୟରେ ଗୋଟିଏ ଉଇକେଟ ନେଇଛନ୍ତି।



ଡୁଆନ ଜାନସେନ

ମାର୍କୋ ଜାନସେନ

ଆଇପିଏଲ୍‌ରେ ଦୁଇ ଭାଇ

ଇରଫାନ ପଠାନ-ୟୁସୁଫ ପଠାନ
ଶନ୍ ମାର୍ଶ-ମିଚେଲ ମାର୍ଶ
ମାଇକେଲ ହସି-ଡେଭିଡ ହସୀ
ଆଲ୍‌ବି ମୋର୍କେଲ-ମୋର୍ନେ ମୋର୍କେଲ
ବ୍ରେଣ୍ଡନ ମ୍ୟାକକୁଲମ-ନାଥାନ ମ୍ୟାକକୁଲମ
ଡ୍ୱେନ ବ୍ରାଭୋ-ଡାରେନ ବ୍ରାଭୋ
ସିଦ୍ଧାର୍ଥ କୌଲ-ଉଦୟ କୌଲ
ହାର୍ଦ୍ଦିକ ପାଣ୍ଡ୍ୟା-କୃନାଲ ପାଣ୍ଡ୍ୟା
ସାମ୍ କୁରାନ-ଟମ୍ କୁରାନ

ଯାଆଁଳା ଭାଇ

ମାର୍କୋ ଜାନସେନ-ଡୁଆନ ଜାନସେନ

Classified Everyday
0674-2580101, 2549949

REAL ESTATE
SALE
କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Grandbazar ସମ୍ମୁଖରୁ walkable ଦୂରତାରେ ଘର ଉପଯୋଗୀ plot କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। 8249310759. D-74841

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

CONSTRUCTION
Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101. D-0081

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୍ୟୁବ୍‌ଲାଇଟ୍ ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

FOR RENT
House for rent- 1BHK, Flat, Ground Floor, 1Bathroom for Family. Lingaraj Vihar, Pokhariput. Contact: 9938136307. D-0110

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Healthcare
Newly open SPA positively health benefits with expert therapist. 7849011931. D-73698

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-74670

Fullbody massage, refresh, relaxed by expert Lady Therapist. Contact: 8480939300. D-0029

Relax, Refresh your body, Mind at Saikrupa Spa with best therapies. 8984068077. D-0034

All type of professional full body massage by professional therapist at Rajmahal @ 999. Contact: 7855053566. D-0078

Newly open health benefits Spa special offer @999 Nayapalli. 7846814019. D-73699

Newly open Spa Positively health benefit with expert. Contact- 7749976301 D-74532

BUSINESS
Sai Jagannath Waste consultancy services Please contact for any kind of solid waste (Industrial/ MSW) utilisation/ recycling/ solutions. Contact: 7436986437. D-0103

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଶ୍ରୀଯୁକ୍ତ ସହଦେବ ନାୟକଙ୍କ Ph.D. ଉପାଧି ଲାଭ

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ Culture Studiesରେ ଶ୍ରୀ ସହଦେବ ନାୟକ ସମ୍ମାନଜନକ ଡକ୍ଟରେଟ୍ (Ph.D) ଉପାଧି ଲାଭ କରିଛନ୍ତି। ସେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କାଇପଦର, ଖୋର୍ଦ୍ଧାର ଇତିହାସ ବିଭାଗ ଅଧ୍ୟାପକ ଡକ୍ଟର ଜନ୍ମେଜୟ ଖୋଁଧୁରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ " The Folk Culture of Khordha: A Critical Study" ସନ୍ଦର୍ଭିତ ରଚନା କରି ଏହି ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭଟି Central University, Tirupatiର ପ୍ରଫେସର ଡକ୍ଟର ଆନନ୍ଦ ନାଇଡୁ ଓ Central University. Tamilnaduର ପ୍ରଫେସର ଡକ୍ଟର ଭଗବାନ ସାହୁଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଗବେଷକ ସହଦେବ ନାୟକ ବର୍ତ୍ତମାନ ଅର୍ଜୁନ ରାଉତ ସ୍ମାରକୀ ଜୁନିଅର ମହାବିଦ୍ୟାଳୟ, ମୟୂରଝାଲିଆ, ନୟାଗଡ଼ ଜିଲ୍ଲାର ଅଧ୍ୟକ୍ଷ

ଦୁର୍ବଳ ହେଉଛି ପୃଥିବୀର ଚୁମ୍ବକୀୟ କ୍ଷେତ୍ର

ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ଏବଂ ଦିଗ ଅନବରତ ବଦଳୁଥାଏ। ଅଧ୍ୟୟନରୁ ଜଣାପଡିଛି ଯେ, ବିଗତ ୨୦୦ ବର୍ଷ ମଧ୍ୟରେ ଏହାର ସାମର୍ଥ୍ୟ ପ୍ରାୟ ୯ ଶତାଂଶ ହ୍ରାସ ପାଇଲାଣି। ଫଳରେ ଆଫ୍ରିକା ଏବଂ ଦକ୍ଷିଣ ଆମେରିକା ମଧ୍ୟରେ ଏକ ବୃହତ ଅଞ୍ଚଳରେ ଚୁମ୍ବକୀୟ ତୀବ୍ରତା ହ୍ରାସ ପାଇଛି। ଏହାକୁ 'ଦକ୍ଷିଣ ଆଟଲାଣ୍ଟିକ୍ ଅସଂଗତି' ବୋଲି କୁହାଯାଉଛି।"



ଆମ ଗ୍ରହ ପୃଥିବୀକୁ ଏକ ସୁରକ୍ଷାକବଚ ରୂପେ ଏହାର ଆଭ୍ୟନ୍ତରରୁ ମହାକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ରହି ସୌରବାୟୁରେ ଥିବା ଉଚ୍ଚ ଶକ୍ତିସମ୍ପନ୍ନ ବୈଦ୍ୟୁତିକ କଣିକା ଏକ ଶକ୍ତିଶାଳୀ ମହାଜାଗତିକ ରଶ୍ମିର ଘାତକ ପ୍ରଭାବରୁ ରକ୍ଷା କରୁଛି ଏହାର ଚୁମ୍ବକୀୟ କ୍ଷେତ୍ର। ଫଳରେ ଏହାର ପୃଷ୍ଠରେ ଜୀବ ଜଗତଟିଏ ସୃଷ୍ଟି ହେବା ଏବଂ ତାହା ବିକଶିତ ହେବା ସମ୍ଭବପର ହୋଇପାରିଛି। ଭୂପୃଷ୍ଠର ପ୍ରାୟ ୩୦୦୦ କିମି ତଳେ ଭୂଗର୍ଭ କେନ୍ଦ୍ରର ବାହ୍ୟ ସ୍ତରରେ ରହିଛି ତରଳ, ଲୌହ ଏବଂ ନିକେଲ୍‌ର ଏକ ମିଶ୍ରଣ। ଏହା ସଦାସର୍ବଦା ଘୂର୍ଣ୍ଣନରତ। ଫଳରେ ସାଇକେଲର ଡାଇନୋମା ଭଳି କାର୍ଯ୍ୟ କରି ଏଥିରୁ ଉତ୍ପନ୍ନ ହେଉଥିବା ବୈଦ୍ୟୁତିକ ପ୍ରବାହ ହେତୁ ଏହି ଚୁମ୍ବକୀୟ କ୍ଷେତ୍ରର ସୃଷ୍ଟି, ଯାହାକି କ୍ରମାଗତ ଭାବେ ପରିବର୍ତ୍ତନଶୀଳ।

ପୃଥିବୀର ଘୂର୍ଣ୍ଣନ ଅକ୍ଷ ଦଣ୍ଡ ସହିତ ପ୍ରାୟ ୧୧ ଡିଗ୍ରୀ କୋଣ ଅଙ୍କନ କରି ତଳେ ରହିଥିବା ଏକ ଚୁମ୍ବକୀୟ ଦ୍ୱିମେରୁର କ୍ଷେତ୍ର ଦ୍ୱାରା ଏହାକୁ ସୂଚିତ କରାଯାଏ। ମନେକରାଯାଏ ସତେଯେପରି ସେହି କୋଣ ଅଙ୍କନ କରି ଏକ ବିଶା ଦଣ୍ଡ ଚୁମ୍ବକ ପୃଥିବୀର କେନ୍ଦ୍ରରେ ରହିଛି। ଏହାର ଦୁଇଟିଯାକ ମେରୁ ପୃଥିବୀର ଭୌଗୋଳିକ ମେରୁ ନିକଟରେ ଚୁମ୍ବକୀୟ ଉତ୍ତରମେରୁ ରହିଥିବା କଳ୍ପନା କରାଯାଏ।

ତାହା ଧୀର ଗତିରେ କ୍ରମାଗତ ଭାବେ ଗତିକରିଥାଆନ୍ତି, କିନ୍ତୁ ଖୁବ୍ ମନ୍ଥର ହୋଇଥିବାରୁ ସାଧାରଣ କମ୍ପାସରେ ଧରା ପଡ଼ନ୍ତି ନାହିଁ। ତେବେ ହାରାହାରି କେତେ ଶହ-ହଜାର ବର୍ଷ ବ୍ୟବଧାନରେ ଅନିୟମିତ ଭାବେ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଦିଗ ବଦଳାଇ ବିପରୀତ ଦିଗାଭିମୁଖୀ ହୁଏ। ଫଳରେ ଉତ୍ତର ଓ ଦକ୍ଷିଣ ଚୁମ୍ବକୀୟ ମେରୁମାନେ ପରସ୍ପର ସ୍ଥାନ ବଦଳାଇଥାଆନ୍ତି। ଏହା ଶିଳାଖଣ୍ଡମାନଙ୍କ ଉପରେ ଏପରି କିଛି ସୂଚନା ଛାଡି ଯାଆନ୍ତି, ଯାହାକି ମହାଦେଶୀୟ ଭୂ-ଚଳନ ଏବଂ ମହାସାଗରମାନଙ୍କର ଚଟାଣଗୁଡିକର ଚଳନ ଅଧ୍ୟୟନ କରିବାରେ ସାହାଯ୍ୟ କରେ।

ପୃଥିବୀର ଆୟୋନୋସ୍ଫିୟର ଉପରକୁ ରହିଛି ମାଗ୍ନେଟୋସ୍ଫିୟର ; ଯାହାକି ସଂଜ୍ଞା ଅନୁସାରେ ହେଲା ମହାକାଶ ମଧ୍ୟକୁ ଏହାର ଚୁମ୍ବକୀୟ କ୍ଷେତ୍ରର ବ୍ୟାପ୍ତି। ଏହା ବ୍ୟାପି ରହିଛି ହଜାର ହଜାର କି.ମି. ଊର୍ଦ୍ଧ୍ୱକୁ। ସୌରବାୟୁ ଏବଂ ମହାଜାଗତିକ ରଶ୍ମିରେ ଥିବା ବୈଦ୍ୟୁତିକ କଣିକାଠାରୁ ଏହା ପୃଥିବୀକୁ ସୁରକ୍ଷା ପ୍ରଦାନ କରୁ ନ ଥିଲେ ସେଗୁଡିକ ଓଜନ ସ୍ତର ସମେତ ଉପର ବାୟୁମଣ୍ଡଳକୁ ଛେଦ କରି ଦେଉଥାନ୍ତେ।

ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ଏବଂ ଦିଗ ଅନବରତ ବଦଳୁଥାଏ। ଅଧ୍ୟୟନରୁ ଜଣାପଡିଛି ଯେ, ବିଗତ ୨୦୦ ବର୍ଷ ମଧ୍ୟରେ ଏହାର ସାମର୍ଥ୍ୟ ପ୍ରାୟ ୯ ଶତାଂଶ ହ୍ରାସ ପାଇଲାଣି। ଫଳରେ ଆଫ୍ରିକା ଏବଂ ଦକ୍ଷିଣ ଆମେରିକା ମଧ୍ୟରେ ଏକ ବୃହତ ଅଞ୍ଚଳରେ ଚୁମ୍ବକୀୟ ତୀବ୍ରତା ହ୍ରାସ ପାଇଛି। ଏହାକୁ 'ଦକ୍ଷିଣ ଆଟଲାଣ୍ଟିକ୍ ଅସଂଗତି' ବୋଲି କୁହାଯାଉଛି।

ଏହି ଅଞ୍ଚଳର ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ୧୯୭୦ରୁ ୨୦୨୦ ମଧ୍ୟରେ ପ୍ରାୟ ୨୪,୦୦୦ ନାନୋଟେସଲାରୁ ୨୨,୦୦୦କୁ ହ୍ରାସ ପାଇଛି ଏବଂ ଅସଙ୍ଗତି ବଢ଼ିବା ସଙ୍ଗେ ସଙ୍ଗେ ବର୍ଷକୁ ପ୍ରାୟ ୨୦ କିମି ହାରରେ ପଶ୍ଚିମ ଦିଗରେ ଗତି କରିବାକୁ ଲାଗିଛି। ପୁନଶ୍ଚ ବିଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବନିମ୍ନ ତୀବ୍ରତାର ଆଉ ଏକ କେନ୍ଦ୍ର ଦକ୍ଷିଣ-ପଶ୍ଚିମ ଆଫ୍ରିକା ଉପରେ ସୃଷ୍ଟି ହୋଇଛି। ଅତଏବ ଦକ୍ଷିଣ ଆଟଲାଣ୍ଟିକ ଅସଙ୍ଗତି ଦୁଇ ଭାଗରେ ବିଭାଜିତ ହୋଇପାରେ ବୋଲି ଏଥିରୁ ମନେ ହେଉଛି।

ଆଗରୁ ସୂଚିତ କରାଯାଇଛି ଯେ, ପୃଥିବୀ ଚୁମ୍ବକୀୟ କ୍ଷେତ୍ରକୁ ଏକ ଶକ୍ତିଶାଳୀ ଦ୍ୱି-ମେରୁଯୁକ୍ତ ଚୁମ୍ବକଦଣ୍ଡ ରୂପେ ମନେ କରାଯାଏ, ଯାହାକି ଏହାର ଘୂର୍ଣ୍ଣନ ଅକ୍ଷ ପ୍ରତି ପ୍ରାୟ ୧୧ ଡିଗ୍ରୀ କୋଣ ଅଙ୍କନ କରିଥାଏ। ତେବେ ଦକ୍ଷିଣ ଆଟଲାଣ୍ଟିକ ଅସଙ୍ଗତିର ଅଭିବୃଦ୍ଧି ସୂଚନା ଦିଏ ଯେ, ଏହି କ୍ଷେତ୍ର ସୃଷ୍ଟି ପ୍ରକ୍ରିୟା ଅଧିକ ଜଟିଳ। ସାଧାରଣ ଦ୍ୱି-ଧ୍ରୁବୀୟ ପ୍ରତିରୂପ ବର୍ତ୍ତମାନ ବିକଶିତ ହୋଇଥିବା ଦ୍ୱିତୀୟ ସର୍ବନିମ୍ନତାକୁ ବ୍ୟାଖ୍ୟା କରିପାରେ ନାହିଁ। ତେବେ ବର୍ତ୍ତମାନ ଏହା ଦ୍ରୁତ ଗତିରେ ବଢ଼ିବାକୁ ଲାଗିଛି। ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ, ଏହାର ପରିଣାମ ହେବ ପୃଥିବୀର ଚୁମ୍ବକୀୟ ମେରୁମାନଙ୍କର ଦିଗ ପରିବର୍ତ୍ତନ। ଅର୍ଥାତ୍ ଏହାର ଦକ୍ଷିଣ ମେରୁ ଏବଂ ଉତ୍ତରମେରୁ ପରସ୍ପର ମଧ୍ୟରେ ସ୍ଥାନ ପରିବର୍ତ୍ତନ କରିଥାଆନ୍ତି। ଆମ ଗ୍ରହରେ ଏଭଳି ଘଟଣା ପ୍ରାୟ ୨୫୦,୦୦୦ରୁ ୩୦୦,୦୦୦ ବର୍ଷ ବ୍ୟବଧାନରେ ଅନେକବାର ଘଟିଛି। ଭୂପୃଷ୍ଠ ଉପରେ ଏହା କୌଣସି ବିପଦର କାରଣ ହେଲାଭଳି ମନେହୁଏ ନାହିଁ। ତେବେ ଏହାର ପରିବେଶ ଏତଦ୍ୱାରା ବେଶ୍ ପ୍ରଭାବିତ ହେବାର ସମ୍ଭାବନା ରହିଛି।

ପ୍ରଥମତଃ ମେରୁମାନଙ୍କ ଦିଗ ପରିବର୍ତ୍ତନ ପ୍ରକ୍ରିୟା ଚାଲିଥିଲା ବେଳେ ସେ ଦୁଇଟି ଗୋଟିଏ ସ୍ଥାନକୁ କିଛି ସମୟ ପାଇଁ ଆସିପାରନ୍ତି। ଏ ସମୟରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ଶୂନରେ ପହଞ୍ଚିପାରେ। ଅତଏବ ତାହା ବାୟୁମଣ୍ଡଳକୁ ମହାଜାଗତିକ କଣିକା ଏବଂ ସୌରବାୟୁରୁ ସୁରକ୍ଷା ଦେବାକୁ ସମର୍ଥ ହୋଇ ନ ପାରେ। ଫଳରେ ସେଗୁଡିକ କିଛି ମାତ୍ରାରେ ଭୂପୃଷ୍ଠ ପର୍ଯ୍ୟନ୍ତ ଆସି ଜୀବ ଏବଂ ଉଦ୍ଭିଦମାନଙ୍କର ଜୈବିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଇପାରନ୍ତି।

ଦ୍ୱିତୀୟତଃ ଏହାଦ୍ୱାରା ପୃଥିବୀ କକ୍ଷରେ ପରିକ୍ରମଣ କରୁଥିବା କୃତ୍ରିମ ଉପଗ୍ରହ ବା ମହାକାଶଯାନ ଗଭୀର ଭାବରେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅତଏବ ସେଗୁଡିକ ଉପରେ ନିର୍ଭରଶୀଳ ଇଣ୍ଟରନେଟ୍, ମୋବାଇଲ ଫୋନ୍, ଟେଲିଭିଜନ ଆଦି ସେଥିରୁ ଠିକ୍ ରୂପେ ସୂଚନା ପାଇପାରିବେ ନାହିଁ। ଏପରିକି ଉଡାଜାହାଜଗୁଡ଼ିକ ଉଡ଼ିବା ସମୟରେ ଦିଗ ଓ ଦୂରତ୍ୱ ଗଣନା ପ୍ରକ୍ରିୟା ମଧ୍ୟ ଏହାଦ୍ୱାରା ବ୍ୟାହତ ହୋଇପାରେ।

ତୃତୀୟତଃ ପରିବ୍ରାଜୀ ପକ୍ଷୀ ଏବଂ କେତେକ ପ୍ରାଣୀ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଆଶ୍ରାକରି ଦିଗନିର୍ଣ୍ଣୟ କରିଥାଆନ୍ତି। ଏହାର ସାମର୍ଥ୍ୟ ହ୍ରାସ ପାଇଲେ କିମ୍ବା କିଛି କାଳ ପାଇଁ ଶୂନ ହୋଇଗଲେ ସେମାନେ ଏହି କାର୍ଯ୍ୟ କରିପାରିବେ ନାହିଁ।

ଏହାବ୍ୟତୀତ ଏହାର ପ୍ରାୟ ସମସ୍ତ ଇଲେକଟ୍ରୋନିକ୍ ଯନ୍ତ୍ରପାତି ଉପରେ କିଛି ନା କିଛି ପ୍ରଭାବ ରହିବ ବୋଲି ଆଶା କରାଯାଏ। ତେବେ ସେସବୁଗୁଡ଼ିକ ଆଜି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ରୂପେ ନିର୍ଦ୍ଧାରଣ କରାଯାଇପାରିବ ନାହିଁ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୩୦

କ୍ୟାନ୍‌ସର ଆଶଙ୍କା ଓ ଅବସାଦ

ଆଜିକାଲି ଅନେକେ ଅବସାଦର ସମ୍ମୁଖୀନ ହେଉଛନ୍ତି। ଯଦି ଏଭଳି ସମସ୍ୟା ସହ ଜଡ଼ିତ ତେବେ ନିଜକୁ ଯେତେ ସମ୍ଭବ ଏହାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଭବିଷ୍ୟତରେ ଏହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ଏକ ଗବେଷଣାରୁ ନୂଆ କଥା ଜାଣି ପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଅବସାଦଗ୍ରସ୍ତ ହୋଇ ରୁହନ୍ତି, ତେବେ ସେ କ୍ୟାନ୍‌ସର ପରି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି କି ଗବେଷଣା ପରିସରଭୁକ୍ତ ତଥା ଦୀର୍ଘକାଳୀନ ଅବସାଦର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳିଥିଲା। ଅବସାଦଠାରୁ ନିଜକୁ ଦୂରେଇ ରଖିବା ଲାଗି ପ୍ରଥମେ ନିଜର ମାନସିକତାକୁ ଯେତେସମ୍ଭବ ସକାରାତ୍ମକ ରଖନ୍ତୁ। ଯଦି ଏ ନେଇ କିଛି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିଲେ...

ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ ସମସ୍ୟା ଅଛି ତେବେ ଖାଦ୍ୟପେୟ ପ୍ରତି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ତେଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଅଧିକ ଚର୍ବିଜାତୀୟ ଏବଂ ଫ୍ରାଏ ହୋଇଥିବା ଖାଦ୍ୟ ଅଧିକ ନ ଖାଇବା ଭଲ। ଆଚାର ଏବଂ ଅଧିକ ଲୁଣିଆ ଖାଦ୍ୟ ଯେତେକମ୍ ଖାଆନ୍ତୁ। ସୋରିଷ ମସଲାରେ ପ୍ରସ୍ତୁତ ଖାଦ୍ୟ ଏଭଳି ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ। ନିଶାଦ୍ରବ୍ୟ ସେବନ ଗ୍ୟାଷ୍ଟ୍ରିକ ସମସ୍ୟା ପାଇଁ ଆହୁରି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ତେଣୁ ଏଭଳି ଅଭ୍ୟାସକୁ ବର୍ଜନ କରନ୍ତୁ। ଅଧିକ କୋଲେଷ୍ଟରଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ, କାରଣ ଏହା ହଜମ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ଦୁଗ୍ଧଜାତୀୟ ଖାଦ୍ୟ-ମିଲ୍କ ସେକ୍, କ୍ଷୀର ସର, ଛେନା, ଆଇସକ୍ରିମଠାରୁ ଦୂରେଇ ରୁହନ୍ତୁ। ଆଉ ଏକ କଥାକୁ ଗୁରୁତ୍ୱ ଦେବା ନିହାତି ଦରକାର। ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ୍ ସମସ୍ୟା ରହିଛି, ତେବେ କଦାପି ପେଟପୂରା ଖାଆନ୍ତୁ ନାହିଁ। ତା'ସହ ଆବଶ୍ୟକ ମୁତାବକ ପାଣିପିଅନ୍ତୁ। ପ୍ରତିଦିନ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

ଆଲର୍ଜିରୁ ରକ୍ଷା ପାଇବା ଲାଗି...

ଏବେ ଆଲର୍ଜି ଏକ ସାଧାରଣ ସମସ୍ୟା ପାଲଟିଗଲାଣି କହିଲେ ଭୁଲ ହେବ ନାହିଁ। ତେବେ ଏହାଠାରୁ ନିଜକୁ ରକ୍ଷା କରିବା ଲାଗି କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡିଥାଏ। ନିଜ ବାସସ୍ଥାନ ଏବଂ ତାହାର ବାହାର ପରିବେଶ ମଧ୍ୟ ସଫା ରଖନ୍ତୁ। ଏହାଦ୍ୱାରା ଘର ଭିତରକୁ ସୂର୍ଯ୍ୟକିରଣ ପର୍ଯ୍ୟାପ୍ତ ପରିମାଣରେ ପଡ଼ିପାରିବ। ଘର ଭିତରକୁ ପବନ ଭଲ ଭାବରେ ଯିବା ଆସିବା କଲେ ଘର ଭିତରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ଆଲର୍ଜି ସୃଷ୍ଟି କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଗରମ ସ୍ଥାନରୁ ଥଣ୍ଡା ସ୍ଥାନକୁ କିମ୍ବା ଥଣ୍ଡା ସ୍ଥାନରୁ ଗରମ ସ୍ଥାନକୁ ଯାଆନ୍ତୁ ନାହିଁ। ଘରୁ ବାହାରକୁ ଗଲେ ମୁହଁକୁ ମାସ୍କ କିମ୍ବା ରୁମାଲରେ ଢାଙ୍କିବାକୁ ଭୁଲନ୍ତୁ ନାହିଁ। ଶୋଉଥିବା ବେଡସିଟ୍, ତକିଆ କଭର ନିୟମିତ ସମୟ ଅନ୍ତରାଳରେ ଉଷୁମ ପାଣିରେ ସଫା କରନ୍ତୁ।

ରୋଗମୁକ୍ତ ଜୀବନ ପାଇଁ...

ନିଜେ ସତର୍କ ନ ହେଲେ ଯେ କୌଣସି ସମୟରେ ରୋଗ ହେବାର ଆଶଙ୍କା ରହିଛି। ତେବେ ନିଜକୁ ନୀରୋଗ ରଖିବାକୁ ହେଲେ କେତେକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମ ହେଲା- ଖାଦ୍ୟପେୟ। ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ, ଯାହା ଶରୀରକୁ ରୋଗଠାରୁ ଦୂରେଇ ରଖିବ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ। ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ସବୁବେଳେ ସୁପାଚ୍ୟ ଖାଦ୍ୟ ହିଁ ଖାଅନ୍ତୁ। ଆଉ ଏକ କଥାପ୍ରତି ଆମକୁ ଗୁରୁତ୍ୱ ଦେବା ନିହାତି ଦରକାର। ତାହା ହେଲା ଶରୀରରେ ଜଳୀୟ ଅଂଶ। ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଇବା ଦରକାର। ଏହାସହ ନିଜକୁ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରଖନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ଦୈନନ୍ଦିନ ଜୀବନରେ ବ୍ୟାୟାମ ସାମିଲ କରନ୍ତୁ। ଏଥିସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ।

ସ୍ୱାସ୍ଥ୍ୟ ସୂଚନା

➤ମାଛରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏହା ହେଉଛି ପ୍ରୋଟିନ୍‌ର ଅନ୍ୟତମ ଉତ୍ସ। ଏଥିରେ ମଧ୍ୟ ଓମେଗା-୩ ଫ୍ୟାଟି ଏସିଡ ଭରି ରହିଛି।

➤ସୁସ୍ଥ ରହିବାକୁ ହେଲେ କେବଳ ଖାଦ୍ୟପେୟ ନୁହେଁ ଆଉ ଏକ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ। ତାହା ହେଉଛି ନିଦ୍ରା। ଯଦି ଏଥିରେ ଅନିୟମିତତା ଲାଗି ରହିଲା, ତେବେ ତାହା କେତେକ ରୋଗର କାରଣ ସାଜିଥାଏ।

➤ପ୍ରତିଦିନ ଜୁସ୍ ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ।

➤ଗୋଟିଏ ସ୍ଥାନରେ ଯଦି ଅଧିକ ସମୟ ବସି କାମ କରୁଛନ୍ତି, ତେବେ କିଛି ସମୟ ଅନ୍ତରାଳରେ ଉଠି ଚାଲବୁଲ କରନ୍ତୁ।

➤ଯଦି କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଛନ୍ତି ଏବଂ ଚଷମା ବ୍ୟବହାର କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ରାତ୍ରଭୋଜନ ଯେତେ ହାଲୁକା ହେବ ତାହା ସେତେ ଭଲ। ଏହି ସମୟରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେବା ସହ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବ ନାହିଁ।

➤ପ୍ରୋସେସ୍‌ଡ ଜଙ୍କ୍ ଫୁଡ୍ ଅଧିକ ଖାଆନ୍ତୁ ନାହିଁ।

© Shutterstock / Africa Studio

ହେମୋଫିଲିଆ

ଡା. ନିତ୍ୟାନନ୍ଦ ସ୍ୱାଇଁ

ହେମୋଫିଲିଆ ହେଉଛି ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ଏକ ରକ୍ତ ରୋଗ। ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ମହିଳା ବା କନ୍ୟା ସନ୍ତାନମାନେ ହେଉଛନ୍ତି ତ୍ରୁଟିଯୁକ୍ତ ଜିନ୍‌ର ବାହକ। ଏମାନଙ୍କଠାରେ ରୋଗଣା ଜିନ୍ ଥିଲେ ମଧ୍ୟ ଏମାନେ ଏହି ରୋଗ ଭୋଗି ନ ଥାନ୍ତି। ରୋଗ ଭୋଗିଥାଆନ୍ତି କେବଳ ପୁରୁଷ ବା ପୁତ୍ର ସନ୍ତାନମାନେ। ଏହି ରୋଗ ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୧୭ ତାରିଖକୁ 'ବିଶ୍ୱ ହେମୋଫିଲିଆ ଦିବସ' ଭାବରେ ପାଳନ କରାଯାଇଆସୁଅଛି। 'ହେମୋଫିଲିଆ ଶବ୍ଦଟିରେ ରହିଛି ଦୁଇଟି ଅଂଶ, ଯଥା 'ହେମୋ' ଏବଂ 'ଫିଲିଆ'। 'ହେମୋ' ଅର୍ଥ ରକ୍ତ ସମ୍ବନ୍ଧୀୟ ଏବଂ 'ଫିଲିଆ' ଅର୍ଥ ପ୍ରବଣତା। ଏହି ରୋଗ ହେଲେ ରକ୍ତ ଜମାଟ ବାନ୍ଧିପାରେ ନାହିଁ।

ହେଲେ କେଉଁ ଉପାଦାନ ବା ଫ୍ୟାକ୍ଟରର ଅଭାବ ଯୋଗୁ ହେମୋଫିଲିଆ ଜାତ ହୁଏ? ଜିନ୍ ଦୋଷ ଯୋଗୁ ରୋଗୀଠାରେ ବା ପୁତ୍ର ସନ୍ତାନଠାରେ ଫ୍ୟାକ୍ଟର VIII (ଏହାର ଅନ୍ୟ ନାଁ ଆଣ୍ଟି ହେମୋଫିଲିକ୍ ଫ୍ୟାକ୍ଟର) କିମ୍ବା ଫ୍ୟାକ୍ଟର IX ଆଶାନୁରୂପ ଭାବରେ ତିଆରି ହୋଇପାରେ ନାହିଁ। ସୁତରାଂ ଫ୍ୟାକ୍ଟର VIII ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ A' ଏବଂ ଫ୍ୟାକ୍ଟର IX ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ B' ବୋଲି କହନ୍ତି। ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXକୁ ଯଥାକ୍ରମେ 'ଫ୍ୟାକ୍ଟର ଏଇଟ' ଏବଂ 'ଫ୍ୟାକ୍ଟର ନାଇନ୍' ଭାବରେ ପଢ଼ାଯାଏ। ହେମୋଫିଲିଆ A ଅଧିକ ଗୁରୁତର। ଏଠାରେ ଜାଣିରଖିବା ଦରକାର ଯେ ହେମୋଫିଲିଆ ରୋଗୀଙ୍କର ସମସ୍ତ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି। କିନ୍ତୁ ସମସ୍ତ କନ୍ୟା ସନ୍ତାନ ଭୂମିଷ୍ଠ ହୋଇଥାଆନ୍ତି ବାହକ ରୂପେ। ମାଆ ବାହକ ହୋଇଥିଲେ ଝିଅ ବାହକ ହୋଇ ଜନ୍ମ ନେଇପାରେ, ପୁଅ ହୋଇପାରେ ରୋଗୀ। କିନ୍ତୁ ସବୁ ପୁତ୍ର ସନ୍ତାନ ଯେ ରୋଗଗ୍ରସ୍ତ ହେବେ ବୋଲି କୌଣସି ନିଶ୍ଚିତତା ନାହିଁ। ରୋଗୀର ରକ୍ତରେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ମାତ୍ରା ସାମାନ୍ୟ ଊଣା ଥିଲେ ରୋଗ କମ୍ ଗୁରୁତର ଏବଂ ବେଶି ଊଣା ଥିଲେ ରୋଗ ଅଧିକ ଗୁରୁତର ହୋଇଥାଏ।

ଆଜି ହେଉଛି 'ବିଶ୍ୱ ହେମୋଫିଲିଆ ଦିବସ'। ସେ ବିଷୟରେ ଉପସ୍ଥାପନା...



ରୋଗକୁ ଚିହ୍ନିବ କିପରି: ପୁଅଟିଏ ଖେଳ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୭/୨୦୨୩ Bhubaneswar, Monday, April 17/ 2023

ରାଜସ୍ଥାନ ରୟାଲ୍ସର ଚତୁର୍ଥ ବିଜୟ

ଅହମଦାବାଦ, ୧୬।୪

ଅଧିନାୟକ ସଞ୍ଜୁ ସାମସନ ଓ ଶିମରନ ହେଟମେରଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ରାଜସ୍ଥାନ ରୟାଲ୍ସ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଗୁଜରାଟ ଟାଇଟନ୍ସକୁ ୩ ଉଇକେଟରେ ପରାସ୍ତ କରିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୭ ରନ କରିଥିଲା। ଜବାବରେ ରାଜସ୍ଥାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ଶେଷ ଓଭରରେ ରୋମାଞ୍ଚକ ବିଜୟ ହାସଲ କରିଥିଲା। ବିଭିନ୍ନ ସମୟରେ ମ୍ୟାଚ ନାଟକୀୟ ମୋଡ଼ ନେବାପରେ ଶେଷରେ ୧୯.୨ ଓଭରରେ ୭ ଉଇକେଟ ହରାଇ ରାଜସ୍ଥାନ ଦଳ ୧୭୯ ରନ ସଂଗ୍ରହ କରି ନେଇଥିଲା। ୨୦ତମ ଓଭରରେ ବୋଲିଂ କରିଥିବା ନୁର୍ ଅହମଦଙ୍କ ଦ୍ୱିତୀୟ ବଲ୍‌କୁ ଛକାରେ ପରିଣତ କରି ହେଟମେର ଉତ୍କଣ୍ଠାର ଅବସାନ ଘଟାଇଥିଲେ। ୫ ମ୍ୟାଚରୁ ରାଜସ୍ଥାନ ୪ର୍ଥ ବିଜୟ ହାସଲ କରି ପ୍ରଥମଦଳଭାବେ ୮ ପଏଣ୍ଟରେ ପହଞ୍ଚିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି।

ଗୁଜରାଟ ଦଳର ଆରମ୍ଭ ଯଦିଓ ଭଲ ହୋଇ ନ ଥିଲା ତେବେ ମିଡିଲ ଅର୍ଡର ବ୍ୟାଟରଙ୍କ ଉପଯୋଗୀ ଅବଦାନ ଯୋଗୁ ଦଳ ସମ୍ମାନଜନକ ସ୍କୋର କରି ପାରିଥିଲା। ଶୁବମନ ଗିଲ୍ ଓ ଡେଭିଡ ମିଲର ଭଲ ଆରମ୍ଭ କରିଥିଲେ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଶୁବମନ ୩୪ ବଲ୍‌ରୁ ୪୫ (୪ ଚୌକା, ୧ ଛକା) ଏବଂ ମିଲର ୩୦ ବଲ୍‌ରୁ ୪୬ (୩ ଚୌକା, ୨ ଛକା) ରନକରି ସନ୍ଦିପ ଶର୍ମାଙ୍କ ଶିକାର ହୋଇଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲ୍‌ରୁ ୨୮ (୩ ଚୌକା, ୧ ଛକା) ଓ ଅଭିନବ ମନୋହର ୧୩ ବଲ୍‌ରୁ ୨୭ (୩ ଛକା) ରନ କରିଥିଲେ। ରାଜସ୍ଥାନ ବୋଲରମାନେ ଭଲ ବୋଲିଂ କରି ଗୁଜରାଟର କୌଣସି ବ୍ୟାଟରଙ୍କୁ ଅର୍ଦ୍ଧଶତକ ହାସଲ କରିବାକୁ ଦେଇ ନ ଥିଲେ। ସନ୍ଦିପ ଶର୍ମା ସର୍ବାଧିକ ୨ଟି ଉଇକେଟ ନେଇଥିବାବେଳେ ଟ୍ରେଣ୍ଟ ବୋଲ୍ଟ, ଆଡାମ ଜାମ୍ପା ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ରାଜସ୍ଥାନ ମାତ୍ର ୪ ରନରେ ୨ଟି ଏବଂ ୫୫ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମାତ୍ର ସଞ୍ଜୁ ସାମସନ ଧୈର୍ଯ୍ୟ ନ ହରାଇ ଦଳକୁ ଲକ୍ଷ୍ୟ ପଥରେ ଅଗ୍ରସର କରାଇଥିବାବେଳେ ବିଜୟରେ ମୁଣ୍ଡି ମାରିଥିଲେ ହେଟମେର। ସାମସନ ୩୨ ବଲ୍‌ରୁ ୩ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୬୦ ରନ କରିଥିଲେ। ହେଟମେର ୨୬ ବଲ୍‌ରୁ ୫୬ (୨ ଚୌକା, ୫ ଛକା) ରନରେ ଅପରାଜିତ ରହିଥିଲେ।

ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୭୭/୭ (ଡେଭିଡ ମିଲର-୪୬, ଶୁବମନ ଗିଲ-୪୫, ହାର୍ଦ୍ଦିକ ପାଣ୍ଡ୍ୟା-୨୮, ଅଭିନବ ମନୋହର-୨୭, ସନ୍ଦିପ ଶର୍ମା-୨/୨୫, ଆଡାମ ଜାମ୍ପା-୧/୩୨, ଯୁଜବେନ୍ଦ୍ର ଚହଲ-୧/୩୬, ଟ୍ରେଣ୍ଟ ବୋଲ୍ଟ-୧/୪୬)। ରାଜସ୍ଥାନ ରୟାଲ୍ସ ୧୯.୨ ଓଭରରେ ୧୭୯/୭ (ସଞ୍ଜୁ ସାମସନ-୬୦, ଶିମରନ ହେଟମେର-୫୬*, ଦେବଦତ୍ତ ପଡିକାଲ-୨୬, ମହମ୍ମଦ ଶାମି-୩/୨୫, ରଶିଦ ଖାଁ-୨/୪୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୪, ନୁର୍ ଅହମଦ-୧/୨୯)।

ଏକ କ୍ୟାଚ ନେବାକୁ ଉଦ୍ୟମ ଅବସରରେ ରାଜସ୍ଥାନ ରୟାଲ୍ସର ଶିମରନ ହେଟମେର, ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲଙ୍କ ମଧ୍ୟରେ ସଂଘର୍ଷ।

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନ ହାର
ରାଜସ୍ଥାନ ରୟାଲ୍ସ	୫	୪	୧	୮	+୧.୩୫୪
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ	୫	୩	୨	୬	+୦.୭୬୧
ଗୁଜରାଟ ଟାଇଟନ୍ସ	୫	୩	୨	୬	+୦.୧୯୨
ପଞ୍ଜାବ କିଙ୍ଗ୍ସ	୫	୩	୨	୬	-୦.୧୦୯
କୋଲକାତା ନାଇଟ ରାଇଡର୍ସ	୫	୨	୩	୪	+୦.୩୨୦
ଚେନ୍ନାଇ ସୁପର କିଙ୍ଗ୍ସ	୪	୨	୨	୪	+୦.୨୨୫
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର	୪	୨	୨	୪	-୦.୩୧୬
ମୁମ୍ବାଇ ଇଣ୍ଡିଆନ୍ସ	୪	୨	୨	୪	-୦.୩୮୯
ସନ୍‌ରାଇଜର୍ସ ହାଇଦ୍ରାବାଦ	୪	୨	୨	୪	-୦.୮୨୨
ଦିଲ୍ଲୀ କ୍ୟାପିଟାଲ୍ସ	୫	୦	୫	୦	-୧.୪୮୮

ରଣଜୀ ବିଜେତାକୁ ୫ କୋଟି

ପୁରସ୍କାର ରାଶି ବୃଦ୍ଧି

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ ଟୁର୍ନାମେଣ୍ଟଗୁଡ଼ିକ ଲାଗି ପୁରସ୍କାର ରାଶି ବୃଦ୍ଧି କରିଥିବା ରବିବାର ଘୋଷଣା କରିଛି। ଚଳିତବର୍ଷ ରଣଜୀ ଟ୍ରଫି ବିଜେତା ଦଳ ୫ କୋଟି ଟଙ୍କା ପାଇବ। ପୂର୍ବରୁ ଏଥିପାଇଁ ୨ କୋଟି ଟଙ୍କା ପୁରସ୍କାର ରଖାଯାଇଥିଲା। ସେହିପରି ରନରଅପ୍ ଓ ଲୁଜିଂ ସେମିଫାଇନାଲିଷ୍ଟ ଯଥାକ୍ରମେ ୩ କୋଟି ଟଙ୍କା ଏବଂ ୧ କୋଟି ଟଙ୍କା ଲେଖାଏଁ ପାଇବେ। ବିସିସିଆଇ ସମ୍ପାଦକ ଜୟ ଶାହା ଏକ ଟ୍ୱିଟ୍‌ରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଘରୋଇ କ୍ରିକେଟ ହେଉଛି ଭାରତୀୟ କ୍ରିକେଟର ମେରୁଦଣ୍ଡ ଭଳି। ସିନିୟର ମହିଳା ବିଜେତା ଏଣିକି ୬ ଲକ୍ଷ ଟଙ୍କା ପରିବର୍ତ୍ତେ ୫୦ ଲକ୍ଷ ଟଙ୍କା ପାଇବେ। ଇରାନୀ କପ୍ ପୁରସ୍କାରକୁ ଦ୍ୱିଗୁଣିତ କରାଯାଇଛି। ବିଜେତା ଦଳ ଏଣିକି ୨୫ ଲକ୍ଷ ପରିବର୍ତ୍ତେ ୫୦ ଲକ୍ଷ ଟଙ୍କା ପାଇବ। ରନରଅପ୍ ପାଇଁ କୌଣସି ଆର୍ଥିକ ପୁରସ୍କାର ନ ଥିଲା। କିନ୍ତୁ ଏଣିକି ୨୫ ଲକ୍ଷ ଟଙ୍କା ମିଳିବ। ଦୁଲିପ ଟ୍ରଫି ଚାମ୍ପିୟନ ୧ କୋଟି ଟଙ୍କା ଏବଂ ରନରଅପ୍ ଦଳ ୫୦ ଲକ୍ଷ ଟଙ୍କା ପାଇବାକୁ ଥିବା ବେଳେ ବିଜୟ ହଜାରେ ଟ୍ରଫି ବିଜେତା ୧ କୋଟି ଟଙ୍କା ଏବଂ ଦ୍ୱିତୀୟ ଶ୍ରେଷ୍ଠ ଦଳ ୫୦ ଲକ୍ଷ ଟଙ୍କା ପାଇବ। ଦେଓଧର ଟ୍ରଫି ବିଜେତା ୪୦ ଲକ୍ଷ ଓ ଲୁଜିଂ ଫାଇନାଲିଷ୍ଟ ୨୦ ଲକ୍ଷ ଟଙ୍କା ପାଇବ। ସେହିପରି ସୟଦ ମୁସ୍ତାକ ଅଲି ଟ୍ରଫି ଚାମ୍ପିୟନ ୮୦ ଲକ୍ଷ ଟଙ୍କାର ଏକ ଚେକ୍ ଏବଂ ପରାଜିତ ଦଳ ୪୦ ଲକ୍ଷ ଟଙ୍କା ପାଇବ।

ମହିଳା କ୍ରିକେଟରେ ମଧ୍ୟ ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ସିନିୟର ମହିଳା ଦିନିକିଆ ଟ୍ରଫି ହାସଲ କରିଥିବା ଦଳକୁ ୫୦ ଲକ୍ଷ ଟଙ୍କାର ଚେକ୍ ଏବଂ ରନରଅପ୍ ଦଳ ପାଇଁ ୨୫ ଲକ୍ଷ ଟଙ୍କାର ଚେକ୍ ବ୍ୟବସ୍ଥା ହୋଇଛି। ସିନିୟର ମହିଳା ଟି୨୦ ଟ୍ରଫି ପୁରସ୍କାର ରାଶିକୁ ୮ଗୁଣା ବୃଦ୍ଧି କରାଯାଇ ୪୦ ଲକ୍ଷ ଟଙ୍କା ରଖାଯାଇଛି।

ଆଜିଠୁ ବାରବାଟୀରେ ଏନ୍‌ସିଏ କ୍ୟାମ୍ପ

ଭୁବନେଶ୍ୱର, ୧୬।୪ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶା କ୍ରିକେଟ ଅ।ସୋ।ସି ଏଶନ ସହଯୋଗରେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର କ୍ୟାମ୍ପ ସୋମବାରଠାରୁ କଟକର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ମନୋନୀତ ୧୬ ବର୍ଷରୁ କମ୍ ପିଲାମାନେ ଏହି କ୍ୟାମ୍ପରେ ତ୍ରେନିଂ ନେବେ। ମେ ୧୧ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲିବ। ବିଭିନ୍ନ ରାଜ୍ୟରୁ ମୋଟ ୨୫ ଖେଳାଳି ଓ ୯ ସପୋର୍ଟ ଷ୍ଟାଫ୍ ଏହି କ୍ୟାମ୍ପର ଅଂଶବିଶେଷ ରହିବେ।



ଟାଉନ୍ କ୍ଲବ 'ଏ', ପାରାମାଉଣ୍ଟ ବିଜୟୀ

୧୫ ବର୍ଷରୁ କମ୍ କ୍ରିକେଟ

ଭୁବନେଶ୍ୱର, ୧୬।୪ (କ୍ରୀଡ଼ା ପ୍ରତିନିଧି)

ଟାଉନ୍ କ୍ଲବ ଆନୁକୂଲ୍ୟରେ ଏହାର ନିଜସ୍ୱ ପଡ଼ିଆରେ ଚାଲିଥିବା ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସ୍କାର ସ୍ପୋର୍ଟିଂକୁ ଟାଉନ୍ କ୍ଲବ 'ଏ' ଏବଂ ବିବିସିଏକୁ ପାରାମାଉଣ୍ଟ ସ୍ପୋର୍ଟିଂ ପରାସ୍ତ କରିଛି। ଓସ୍କାର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ମାତ୍ର ୫୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଟାଉନ୍ କ୍ଲବ-ଏ ବୋଲରଙ୍କ ମଧ୍ୟରେ ପ୍ରଜ୍ୟୋତ ସାମଲ ୪ ଓଭରରେ ମାତ୍ର ୩ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ଆଦିତ୍ୟ ନିଗମ ଦାସ ୩ଟି ଓ ବୈଭବ ଘୋଷ ୨ଟି ଉଇକେଟ ନେଇଥିଲେ। ୫୭ ରନ ବିଜୟ ଲକ୍ଷ୍ୟକୁ ଟାଉନ୍‌କ୍ଲବ ୧୨ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଅର୍ନବ ପଟ୍ଟନାୟକ ସର୍ବାଧିକ ୩୧ ରନ କରିଥିଲେ। ଚମତ୍କାର ବୋଲିଂ ପାଇଁ ପ୍ରଜ୍ୟୋତଙ୍କୁ ପୂର୍ବତନ ଖେଳାଳି ରଞ୍ଜନ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ୧୬.୫ ଓଭରରେ ୫୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ପାରାମାଉଣ୍ଟ ବୋଲର ଏସ.କେ.ନକିବ ସରବର ୪ଟି ଓ ସ୍ୱସ୍ତିକ ଚୌଧୁରୀ ୩ଟି ଉଇକେଟ ନେଇଥିଲେ। ୫୯ ରନ ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୯.୪ ଓଭରରେ ୧ ଉଇକେଟ ହରାଇ ହାସଲ କରିଥିଲା। କ୍ରିକେଟ ପ୍ରଶିକ୍ଷକ ବିଜୟାନନ୍ଦ ମାଝି ଅତିଥିଭାବେ ଯୋଗଦେଇ ସରବରଙ୍କୁ ପୁରସ୍କୃତ କରିଥିଲେ।

ଗଞ୍ଜାମ ୯ ଉଇକେଟରେ ବିଜୟୀ

କଳାହାଣ୍ଡି କପ୍

ଭୁବନେଶ୍ୱର, ୧୬।୪ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ କ୍ୱାଲିଫାୟର ମ୍ୟାଚରେ ଗଞ୍ଜାମ ୯ ଉଇକେଟରେ କୋରାପୁଟକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଆୟୋଜିତ ମ୍ୟାଚରେ ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋରାପୁଟ ୨୭.୩ ଓଭରରେ ୯୦ ରନରେ ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର ଶ୍ରୀନିବାସ ମହାପାତ୍ର ନିଜର ୮ ଓଭର ସ୍ପେଲ୍‌ରେ ମାତ୍ର ୧୮ ରନ ଦେଇ ୪ ଉଇକେଟ ନେଇଥିଲେ। କେ. ଈଶ୍ୱର ପ୍ରସାଦଙ୍କୁ ୨ଟି ଉଇକେଟ ମିଳିଥିଲା। ଗଞ୍ଜାମ ୧୧.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ୯୩ ରନ ସଂଗ୍ରହ କରି ନେଇଥିଲା। ବି. ସନ୍ତୋଷ କୁମାର ୩୨ ବଲ୍‌ରୁ ୪୭ ରନ୍‌କରି ଅପରାଜିତ ରହିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ